Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

Vol. 34 | ISSUE 84 | ଭାଗ ୩୪ | ସଂଖ୍ୟା ୮୪
Bhubaneswar | Monday 16 June 2025 | Page 8 Rs. 4.00
ଭୁବନେଶ୍ୱର ସୋମବାର ୧୬ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

ରଜ ମଉଜ
1 Million+ FOLLOWERS Thank you! YouTube
ମୋବାଇଲ୍ ଯେଉଁଠି ସଂଚାର ଲାଇଭ୍ ସେଇଠି

# ଝାଡ଼ାବାନ୍ତିରେ ଆକ୍ରାମାକ୍ତ ସ୍ୱାସ୍ଥ୍ୟ ବିଭାଗ



**ଭୁବନେଶ୍ୱର, ୧୫।୬ (ସଂଚାର ବ୍ୟୁରୋ):** ରାଜ୍ୟରେ ନୂଆ ସରକାର ଆସିବାକୁ ବର୍ଷେ ମାତ୍ର ପୂରିଛି। ହେଲେ ଛାଡାବାନ୍ତିର ଗୋଟିଏ ପରେ ଗୋଟିଏ ଜିଲ୍ଲା ଆକ୍ରାମାକ୍ତ ହେଉଛି। କିଛି ମାସ ତଳେ ପୁରୀ ଜିଲ୍ଲା କଣାସରେ ହଇଜାରେ ୩ଜଣଙ୍କ ମୃତ୍ୟୁ ହୋଇଥିଲା। ଏବେ ପୁଣି ଯାଜପୁରରେ ମାତିଛି ହଇଜା। ବାରମ୍ବାର ହଇଜା ଓ ଝାଡାବନ୍ତିକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ବିଭାଗର ପାରିବାପଣିଆକୁ ନେଇ ପ୍ରଶ୍ନ ଉଠିଛି।

ରାଜ୍ୟରେ ଝାଡାବାନ୍ତିରେ ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ପ୍ରତିଦିନ ଏହି ତାଲିକାରେ ଯୋଡି ହେଉଛି ନୂଆ ନୂଆ ଜିଲ୍ଲା। ଗୋଟିଏ ଗୋଟିଏ ଅଂଚଳରେ ଅଚାନକ ମାଡି ଯାଉଛି ଡାଇରିଆ ଆଉ ଯାଉଛି ଜୀବନ। ଯାଜପୁରରେ ଡାଇରିଆ ସ୍ଥିତି ଉଦବେଗଜନକ ଥିବାବେଳେ ଝାଡ଼ାବାନ୍ତି ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଡେଇଁବାରେ ଲାଗିଛି। ଯାଜପୁର ପରେ କେନ୍ଦ୍ରାପଡ଼ା, କଟକ, ଢେଙ୍କାନାଳ, କେନ୍ଦୁଝର, ଭଦ୍ରକରୁ ଚିହ୍ନଟ ହୋଇଛନ୍ତି ଝାଡାବାନ୍ତି ଆକ୍ରାନ୍ତ।

ଯାଜପୁର ଜିଲ୍ଲାର ଏବେ ବି ସ୍ଥିତି ଭୟଙ୍କର ରହିଛି। ୧୦ ବ୍ଲକରେ ୧୭ ଶହରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସରକାରୀ ଭାବେ ସ୍ପଷ୍ଟ କରାଯାଇନଥିଲେ ବି ଜିଲ୍ଲାରେ ୧୫ ଜଣଙ୍କର ମୃତ୍ୟୁ ହେଲାଣି। ବଡ଼ କଥା ହେଉଛି ୧୧ ନମୁନାରୁ ହଇଜା ➪ପୃଷ୍ଠା-୬

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପାରିବାପଣିଆକୁ ନେଇ ପ୍ରଶ୍ନ**

**ଯାଜପୁର ପରେ ୬ଜିଲ୍ଲାକୁ ବ୍ୟାପିଲାଣି ସଂକ୍ରମଣ**

**୧୫ଜଣଙ୍କ ହଇଜା ଓ ଝାଡ଼ାବାନ୍ତିରେ ମୃତ୍ୟୁ ଆଶଙ୍କା**

**ଆଜି ବି ଯାଜପୁରରେ ଚିହ୍ନଟ ହୋଇଛନ୍ତି ନୂଆ ରୋଗୀ**

**ବ୍ୟବସ୍ଥା ଉପରୁ ଆସ୍ଥା ହରେଇ ଠାକୁରାଣୀ ପୂଜା ଆରମ୍ଭ**

**ବରୀରେ ବନ୍ଦ ରହିବ ହୋଟେଲ୍, ଢାବା**

## ସ୍ଥିତି ସମ୍ଭାଳିବାକୁ ହସ୍ତକ୍ଷେପ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୧୫।୬ (ସଂଚାର ବ୍ୟୁରୋ):** ଯାଜପୁର ଏବଂ କେନ୍ଦୁଝର ଜିଲ୍ଲାର କିଛି ଅଞ୍ଚଳରେ ଝାଡାବାନ୍ତି ବ୍ୟାପି ଥିବାର ଖବର ଆସିବା ମାତ୍ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସମସ୍ତଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାପାଇଁ ଜିଲ୍ଲାର ସବୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ହାଇ ଆଲର୍ଟ ମୋଡରେ ରଖାଯିବାକୁ ନିର୍ଦ୍ଦେଶ ଦିଆ ଯାଇଛି। ଏହା ସହିତ ଯାଜପୁର ଜିଲ୍ଲାର ସମସ୍ତ ପାନୀୟ ଜଳ ଉତ୍ସକୁ ଯଥାଶୀଘ୍ର ବିଶୋଧନ କରିବା ଓ ଅନ୍ୟାଦେଶ ପର୍ଯ୍ୟନ୍ତ ରାସ୍ତାକଡ ଖାଦ୍ୟ ଉପରେ କଟକଣା ଜାରି କରିଛନ୍ତି। ପଡୋଶୀ ଜିଲ୍ଲାକୁ ଯେପରି ଏହି ରୋଗ ନ ବ୍ୟାପିବ ସେଥିପାଇଁ ସେମାନଙ୍କୁ ସଜାଗ ରହିବା ପାଇଁ ➪ପୃଷ୍ଠା-୬

## ୬ଦିନ ପରେ ଯାଜପୁରରେ ପହଁଚିଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ଘରକୁ ଘର ଅଭିଯାନ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ**



ଯାଜପୁର, ୧୫।୬ (ସଂଚାର ବ୍ୟୁରୋ): ଯାଜପୁରରେ ହଇଜା ବ୍ୟାପିବାର ୬ଦିନ ପରେ ଜିଲ୍ଲାରେ ପହଁଚିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ। ରାଜ୍ୟସ୍ତରୀୟ ବରିଷ୍ଠ ଅଧିକାରୀ ଏବଂ କେନ୍ଦ୍ରୀୟ ଟିମ୍ ସହ ସେ ଆଜି ଯାଜପୁର ଓ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସବ୍ ଡିଭିଜନର ପ୍ରଭାବିତ ଅଂଚଳରେ ଡାଇରିଆ ସ୍ଥିତିର ନିରୀକ୍ଷଣ କରିଛନ୍ତି। ଆଜି ମନ୍ତ୍ରୀ ଡଃ ମହାଲିଙ୍ଗ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ➪ପୃଷ୍ଠା-୬

**ଅହମ୍ମଦାବାଦ ହରର୍**

## ଚାଲିଛି ମୃତକଙ୍କ ପରିଚୟ ଖୋଜା

- ଡିଏନଏ ଟେଷ୍ଟ ହିଁ ଶେଷ ଆଶା
- ଏବେ ସୁଦ୍ଧା ୪୧ ନମୁନା ମ୍ୟାଚ କରିଛି



**ଅହମ୍ମଦାବାଦ, ୧୫।୬:** ଅହମ୍ମଦାବାଦ ବିମାନ ଟ୍ରାଜେଡିକୁ ବିତିଲାଣି ୩ ଦିନ। ଏଯାଏଁ ଶୁଖୁନି ଆତ୍ମୀୟ ସ୍ୱଜନଙ୍କ ଲୁହ ଆଉ ବନ୍ଧୁ ପରିଜନଙ୍କ ମୃତଦେହ ଅପେକ୍ଷାରେ ଅଧିକାଂଶ ପରିବାର। ଡିଏନଏ ପରୀକ୍ଷାର ବିଧି ବ୍ୟବସ୍ଥା ଭିତରେ ୨୪୮ଟି ମୃତଦେହ ମଧ୍ୟରୁ ଏଯାଏଁ ୪୧ଟିର ନମୂନା ମ୍ୟାଚ୍ କରିଛି। ତା ଭିତରେ ଅଛି, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣିଙ୍କ ମରଶରୀର। ସିଭିଲ୍ ହସ୍ପିଟାଲ୍ ପକ୍ଷରୁ ଆଜି ୧୬ ଜଣଙ୍କ ମୃତଦେହ ହସ୍ତାନ୍ତର କରାଯାଇଛି ସେମାନଙ୍କ ପରିବାରକୁ। ମୃତକଙ୍କ ପରିଚୟ ଜାଣିବାକୁ ଡିଏନଏ ଟେଷ୍ଟର ବିଧିବ୍ୟବସ୍ଥା ଭିତରେ ବଢ଼ିବାରେ ଲାଗିଛି ଆତ୍ମୀୟ ସ୍ୱଜନଙ୍କ ଭିଡ଼। କାରଣ ଡିଏନଏ ରିପୋର୍ଟ ହିଁ କହୁଛି, ➪ପୃଷ୍ଠା-୬

**ପୁଣି ଜଗନ୍ନାଥ ସଂସ୍କୃତିକୁ ଇସ୍କନର ଅବମାନନା**

## ଅଦିନରେ ପାଳିଲା ସ୍ନାନଯାତ୍ରା



**ଭୁବନେଶ୍ୱର, ୧୫।୬ (ସଂଚାର ବ୍ୟୁରୋ):** ସୁଧୁରୁ ନାହିଁ ଇସ୍କନ। ଇସ୍କନ ପକ୍ଷରୁ ପୁଣି ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଅବମାନନା। ଆମେରିକାର ବିଭିନ୍ନ ସହରରେ ଇସ୍କନ ମହାପ୍ରଭୁଙ୍କର ସ୍ନାନ ଯାତ୍ରା ଭିନ୍ନ ଭିନ୍ନ ଦିବସରେ କରିଥିବା ବେଳେ ଏହା ଶାସ୍ତ୍ରୀୟ ମତ ଅନୁସାରେ ହୋଇ ନଥିବା ନେଇ ଖୋଦ ଗଜପତି ମହାରାଜା କ୍ଷୋଭ ପ୍ରକାଶ କରିଛନ୍ତି। ଏ ନେଇ ଗଜପତି ମହାରାଜା ଇସ୍କନ କାର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି। ଇସ୍କନ ଗର୍ଭର୍ଣ୍ଣିଂ ବଡି କମିସନର ଅଧକ୍ଷଙ୍କୁ ଆଜି ପତ୍ର ଲେଖିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଗଜପତି ମହାରାଜା ନିଜ ପତ୍ରରେ ଅତି ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ, ଭାରତ ବାହାରେ ବିଭିନ୍ନ ଦେଶର ଇସ୍କନ କେନ୍ଦ୍ର ତଥା ମନ୍ଦିରଗୁଡ଼ିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ

**କ୍ଷୋଭ ପ୍ରକାଶ କଲେ ଗଜପତି**

ସ୍ନାନଯାତ୍ରା ଏବଂ ରଥଯାତ୍ରା ଶାସ୍ତ୍ରରେ ଅନୁମୋଦିତ ନ ଥିବା ତିଥିରେ ପାଳନ କରୁଥିବା ନଜରକୁ ଆସିଛି। ଏହା ସମ୍ପୂର୍ଣ୍ଣ ରୂପେ ଶାସ୍ତ୍ର ବିରୋଧୀ କାର୍ଯ୍ୟ। ବିଭିନ୍ନ ଇସ୍କନ ମନ୍ଦିର ପକ୍ଷରୁ ଇଣ୍ଟରନେଟରେ ଏସମ୍ପର୍କରେ ଦିଆଯାଇଥିବା ଘୋଷଣାନାମାକୁ ମଧ ଚିଠି ସହିତ ସଂଲଗ୍ନ କରାଯାଇଛି। ଗଜପତି ମହାରାଜା ଲେଖିଛନ୍ତି ➪ପୃଷ୍ଠା-୬

## ଜାତି ପ୍ରମାଣପତ୍ର ଚିନ୍ତାରୁ ମିଳିବ ମୁକ୍ତି



**ବଡ଼ ସଂସ୍କାର ଆଣିବ ରାଜସ୍ୱ ବିଭାଗ**

**ଭୁବନେଶ୍ୱର, ୧୫।୬(ସଂଚାର ବ୍ୟୁରୋ):** ରେସିଡେଣ୍ଟ୍ ସାର୍ଟିଫିକେଟ୍ ଓ କାଷ୍ଟ ସାର୍ଟିଫିକେଟ୍ ପ୍ରାୟ ସମସ୍ତଙ୍କର ଆବଶ୍ୟକ ପଡ଼ିଥାଏ। ଏଥିପାଇଁ ପ୍ରତି ୬ ମାସରେ ଥରେ ତହସିଲ ଅଫିସକୁ ଦୈଡିବାକୁ ପଡିଥାଏ। କିନ୍ତୁ ଏବେ ଏଥିରୁ ମିଳିବ ମୁକ୍ତି। ଆଗକୁ ବାରମ୍ବାର ତହସିଲ ଅଫିସକୁ ଦଉଡିବାକୁ ପଡିବନି। ଥରେ କାଷ୍ଟ ସାର୍ଟିଫିକେଟ୍ ବା ଜାତିଗତ ପ୍ରମାଣପତ୍ର ବାହାର କଲେ ତାହା ସବୁଦିନ ପାଇଁ କାମରେ ଲାଗିବ। ମୁଖ୍ୟତଃ ଅନୁସୂଚିତ ଜାତି ଓ ଜନଜାତିର ଲୋକଙ୍କୁ ଜୀବନରେ ଥରେ ସାର୍ଟିଫିକେଟ୍ ବାହାର କରିବାକୁ ପଡ଼ିବ। ଏସଇବିସି ଓ ଓବିସି ବର୍ଗଙ୍କ ପାଇଁ କିନ୍ତୁ ପୂର୍ବ ନିୟମ ବଳବତ୍ତର ରହିବ। ଠିକ୍ ସେହିପରି ରେସିଡେଣ୍ଟ ସାର୍ଟିଫିକେଟ୍ ବା ଆବାସିକ ପ୍ରମାଣପତ୍ର ➪ପୃଷ୍ଠା-୬

## ସୁରକ୍ଷିତ ରହିବ ଓଡ଼ିଶା ଉପକୂଳ

**ଭୁବନେଶ୍ୱର, ୧୫।୬(ସଂଚାର ବ୍ୟୁରୋ):** ଓଡ଼ିଶା ଉପକୂଳରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକରୁ ଅଧିକ ସୁଦୃଢ଼ କରିବା ପାଇଁ ନୂଆ ପଦକ୍ଷେପ ନିଆଯାଉଛି। କୋଷ୍ଟଗାର୍ଡ ପକ୍ଷରୁ ଓଡ଼ିଶା ଉପକୂଳରେ ୨ଟି ରାଡାର୍ ଷ୍ଟେସନ୍ ପ୍ରତିଷ୍ଠା କରାଯିବ। ଗୋପାଳପୁରରେ ମୋବାଇଲ୍ ସର୍ଭିଲାନ୍ସ ବ୍ୟବସ୍ଥା ରହିବ ଏବଂ ଭୁବନେଶ୍ୱରରେ କୋଷ୍ଟାଲ୍ କମାଣ୍ଡ୍ କେଣ୍ଟ୍ରୋଲ୍ ସିଷ୍ଟମ୍ ଗଠନ କରାଯିବ। ବର୍ଷକ ଭିତରେ ଏହିସବୁ ବ୍ୟବସ୍ଥା ପ୍ରତିଷ୍ଠା କରାଯିବ। ଆଜି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ଭେଟିବା ଅବସରରେ କୋଷ୍ଟଗାର୍ଡ ଡିଜି ପ୍ରମେଶ ଶିବମଣି ଏନେଇ ଆଲୋଚନା କରିଥିବା ସୂଚନା ମିଳିଛି। ଓଡ଼ିଶାରେ ଅନୁପ୍ରବେଶ ବଢ଼ୁଛି ବୋଲି



**୨ ରାଡାର୍ ଷ୍ଟେସନ୍ ପ୍ରତିଷ୍ଠା କରିବ କୋଷ୍ଟଗାର୍ଡ**

**ଗୋପାଳପୁରରେ ମୋବାଇଲ୍ ସର୍ଭିଲାନ୍ସ**

**ଭୁବନେଶ୍ୱରରେ କୋଷ୍ଟାଲ କମାଣ୍ଡ କଣ୍ଟ୍ରୋଲ ସିଷ୍ଟମ**

ବାରମ୍ବାର ଅଭିଯୋଗ ହୋଇଆସୁଛି। ସେହିଭଳି ଓଡ଼ିଶାରେ ଦେଶର ପ୍ରତିରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟି ରହିଛି। ତେଣୁ ଶତ୍ରୁରାଷ୍ଟ୍ରମାନଙ୍କ ନଜର ଓଡ଼ିଶା ଉପରେ ରହିଆସିଛି। ଏଥିପାଇଁ ଓଡ଼ିଶାର ତଟ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ହେବା ଜରୁରି ହୋଇପଡ଼ିଛି। ଆଜି ଏହି ମର୍ମରେ କୋଷ୍ଟଗାର୍ଡ ଡିଜି ଶିବମଣି ଓ ଓଡ଼ିଶା ଡିଜିପି ଶ୍ରୀ ଖୁରାନିଆ ଭୁବନେଶ୍ୱର କ୍ୟାମ୍ପ ଅଫିସରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। କୋଷ୍ଟଗାର୍ଡ ଡିଜିଙ୍କ ସୂଚନାନୁସାରେ ପ୍ରସ୍ତାବିତ ୨ ରାଡାର୍ ସିଷ୍ଟମ୍ ତଟ ସୁରକ୍ଷା ବ୍ୟବସ୍ଥାକୁ ଶକ୍ତିଶାଳୀ କରିବ। ଗୋପାଳପୁରରେ ହେବାକୁ ଥିବା ମୋବାଇଲ ସର୍ଭିଲାନ୍ସ ସିଷ୍ଟମ୍ ଅନୁପ୍ରବେଶକାରୀଙ୍କ ଉପରେ କଡ଼ା ନଜର ରଖିବ। ➪ପୃଷ୍ଠା-୬

## ଏୟାର ଇଣ୍ଡିଆର ଆଉ ଏକ ବିମାନରେ ଯାନ୍ତ୍ରିକ ତ୍ରୁଟି




**ନୂଆଦିଲ୍ଲୀ, ୧୫।୬:** ଏୟାର ଇଣ୍ଡିଆର ଆଉ ଏକ ବିମାନରେ ଯାନ୍ତ୍ରିକ ତ୍ରୁଟି। ରବିବାର କୋଲକାତାରୁ ହିଣ୍ଡନ ଯିବାକୁ ଥିବା ବିମାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଉଡାଣ ବାତିଲ ହୋଇଛି। ଏୟାର ଇଣ୍ଡିଆ ବିମାନ ନମ୍ବର ଆଇଏକ୍ସ ୧୫୧୧ର ଉଡ଼ାଣ ବାତିଲ କରାଯାଇଛି। ଏହି ବିମାନଟି କୋଲକାତାରୁ ସକାଳ ୭ଟାରେ ଛାଡିଥାନ୍ତା, ଉତ୍ତରପ୍ରଦେଶ ଗାଜିଆବାଦ ହିଣ୍ଡନ ଏୟାରପୋର୍ଟରେ ୯ଟା ୨୦ ମିନିଟରେ ପହଞ୍ଚିବାର ଥିଲା। ହେଲେ ଯାନ୍ତ୍ରିକ ତ୍ରୁଟି ଯୋଗୁ ବିମାନଟି ରନୱେରେ ଫସି ରହିଥିଲା। ତେବେ ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଏବଂ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ବିମାନବନ୍ଦର ଅଧିକାରୀମାନେ କହିଛନ୍ତି ➪ପୃଷ୍ଠା-୬

## ଜରୁରୀ ସମୟରେ ଜେଲ୍ ଯାଇଥିବା ସଂଗ୍ରାମୀଙ୍କ ମିଳୁନି ତାଲିକା

- ବର୍ତ୍ତମାନ ସୁଦ୍ଧା ୫୬ ଜଣଙ୍କୁ ମିଳିଛି ସମ୍ମାନ
- ତାଲିକାରେ ନାହାନ୍ତି ବିଶ୍ୱଭୂଷଣ, ପ୍ରସନ୍ନ ଓ ଅନେକ
- ହରଡ଼ଘଣାରେ ପୁଲିସ ପ୍ରଶାସନ



**ଭୁବନେଶ୍ୱର, ୧୫।୬(ସଂଚାର ବ୍ୟୁରୋ) :** ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ କୁହାଯାଉଥିବା ଜରୁରୀ ପରିସ୍ଥିତି ସମୟରେ ଜେଲ୍ ଯାଇଥିବା ସଂଗ୍ରାମୀଙ୍କୁ ସମ୍ମାନିତ ପାଇଁ ରାଜ୍ୟ ସରକାର ଘୋଷଣା କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୫୬ ଜଣ ଚିହ୍ନଟ ହୋଇଛନ୍ତି। ସେହି ସମୟରେ ଜେଲ୍ ଭୋଗିଥିବା ବହୁ ରାଜନେତାଙ୍କ ଖାତା ଖତିଆନ ମିଳୁନଥିବାରୁ ସେମାନେ ତାଲିକାରୁ ବାଦ ପଡିବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ସତୁରୀ ଦଶକରେ ଜାରି ହୋଇଥିବା ଜରୁରୀ ପରିସ୍ଥିତି ସମୟରେ ଓଡିଶାରୁ ହଜାରେରୁ ଅଧିକ ଲୋକଙ୍କୁ ପୁଲିସ୍ ନେଇ ଜେଲରେ ଠୁଙ୍କିଥିଲା। ସେମାନଙ୍କ ମଧ୍ୟରୁ ଅନେକ ମରିହଜି ଯାଇଥିବାବେଳେ ଯେଉଁମାନେ ଜୀବିତ ରହିଛନ୍ତି ସେମାନଙ୍କୁ ରାଜ୍ୟ ସରକାର ସମ୍ମାନିତ କରିବା ସହିତ ମାସିକ ୨୦,୦୦୦ ଟଙ୍କାର ସମ୍ମାନ ରାଶି ଦେବାପାଇଁ ଘୋଷଣା କରିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ତିନି ପର୍ଯ୍ୟାୟରେ ମାତ୍ର ୫୬ଜଣ ଚିହ୍ନଟ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେର ୨୩, ଦ୍ୱିତୀୟରେ ୨୧ ଓ ତୃତୀୟ ପର୍ଯ୍ୟାୟରେ ୧୨ ଜଣଙ୍କୁ ଚିହ୍ନଟ କରାଯାଇଛି। ଜରୁରୀ ପରିସ୍ଥିତି ସମୟରେ ବିଶ୍ୱଭୂଷଣ ହରିଚନ୍ଦନ, ପ୍ରସନ୍ନ ଆଚାର୍ଯ୍ୟ, କୃଷ୍ଣ ଜଗଦେବଙ୍କ ଭଳି ଆଗଧାଡିର ନେତା ଗିରଫ ହୋଇଥିଲେ। ଏମାନଙ୍କ ମଧ୍ୟରୁ ଅନେକ ସମ୍ମାନ ସୂଚକ ରାଶି ନେବାକୁ ମନା କରିଦେଇଥିବାବେଳେ ସେମାନଙ୍କ ନାଁ କିନ୍ତୁ ତାଲିକାରେ ସ୍ଥାନ ପାଇପାରୁ ନାହିଁ। କାରଣ ସେମାନେ ଜରୁରୀ ପରିସ୍ଥିତି ସମୟରେ କେଉଁଠାରେ କେବେ କେତେଦିନ ପାଇଁ ଗିରଫ ହୋଇ କେଉଁ ➪ପୃଷ୍ଠା-୬



**ପୁନେରେ ଭୁଶୁଡ଼ିଲା ପୋଲ**

## ନଦୀରେ ଭାସିଗଲେ ୩୦

**୪ ମୃତ, ୩୨ ଆହତ**

**ମୃତକଙ୍କ ପରିବାରକୁ ୫ ଲକ୍ଷ ସହାୟତା**

**ପୁନେ, ୧୫।୬:** ମହାରାଷ୍ଟ୍ର ପୁନେରେ ଘଟିଛି ବଡ଼ ଅଘଟଣ। ପୁନେ ତଲେଗାଓଁ କୁଣ୍ଡମାଳରେ ଥିବା ଇନ୍ଦ୍ରାୟଣୀ ନଦୀ ଉପରେ ଥିବା ଏକ ପୋଲ ଭୁଶୁଡ଼ିଯିବାରୁ ୨୫ ରୁ ୩୦ ଲୋକ ଭାସି ଯାଇଛନ୍ତି। ଉଦ୍ଧାରକାରୀ ଦଳ ଏପର୍ଯ୍ୟନ୍ତ ୬ ଜଣଙ୍କୁ ଉଦ୍ଧାର କରିଥିବାବେଳେ ୪ ଜଣଙ୍କ ମୃତଦେହ ମିଳିଛି। ଏଥିରେ ୩୨ ଜଣ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏବେ ସର୍ଚ୍ଚ ଅପରେସନ ଜାରି ରହିଛି। ଅନେକ ଲୋକ ନଦୀରେ ବନ୍ୟାଜଳ ଦେଖିବାକୁ ପୋଲ ଉପରେ ଛିଡ଼ା ହୋଇଥିଲେ। ପ୍ରବଳ ବନ୍ୟାଜଳ ଯୋଗୁଁ ହଠାତ ପୋଲଟି ଭୁଶୁଡି ପଡିଥିଲା। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଏହି ➪ପୃଷ୍ଠା-୬

## ଓଡ଼ିଶାର ଗଣ ପର୍ବ ରଜ

ବାସନ୍ତୀ ଲତା ଜେନା

ବରଷକେ ଥାରେ ଆସିଛି ରଜଲୋ
ଆନନ୍ଦ ଉତ୍ସାହ ନେଇ
ସବୁରି ମନରେ ଖୁସିର ଜୁଆର
ରଜ ପାଳିବାର ପାଇଁ ।୧।

ରଜ ପୂର୍ବ ଦିନ ସାଜସଜ୍ଜା ହୁଏ
ଆୟୋଜନ ପାଳନର
ଘର ସଜାଇବା ଦୋଳି ଲଗାଇବା
ପିଠା ମିଠାର ଆସର ।୨।

ରଜ ତିନି ଦିନ ପାଳନ କରନ୍ତି
ଝିଅ ବୋହୂ ଖୁସି ମନ
ପୋଡ଼ ପିଠା ଖାଇ ଦୋଳିରେ
ଝୁଲନ୍ତି
ବାଣ୍ଟି ଥାନ୍ତି ମିଠା ପାନ ।୩।

ପ୍ରଥମ ରଜକୁ ପହିଲି ରଜଲୋ
ଦ୍ୱିତୀୟ ରଜ ସଂକ୍ରାନ୍ତି
ତୃତୀୟ ରଜରେ ଭୂମିଦାହ ହୁଏ
କୃଷି କାମ ନ କରନ୍ତି ।୪।

ପାଦରେ ଅଳତା କପାଳେ କୁଙ୍କୁମ
କୁଆଁରୀ ଝିଅ ପିନ୍ଧନ୍ତି
ନବ ବସ୍ତ୍ର ପିନ୍ଧି ସଜେଇ ହୁଅନ୍ତି
ଦୋଳି ଗୀତ ବୋଲି ଥାନ୍ତି ।୫।

ବାପା ଦାଦା ଭାଇ ତାଆସ ଖେଳନ୍ତି
ବର ଗଛ ମୂଳେ ବସି
ବିଭିନ୍ନ ଖେଳର ଆସର ହୁଅଇ
କେହି ନ ଯାଆନ୍ତି ରୁଷି ।୬।

ଆଦ୍ୟ ଆଷାଢରେ ବରଷା ଝରଇ
ଆକାଶ ମାଟି ମିଳନ
ମାଆ ବସୁମତୀ ରଜବତୀ ହୁନ୍ତି
କୃଷକ ରଜ ପାଳନ ।୭।

ଧରତ୍ରୀ ଅମର ଜନନୀ ସଦୃଶ୍ୟ
ତାକୁ କଷ୍ଟ ନ ଦିଅନ୍ତି
କୃଷକ କ୍ଷେତ୍ରରେ କାମ ନ କରନ୍ତି
ମଜ୍ଜାରେ ଦିନ କାଟନ୍ତି ।୮।

ଚତୁର୍ଥ ଦିବସେ ବସୁମତୀ ସ୍ନାନ
ଲକ୍ଷ୍ମୀ ଗାଧୁଆ କରନ୍ତି
କୃଷକ ଜମିକୁ କାମ କରି ଯାଏ
ମନେ ରଖି ରଜସ୍ମୃତି ।୯।

ରଜ ଆଣି ଥାଏ ଭାଇଚାରା ସୃଷ୍ଟି
ସ୍ନେହ ଶ୍ରଦ୍ଧା ସଦ୍ଭାବନା
ରାଗ ହିଂସା କ୍ରୋଧ ଦୂର ହୋଇ
ଯାଏ
ମନ ମାଳିନ ରହେନା ।

ଓଡିଆ ସଂସ୍କୃତି ପରମ୍ପରା ନୀତି
ମିଳିମିଶି ପାଳୁଥିବା
ନିରସ ଜୀବନ ସରସ କରିବା
ସହଯୋଗୀ ହେଉଥିବା ।

ଗାନ୍ଧୀନଗର, ପୋଷ୍ଟ /ଜିଲ୍ଲା
:ନବରଙ୍ଗପୁର





ପୁଷ୍ପଲତା ମିଶ୍ର



## ଆମ ଗାଁ ବରଗଛ

ଆମ ଗାଁ ବହୁତ ସୁନ୍ଦର ,ସୁନ୍ଦରତା ରେ ଭରପୁର ତାର ଶ୍ୟାମଳ ସବୁଜ କ୍ଷେତ। ଆମ ଗାଁ ଭିତର କୁ ଗଲା ବେଳେ ପଡ଼େ ଗୋଟେ ବର ଗଛ। ମୁଁ ମୋ ଜେଜେ ବାପା ଙ୍କ ପାଖରୁ ଶୁଣିଛି ସେ ବର ଗଛ କେଉଁ କାଳରୁ ଅଛି ,ସେ ତାଙ୍କ ପିଲା ଦିନରୁ ଦେଖି ଆସୁଛନ୍ତି। ସେଇ ବରଗଛ ମୂଳେ ପୂଜା ପାଉଛନ୍ତି ମୁଣ୍ଡ କଟା ଗୋପୀନାଥ ଠାକୁର। ଜେଜେ ବାପା କହୁଥିଲେ କଳା ପାହାଡ଼ ଆସି ତାଙ୍କ ମୁଣ୍ଡ କାଟି ଦେଇଥିଲା। ସେଇ ମୁଣ୍ଡ କଟା ଅବସ୍ଥା ରେ ସେ ପୂଜା ପାଆନ୍ତି ବରଗଛ ମୂଳେ। ଖରା, ବର୍ଷ ଶୀତ ରେ ଖୋଲା ଗଛ ମୂଳେ ବସି ଆମ ଗ୍ରାମ ର ଲୋକ ମାନଙ୍କୁ ସୁରକ୍ଷା ବଳୟ ରେ ତାଙ୍କ ଛତ୍ର ଛାୟା ତଳେ ରଖି ଥାଆନ୍ତି ଗୋପୀନାଥ ଠାକୁର। ଗୋପୀନାଥ ଠାକୁର ଙ୍କର ଅତି ପ୍ରିୟ ଭୋଗ ପାଟକପୁରା ପାଚିଲା କଦଳୀ। ଟିକେ କାହାର ଅସୁବିଧା ହେଲେ ସ୍ୱତ ଭାବେ ପାଟିରୁ ବାହାରି ଆସେ ହେ ଗୋପୀନାଥ ଏହି ବିପଦ ରୁ ସାହା ହୁଅ ପାଚିଲା କଦଳୀ ଭୋଗ ଦେବି। ଗୋପୀନାଥ ଙ୍କ କଦଳୀ ତ ପ୍ରିୟ ସେଥିରେ କାନ୍ଦି କଦଳୀ ବହୁତ ପ୍ରିୟ କାହିଁକି ପ୍ରିୟ ମୁଁ ଜାଣିନି କିନ୍ତୁ ଖାଇବା ଅପେକ୍ଷା ଖାଇବା ଦେବାକୁ ଭଲ ପାଏ ଓଡ଼ିଶା ର ମଉଡ ମଣୀ କାଳିଆ ଠାକୁର , ସେଥିପାଇଁ ବୋଧେ କଦଳୀ ଠାରୁ କାନ୍ଦି କଦଳୀ କୁ ଭଲ ପାଆନ୍ତି ଆମ ଗୋପୀନାଥ। ମୁଣ୍ଡ ସିନା ନାହିଁ ଗୋପୀନାଥଙ୍କର ଯେତେ ଦୂର ରୁ ଭକ୍ତ ଟିଏ ଡାକିଲେ କାନ ଡେରି ସେ ଭକତ ର ଗୁହାରି ଶୁଣନ୍ତି। ଗ୍ରୀଷ୍ମ ପ୍ରବାହ ରେ ସେଇ ବରଗଛ ମୂଳେ ଉପଶମ ମେଣ୍ଟାନ୍ତି। ଖରା ଦିନେ ଖରା ଦାଉରୁ ଶୀତଳ ବାତାବରଣ ଦିଏ ଏଇ ବରଗଛ। ଗାଈ ,ଗୋରୁ ଠାରୁ ଛେଳି ମେଣ୍ଢା ପର୍ଯ୍ୟନ୍ତ ସମସ୍ତେ ଆଶ୍ରୟ ନିଅନ୍ତି ଏଇ ବରଗଛ ମୂଳେ। ଯେତେବେଳେ ଗାଁ କୁ ଯାଉ ଏଇ ବରଗଛ ପାଖରେ ଆପେ ଆପେ ଗାଡ଼ି ଅଟକି ଯାଏ ବରଗଛ ମୂଳେ ସେଠି ଗୋପୀନାଥ ଙ୍କୁ ଦର୍ଶନ କରି ଟିକେ ତା ମୂଳରେ ବସି ଯାଉ ତାପରେ ଗାଁ ଭିତର କୁ ଯାଉ। ମୁଣ୍ଡ କଟା ଗୋପୀନାଥଙ୍କର ମୁଣ୍ଡ ସିନା ନାହିଁ ହେଲେ ବର୍ଷ ରେ ଗୋଟିଏ ପହିଲି ରଜ ଦିନ ଚନ୍ଦନ ରେ ତାଙ୍କର ମୁଣ୍ଡ ତିଆରି ହୁଏ।ସେହି ବରଗଛ ମୂଳେ ଗ୍ରାମ ର ସବୁ ଲୋକ ଯାଇ ବରଗଛ ମୂଳେ ଗୋପୀନାଥ ଙ୍କ ପାଖରେ ଭାଗବତ ପଢନ୍ତି। ଭୂରି ଭୋଜନ ହୁଏ ଯିଏ ଯାଆନ୍ତି ଗୋପୀନାଥ ଙ୍କ ପ୍ରସାଦ ସେବନ କରନ୍ତି। ଗୋଟେ ମଉଛବ ଚାଲେ ସେତେବେଳେ ମନେ ହୁଏ ଯେ ବରଗଛ ହସୁଛି। ସେହି ସମୟ ରେ ବରଗଛ ରେ ନାଲି ନାଲି ରଙ୍ଗ ର ଫଳ ରେ ଶୋଭା ଦିଶୁଥାଏ ଆମ ଗାଁ ବରଗଛ।

ସେ ବରଗଛ ପାଖରୁ ଗାଁ ଭିତର କୁ ପଶିଲେ ପଡେ ଆମର ଧାଡ଼ି ଧାଡ଼ି ଘର ବାପା ବୋଉ, କାକା ଦାଦା ଦଦେଇ କାକି ମା ,ଖୁଡି ବଡ଼ ବାପା ବଡ଼ ବୋଉ ,ସମସ୍ତ ଙ୍କୁ ଦେଖା କଲା ପରେ ଘର ଭିତର କୁ ଯିବା ପୁର୍ବ ରୁ ମନେ ପଡ଼ିଯାଏ ଆମ ସାହି ର ଶେଷ ମୁଣ୍ଡ ରେ ଥିବା ବରଗଛ କଥା। ସେହି ବରଗଛ ମୂଳେ ପୂଜା ପାଉଛନ୍ତି। ସେଇ ବରଗଛ ପାଖରେ ବିତିଛି ମୋ ପିଲାଦିନ ,ଖେଳିବା ବୁଲିବା ,ବରଗଛ ରେ ଦୋଳି ଖେଳିବା ଠୁଁ ଆରମ୍ଭ କରି ଖରା ବେଳେ ତାସ,ଲୁଡୁ ଖେଳ କେତେ ଖେଳିଛୁ ଏଇ ବରଗଛ ମୂଳେ ରେ ବାଲ୍ୟ ଜୀବନ ଠାରୁ କେତେ ଦିନ ଯେ ବିତିଛି ତାହାର କଳନା ନାହିଁ। ସେଇ ବରଗଛ ମୂଳେ ପୂଜା ପାଉଛନ୍ତି ଆମ ଗ୍ରାମ ଦେବତୀ ମର୍ଚିଆଁଣୀ ଠାକୁରାଣୀ। ସେ ବି ସେ ଖୋଲା ବରଗଛ ମୂଳେ ପୂଜା ପାଉଛନ୍ତି କେଉଁ କାଳରୁ। ଠାକୁରାଣୀ ଙ୍କ ପୂଜା କରନ୍ତି ଆମ ଦଦେଇ, ଓ କକେଇ କାହାର କେତେବେଳେ ମାନସିକ ଥିଲେ ଯାଇ ପୂଜା କରନ୍ତି।ଆମ ସାହି ର କାହାର ବିବାହ କି ବ୍ରତ ଘର ହେଲେ କି ଜନ୍ମ ଦିନ କିମ୍ବା ଏକୋଇସଶଆ ପୂଜା ହୁଏ ଠାକୁରାଣୀ ଙ୍କୁ ମାର୍ଜନା କରାଯାଏ।ଆମ ପିଲା ଦିନ ରେ ଆମ ସାହି ର ସବୁ ଝିଅ ବୋହୁ ମାନେ ସନ୍ଧ୍ୟା ସମୟରେ ସନ୍ଧ୍ୟା ଦେଉ କିଛି ସମୟ ସେହି ବରଗଛ ମୂଳେ ବସି ବହୁତ ହସ ଖୁସି ମଜା କରି ଘରକୁ ଫେରି ଶାନ୍ତି ରେ ରାତି ବିତେଇ ଦଉ।ଏବେ ସେହି ବରଗଛ ମୂଳେ ଗୋଟେ ମାଆ ଙ୍କ ପାଇଁ ମନ୍ଦିର ତିଆରି କରାଯାଇଛି। ଗୋଟେ ବଡ଼ ଚଉତରା ହେଇଛି ଓ ଗୋଟେ ଉଦ୍ୟାନ ମଧ ତିଆରି ହୋଇଛି , ସାହି ର ଯାହାର ଯାହା ଭୋଜି ଭାତ ହୁଏ ଏବେ ସେହି ବରଗଛ ମୂଳେ ହେଉଛି। ରଜ ସମୟ ରେ ଦୋଳି ଲାଗେ ଝିଅ ବୋହୁ ମିଶି ଦୋଳି ଖେଳ ଠାରୁ ଆରମ୍ଭ କରି ପାନ ଭଙ୍ଗା ମଧ ହୁଏ।

ଯେତେ ଯାହା ହେଲେ ବି ମୋ ଗାଁ ବରଗଛ ଶାନ୍ତ ସୁନ୍ଦର ନୀରବ ଦ୍ରଷ୍ଟା ସାଜି କୋଉ ଆବାହନ କାଳ ରୁ ସେ ଠିଆ ହେଇ ଛାଇ ଯୋଗାଇ ଚାଲିଛି। ମହା ବାତ୍ୟା ଠାରୁ ଆରମ୍ଭ କରି କେତେ ଯେ ବାତ୍ୟା ସେ ଦେଖିଛି। କେତେ ଝିଅ ତାରି ପାଖ ଦେଇ ଶାଶୁ ଘର ଯାଇଛନ୍ତି କେତେ ବୋହୁ ଆମ ଗାଁ କୁ ଆସିଛନ୍ତି ସବୁ ସେ ଦେଖିଛି ସବୁ ସେ ଜାଣିଛି। କହି ପାରିଲେ କେତେ ହିସାବ ସେ ଦେଇ ପାରିବ। ଆମ ଗାଁ ର କେତେ ପିଲା ତା ଓହଳ ରେ ଖେଳି କୋଉ ବିଦେଶ ରେ ଅଛନ୍ତି ଯେବେ ବି ଗାଁ କୁ ଆସନ୍ତି ଭୂଲନ୍ତି ନାହିଁ ଆମ ଗାଁ ବରଗଛ କୁ ତାରି ଛାଇ ରେ ସମୟ ବିତେଇ ଫେରି ଯାଆନ୍ତି ତାଙ୍କର କର୍ମ କ୍ଷେତ୍ର କୁ।ଆମ ଗାଁ ବରଗଛ ଆମର ରକ୍ଷା କବଚ।

ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭

ଜୟଶ୍ରୀ ପଟ୍ଟନାୟକ



## ଆଣ୍ଟୁକୁଡ଼ି



ଗତ କିଛିଦିନ ହେଲା ସୀମାର ମନ ଉଦାସ ରହୁଛି। ନା ଖାଉଛି ନା ଠିକ ସମୟରେ କିଛି କାମ କରୁଛି ଘରର। ରୋଷେଇ ବାସ କାମ ସାରିଦେଇ ଯୋଉଠି ବସୁଛି ସେଇଠି।ଚିନ୍ତାରେ ଯେମିତି ଭାରାକ୍ରାନ୍ତ ତା ମନ। ଏହି ସମୟରେ ଶାଶୂଘର ଗାଁ ସାଙ୍ଗ ସନ୍ଧ୍ୟାର ଫୋନ ରିଙ୍ଗ ହେଲା। ହାଲୋ! ସେପଟୁ ଶୁଭିଲା ସୀମାର ସ୍ୱର ହାଲୋ! ସନ୍ଧ୍ୟା କହିଲା ତୋର ଆଜି କାଲି କଣ ହୋଇଛି କହିଲୁ? ଫୋନ ନାହିଁ, କଥାବାର୍ତ୍ତା ନାହିଁ, ଗାଁ ରେ ଦେଖା ଦର୍ଶନ ଏତେ ବି ନାହିଁ। ତୁ ତ ଜାଣୁ ରଜ ଆସିଲେ ଗାଁ ରେ କେତେ ଗହଳି। ସବୁ ଝିଅ ବୋହୂ ଆସି ଗାଁ ରେ ବୁଲି ଚାଲି ରଜ ପିଠା ଖାଇ, ଦୋଳି ଝୁଲି ସାଙ୍ଗ ସାଥୀଙ୍କ ଘରକୁ ଯାଇ ସନ୍ଧ୍ୟାରେ ରଜପାରି କରନ୍ତି। ହେଲେ ତୋର କାହିଁ ଦେଖା ନାହିଁ। କଣ ହେଇଚି କି ସୀମା ତୋର ପଚାରିଲା ସନ୍ଧ୍ୟା। କହିଲା ଉତ୍ତରରେ ସୀମା ତୁ ତ ଜାଣୁ ମୋତେ ଗୋଟେ ନୂଆ ନାଁ ମିଳିଛି ଗାଁ ରେ "ଆଣ୍ଟୁକୁଡ଼ି" ଝିଅ ଜନମ କରିଛି ବୋଲି ମୁଁ କୁଆଡେ ଆଣ୍ଟୁକୁଡ଼ି। ତୁମେ ସବୁ ପୁଅ ଜନମ କରିଛ ବୋଲି ସୌଭାଗ୍ୟବତୀ। ତୁମର ଘର, ସମ୍ପତ୍ତି ଭଗବଣ୍ଟା ସବରେ କଥା କହିବାର ଅଧିକାର ଅଛି। ହେଲେ ମୋର ଝିଅ ଜନ୍ମ ହୋଇଛି ଏବଂ ସେ ପର ଘରକୁ ଯିବ ବୋଲି ତାର ସାହି, ପଡିଶା, ଗାଁ ଗଣ୍ଡା କେଉଁଠି ବି କିଛି କହିବାର ଅଧିକାର ନାହିଁ। ବାସ ସେ ମୋ ଝିଅ ଆଉ ମୁଁ ତାକୁ ଜନ୍ମ ଦେଇଛି ବୋଲି ଆଣ୍ଟୁକୁଡ଼ି। ଯେତେ ପାଠ ପଢ଼ାଇଲେ, ପଢିଲେ ବି ସେ ଶାଶୂଘରକୁ ଯିବ ଏହି ଭାବନାରେ। ଝିଅ ଶାଶୂଘର କୁ ଯିବ ବୋଲି ତାକୁ ଘରର ଦାୟିତ୍ୱ ରୁ ବଂଚିତ କରାଯିବ, ସମ୍ପତ୍ତିରୁ, ସ୍ନେହ ପ୍ରେମରୁ ବୋଲି ମୁଁ କେବେ ଭାବି ନ ଥିଲି। ଏପଟେ ନ୍ୟାୟ କହୁଛି ଝିଅ ପୁଅ ସବୁ ସମାନ। ଯୋଉଠି ଝିଅ କି ଝିଅ ଜନ୍ମ କରିଥିବା ମା ର ସମ୍ମାନ ନାହିଁ ସେ ଗାଁକୁ ଯାଇକି ମୁଁ କରିବି କଣ। ଏତକ କଥା ଗୋଟେ ରାହାରେ ଶୁଣିଦେଇ ସନ୍ଧ୍ୟା କହିଲା - ଶୁଣୁ ସୀମା ¡ ତୁ ସେଥିପାଇଁ ଜମା ମନଦୁଃଖ କରେନା। ବରଂ ସେତିକି ସମୟ ଯଦି ତାକୁ ପାଠ ପଢାଇ ଉଚ୍ଚ ଶିକ୍ଷିତା କରି ଝିଅକୁ ନିଜ ଗୋଡ଼ରେ ଛିଡା ହେବାର ସାମର୍ଥ ଦେବୁ ସେହି ହେବ ତୋର ମଣିଷ ଜନ୍ମର ମହାପୁଣ୍ୟ। ତାପରେ ସତକୁ ସତ ସୀମା ପାଠ ପଢ଼ି ଜଣେ ପ୍ରଶାସିକା ହୋଇ ବାହା ହୋଇଥିଲା ତା ସମାନ ପଦରେ ଚାକିରୀ କରୁଥିବା ଜଣେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ। ତା ବଡ଼ବାପାର ଦୁଇ ପୁଅ ଘରୋଇ କମ୍ପାନୀ ରେ ଚାକିରୀ କରି ନିଜ ପରିବାର ନେଇ ବାଙ୍ଗାଲୋର ରେ ରହୁଥିଲେ। ଗାଁ ରେ ଜେଜେମା ର ଦେହ ଖରାପ ଶୁଣି ନିଜ ଚାକିରୀକୁ ଗାଁ ପାଖ ଅଫିସକୁ ବଦଳି କରି ଆଣିଲା। ଦିନରେ ଜେଜେମା ପାଖରେ ଜଣେ ମହିଳା କୁ ନିଯୁକ୍ତି ଦେଇ ରାତିରେ ଦେଖା ଚାହାଁ କରୁଥିଲା। ଡାକ୍ତର କହିଲେ ଜେଜେମା କୁଆଡେ ବହୁତ ଦିନ ଆଉ ବଞ୍ଚିବେନି। ସେପଟେ ପିଲାଙ୍କର ପରୀକ୍ଷା ଚାଲୁଥିବାରୁ ବଡବାପାଙ୍କ ଦୁଇପୁଅ ଆସିପାରିବେନି ବୋଲି ମନା କରିଦେଲେ।

ରଜପାଇଁ ଗାଁ ରେ ନାହିଁ ନ ଥିବା ଭିଡ଼। ଫଳ ଦୋକାନ, ଶାଢ଼ୀ ଦୋକାନ, ଗହଣା ଦୋକାନ ଯୋଉଠି ଦେଖ ନାହିଁ ନ ଥିବା ଭିଡ଼। ସମସ୍ତଙ୍କ ଘରେ କୁଣିଆ। ଆଜି ମିଳିବ ସୀମା ଆଉ ଝିଅ ଶ୍ରେୟା କୁ ରଜ ପ୍ରତିଭା ପୁରସ୍କାର। ଏଥିପାଇଁ ଖୁବ ସୁନ୍ଦର ଭାବରେ ସଜା ହୋଇଛି ମଞ୍ଚ। ମଞ୍ଚ ଉପରକୁ ଜଣେ ବିଚାରିକା ପୁରସ୍କାର ନେବା ପାଇଁ ସୀମା ଓ ଝିଅ ଶ୍ରେୟା କୁ ଡାକି ବସାଇଲେ ଏବଂ କହିଲେ- ଆଜି ଝିଅ ଯାଇ ଘର କୋଣରୁ ଯୁଦ୍ଧ ଭୂଇଁ ରେ ପହଂଚିଲାଣି। ଲୋକ ମାନଙ୍କର ଯେଉଁ ହୀନମନ୍ୟତା ରହିଛି ଝିଅ ମାନଙ୍କ ପାଇଁ ସେମାନେ ସୀମା ମାଡାମ ଙ୍କ ଝିଅ ଶ୍ରେୟା ଠାରୁ କିଛି ଶିଖିବା ଦରକାର। ସୀମା ସତରେ କେତେ ସୌଭାଗ୍ୟବତୀ ଏମିତି ଗୋଟିଏ ରତ୍ନକୁ ଜନ୍ମ ଦେଇଛି। ମଞ୍ଚ ସମ୍ମୁଖରେ ବସିଥିବା ଲୋକ ମାନଙ୍କର ତାଳି ରେ ସୀମା ମନ କୁଣ୍ଢେମୋଟ ହୋଇ ଯାଉଥିଲା। ଏଥର କହିବାର ପାଳି ଥିଲା ସୀମା ସାଙ୍ଗ ସନ୍ଧ୍ୟାର। କହିଲା ସନ୍ଧ୍ୟା – ମାମାଉସୀ ମାନେ ଝିଅ ଜନ୍ମ କରିଦେଲେ ଆଣ୍ଟୁକୁଡ଼ି ଆଉ ପୁଅ ଜନ୍ମ କରିଦେଲେ ସୌଭାଗ୍ୟବତୀ ଏସବୁ ହୀନ ଭାବନା ଆମ ସଂକୀର୍ଣ୍ଣ ମନର। ସୀମା ଝିଅ ଶ୍ରେୟା ଏଇ ଗାଁ ର ପାଣି ପବନରେ ବଡ ହୋଇଛି ସେ କାହିଁକି ପ୍ରଶାସିକା ହୋଇପାରିଲା ଆମ ଗାଁ ର କୋଉ ପୁଅ କାହିଁକି ହେଲେନି? କଥା ରହିଛି ଯାହାର ଦୃଢ଼ ମାନସିକତା ରହିଛି କର୍ମ, ନିଷ୍ଠା, ଅଧବସାୟ ଉପରେ ସେ ସେତେ ସଫଳତା ଜୀବନରେ ପାଇଛି। ତାହା ଆମେ ଶ୍ରେୟା ପାଖରେ ପାଇଛୁ। ଯିଏ କି ଏଇ ଗାଁ ପାଣି ପବନରେ ବଢ଼ି ନିଜର କର୍ମ ବଳରେ ବଳୀୟାନ ହୋଇପାରିଛି ତାକୁ ଅଶେଷ ଧନ୍ୟବାଦ ଜଣାଇବା ସହ ରଜ ପ୍ରତିଭା ପୁରସ୍କାର ଗ୍ରହଣ କରିବା ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛୁ। ଶ୍ରେୟାର ମା ସୀମା କୁ ମଧ ରଜ ପ୍ରତିଯୋଗିତାରେ ଭାଗ ନେଇ ଭଲ ପ୍ରଦର୍ଶନ କରିଥିବାରୁ, ତାର ସମଗ୍ର କୃତି ପାଇଁ ସୀମା କୁ ମଧ ପୁରସ୍କୃତ କରାଯାଉଛି। ଉପସ୍ଥିତ ସବୁ ଗ୍ରାମବାସୀ ଙ୍କର କରତାଳି ଶବ୍ଦରେ ସୀମା ନିଜକୁ ସୌଭାଗ୍ୟବତୀ ମନେ କରୁଥିଲା।

**ଗଙ୍ଗନଗର ଛକ, ଭୁବନେଶ୍ୱର-୭**
**ମୋବାଇଲ୍: ୭୯୭୮୧୧୦୪୭୪**



## ସମ୍ପର୍କ

ଡ ଚନ୍ଦ୍ରକଳା ନାୟକ

ଯଦି ସବୁ ରାତି ନିଃସଙ୍ଗ
ସବୁ ଜନ୍ମ ଏକଲା
ତୁମେ କୁହ ଏ ସମ୍ପର୍କ
କଣ ମିଛର ସମ୍ଭାର।
ତଥାପି ତ ବନ୍ଧୁତା ବଢୁଛି
ଶହ ଶହ ଲୋକଙ୍କ ମେଳରେ
ନିରୋଳା ପଣରେ ପୁଣି
ନିର୍ଯ୍ୟାସ ଅପେକ୍ଷାରେ ଥିବା
ପ୍ରଜାପତିର ଡେଣାରେ।
ନିର୍ଜନତାର କୋଳରେ ଶୋଇ
ସମ୍ପର୍କଟା କଣ ବୋଲି
ପଚାରିଲେ ମୁଁ ବା କଣ କହିବି
ତା ହେଲେ ତୁମେ କୁହ
ରାସ୍ତା ମଝିରେ ମା ପଣତ କାନି ଧରି
କାନ୍ଦୁଥିବା ନିରୀହ ଶିଶୁଟି
କାହିଁକି ଖୋଜୁଥାଏ ନିଜର
ଆପଣାର ଲୋକଙ୍କୁ।
ଏଠି ସମ୍ପର୍କଟା ହାତ ଛଡା
ଅଣଲେଉଟା ଆଉ ଉଜୁଡା
ବେଦନାଦୀପ୍ତ ନାହିଁ ନଥିବା ଯନ୍ତ୍ରଣା
ଯେଉଁଥିରେ ନାହିଁ ଦୁଃଖ ନାହିଁ ଅନୁତାପ
ନଥାଏ ସମାଲୋଚନାର ଗନ୍ଧ
ବେଳେବେଳେ ସେଠାରେ ଥାଏ ଭ୍ରମ
ସଂଜ୍ଞା ବିହୀନ ସତ୍ତା
ଅନେକ ସମାରୋହର ସ୍ୱୀକାରୋକ୍ତି
ଅଛି ଏକ ନିବୃତ୍ତ ବଳୟ
ପ୍ରେମ ତ ଏକ ପଦଧ୍ୱନୀ
କାହିଁକି ନା ସମ୍ପର୍କଟା ବେଳେ ବେଳେ
ନିଛାଟିଆ ବରଗଛ ଓହଳ।
ତଥାପି ଦେଖତୁମେ
ଆଖିକୁ ତରାଟି-ସବୁରି ଉର୍ଦ୍ଧରେ
ଏହାର ଏକ ସଂଜ୍ଞା ଅଛି
ସେଥିରେ ତ ଜଗତ ବନ୍ଧା
ତା ପାଇଁ କେବେ ନଥାଏ ଦୂରତା
ଜୀବନଟା ତା ପାଇଁ
ଆଣିଦିଏ ଅନେକ ଅଙ୍କାବଙ୍କା ରାସ୍ତା
ପରିପୂର୍ଣ୍ଣ କରିଦିଏ ଅଜସ୍ର ଶ୍ରଦ୍ଧାର ଶ୍ରୋତସ୍ୱନୀ
ପୁଣି ଭରିଦିଏ ସମ୍ପର୍କରେ ତଟିନୀର ଧାରା।

ଅଧାପିକା, ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ ଛତିଆ, ଯାଜପୁର
ମୋବାଇଲ୍: ୯୪୩୭୯୫୭୬୧୭

## ପୁନେଇଁ ରାତି

ଡଃ ତାନଶ୍ରୀ ପାଣିଗ୍ରାହୀ

ମନ ଆକାଶରେ ଗୋପନରେ ଆସ
ତୁମେ ମୋ ପୁନେଇଁ ରାତି
ଫଗୁରେ ଫଗୁରେ ଖେଳଇ ଫଗୁଣ
ମନ୍ଦ ମଳୟ ପ୍ରୀତି...
ଛୁଇଁ ଛୁଇଁ ଯାଏ ଜୋଛନା ତୁମର
ମୁକୁଳା କବରୀ ତଳେ
ଆଣିଥାଅ ତୁମେ ମୋ ପ୍ରିୟ ସନ୍ଦେଶ
ମନ ସଦା ତାଙ୍କୁ ଝୁରେ...
ପ୍ରଣୟ କାମନା କରେ ଆନ ମନା
ନିଦ ମୋର ଯାଏ ହଜି
ପ୍ରିୟଙ୍କ ପରଶ ପାଏ ମୁଁ ସପନେ
ପ୍ରୀତିରେ ଯାଏ ମୁଁ ହଜି...
ତୁମ ମଧୁମୟ ସ୍ନିଗ୍ଧ ପରଶ
ପ୍ରତୀକ୍ଷାର ନୀରବତା
ସ୍ମୃତି ସବୁ ଏଠି ତାରା ସାଜି ଥାନ୍ତି
କୁହନ୍ତି ମୋ ସାଥୀ କଥା...
ତୁମ ଆଗମନ ଛନ୍ଦେ ଗାଏ ମୁଁ
ପ୍ରେମ ପ୍ରଣୟର ଗୀତି
ମୋ ମନ ବୀଣାରେ ଗୁଞ୍ଜନ ତୋଳ
ତୁମେ ମୋ ପୁନେଇଁ ରାତି ॥

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାଲିଆ,ବାଲେଶ୍ୱର**
**ମୋ -୯୩୩୭୩୦୪୨୯୫**



ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ

## ରଜ: କାଲି ଆଉ ଆଜି




ରଜ ପର୍ବ ଓଡିଆ ସଂସ୍କୃତି ଓ ପରମ୍ପରାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରୁଥିବା ବେଳେ ଏହାକୁ ନେଇ ଘରେ ଘରେ ଉତ୍ସାହ ପରିଲକ୍ଷିତ ହୁଏ। ମାତ୍ର ବେଶ୍ କିଛି ବର୍ଷ ହେଇଗଲାଣି, ରଜର ମଜା ଆଉ ନେଇ ହଉନି। ସବୁ ବର୍ଷ ପରି ଛୁଟି ହେଉଛି, ବୁଲାବୁଲି ବି ହଉଚି, ହେଲେ ରଜର ଯେଉଁ ଭାବ ଓ ଆବେଗ, ତାକୁ ଆଉ ଅନୁଭବ କରିହେଉନି। ଆମ ପିଢ଼ୀର ସବୁଲୋକ ଅଳ୍ପ ବହୁତେ ରଜର ପିଠାପଣା, ଦୋଳିଖେଳ, ନୂଆଲୁଗା, ସଜବାଜକୁ ଅଙ୍ଗେ ନିଭେଇଥିବେ। ଆମ ଛୁଆମାନଙ୍କ ପାଇଁ ଏବେ ଏସବୁ ସାତ ସପନ। ଆଉ ଯଦି ଘରେ ଝିଅଟିଏ ନାହିଁ, ତେବେ ଆହୁରି ଫିକା ପଡ଼ିଯାଉଛି ରଜ। ହେଲେ ରଜ ଆସିଲେ ହିଁ ପୁରୁଣାଦିନର ସ୍ମୃତି ଆଖି ଆଗରେ ମେଘ ପରି ଦାନା ବାନ୍ଧି ଅସରାଏ ବର୍ଷା କରିଦିଏ।

ଆଗରୁ ଗାଁ ଗାଁରେ ଲାଗୁଥିଲା ରକମ ରକମ ଦୋଳି। ଝିଅ ଥାଉ କି ନଥାଉ ଦୋଳିଟେ ପଡ଼ିବ ସଭିଙ୍କ ବାଡ଼ିରେ। କାହା କାହା ଘରେ ଦି'ଦିନ ଆଗରୁ ଦୋଳି ଲାଗିଯାଏ ଯେ ଖୋଲାହୁଏ ପ୍ରାୟ ମାସକପରେ। ଝିଅ ମନଶାନ୍ତି କରି ଖେଳିସାରିବା ଯାଏଁ ଲାଗିଥାଏ ସେ ଦୋଳି। ବଡ଼ ପଟାରେ ଦୁଇପଟ କଣା କରାଯାଇ ଦଉଡ଼ିରେ ବନ୍ଧାହୁଏ ସେ ଦୋଳି। ଗଆଁ ମୁଣ୍ଡ ଆମ୍ବତୋଟାରେ ଗୁଡ଼ାଏ ଦୋଳି ପଡ଼େ। ଉଚ୍ଚ ଉଚ୍ଚ ବାଉଁଶ ଦୋଳି ଉପରକୁ ଉଠିଗଲା ବେଳେ ଧଡ୍ ପଡ୍ ହେଇ ଉଠେ ଛାତି।ଗାଁ ସାରା ଝିଅ ସେଠିକୁ ଖେଳିବାକୁ ଆସନ୍ତି। ପୁଅ ମାନେ ଖେଳନ୍ତି ଲୁଡୁ , ତାସ୍ କବାଡି କି ଖୋ ଖୋ।

ରଜରେ ଯାହା ସବୁଠାରୁ ଭଲଲାଗେ ତାହା ହେଲା ତିନିଦିନଯାକ ପିଠା ଖାଇବାକୁ ମିଳେ। ରୋଷେଇରୁ ସାମୟିକ ଛୁଟି। ଯାହା ଘରକୁ ବି ଯାଅ, ପୋଡ଼ ପିଠା ଖୁଆଇବେ, ପାନ ଖୁଆଇବେ, ଅଳତା-ଲଗେଇ ଛାଡ଼ିବେ। ଆହାଃ! କୁଆଡ଼େ ଗଲା ସେ ଦିନ! ବର୍ତ୍ତମାନର ପିଲାମାନେ ରଜ କହିଲେ ସ୍ଥାନ ସ୍ଥାନରେ ଆୟୋଜିତ ସୁସଜ୍ଜିତ ଦୋଳି, ବିଭିନ୍ନ ପ୍ରତିଯୋଗିତା ଓ ମେଲୋଡ଼ିକୁ ବୁଝନ୍ତି।। ମାତ୍ର ଏଥିରେ ନା ଅଛି ମଧୁରତା ନା ଅଛି ସହୃଦୟତା। ଅନେକ ସ୍ଥାନରେ ପିଠା ପ୍ରତିଯୋଗିତା ହେଉଛି, ମାତ୍ର ସେଥିରେ କଣ ନିଜ ଲୋକର ହାତର ବାସ୍ନା ଥାଏ? ନା ଥାଏ ବଳେଇ ବଳେଇ ଖୁଆଇବାର ଆବଶ୍ୟକତା। କିଣ ଆଉ ଖାଅ।

ରଜ ଛୁଟିକୁ ଅନେଇ ବସୁଥିଲେ ଆମ ସମୟର ପିଲା ମାନେ। ଛୁଟି ହେଲେ ଗାଆଁ କୁ କି ମାମୁଁ ଘରକୁ ଚାଲ। ପହିଲି ରଜକୁ ନୂଆ ଲୁଗା ପିନ୍ଧି, ଅଳତା ଲଗେଇ, ରଜ ପାନ ଖାଇ, ସଜ ହୋଇ ବାହାରି ଯାଅ। ମଝି ରଜ ବା ରାଜ ସଂକ୍ରାନ୍ତି ଦିନ ରଜ ସଜବାଜ। ନୂଆ, ପୁରୁଣା ବୋହୂ ମାନେ, ଝିଅ ମାନେ ବେଶ ପଟା ହୋଇ ଦୋଳି ଖେଳିବେ। ଏହି ଦୋଳି ଖେଳ ବେଳେ ରଜ ଦୋଳି ଗୀତ ବୋଲି ଦୋଳି ବାହିବେ। "ବନସ୍ତେ ଡାକିଲା ଗଜ ବରଷକେ ଥରେ ଆସିଛି ରଜ ଲୋ ଘେନି ନୂଆ ସଜବାଜ"। କିମ୍ବା "ରଜ ଦୋଳି କଟ କଟ, ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ ଦିଶୁଥାଏ ଝଟଝଟ"। ଏମିତି କେତେ ଗୀତ, ଯାହା କେବଳ ପୁସ୍ତକରେ ରହିଯିବ ଆଉ କିଛି ବର୍ଷ ପରେ।

ଏହି ସମୟରେ ଘର କାମ ସଂପୂର୍ଣ୍ଣ ବାରଣ କରାଯାଏ। ଶେଷ ରଜ ଦିନ ହେଉଛି ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିବସ ହେଉଛି ବସୁମତୀ ସ୍ନାନ। ଏହା ଚାଷର ଆରମ୍ଭକୁ ସୂଚାଇଥାଏ। ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜସ୍ୱଳା ହେବା, ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରଜସ୍ୱଳା ହେବାର ଓ ନୂଆ ଶସ୍ୟ ଜନ୍ମ ହେବାର ସାଙ୍କେତିକ ଭାବ ବହନ କରିଥାଏ। ଏହି ଦିନରେ ଚାଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ତିନି ଦିନ ପାଇଁ ବିରତି ନେଇଥାନ୍ତି। ରଜସ୍ୱଳା ହେବା ଯେପରି ନାରୀ ଜୀବନରେ ମାତୃତ୍ୱ ଅର୍ଜନ କରିବାର ପ୍ରଥମ ଲକ୍ଷଣ, ଓ ଗର୍ଭାଧାନ ପରେ ଯେପରି ତାକୁ ବିଶ୍ରାମର ଆବଶ୍ୟକତା ପଡି ଥାଏ, ସେଇପରି ଧରଣୀ ମାତା ଶସ୍ୟଶ୍ୟାମଳାପୂର୍ଣ୍ଣ ହେବାର ଅବ୍ୟବହିତ ପୂର୍ବରୁ ତାହାକୁ ବିଶ୍ରାମ ଦିଆ ଯାଇ ଥାଏ। ସେହି ସମାନ କାରଣରୁ ନାରୀ ମାନଙ୍କୁ ମଧ ଭୂମିରେ ପାଦ ରଖିବା, ରୋଷେଇ, ମସଲା ବଟା ଇତ୍ୟାଦି କାମରେ ବାରଣ କରାଯାଇ ଥାଏ। ପରମ୍ପରା ଅନୁସାରେ ଏହି ଦିନ ଭୂମି ଉପରେ ଖାଲିପାଦରେ ଚାଲିବାକୁ ମନା କରାଯାଇଥାଏ। କୁମାରୀମାନେ ଖାଲି ପାଦରେ ଚାଲନ୍ତି ନାହିଁ, ଅଧିକାଂଶ ସମୟ ଦୋଳିରେ ଝୁଲନ୍ତି ଏବଂ ଗୁଆ ଖୋଳପା କିମ୍ବା ଚପଲ ପିନ୍ଧି ଚଳପ୍ରଚଳ ହୁଅନ୍ତି। ନାରୀତ୍ୱ କୁ ସମ୍ମାନ ଦେଇ ଓଡିଆ ଘରେ ପ୍ରଚଳିତ ଏହି ସୁନ୍ଦର ପରମ୍ପରାକୁ ବର୍ତ୍ତମାନ ମେଲୋଡ଼ି, ସୁନ୍ଦରୀ ପ୍ରତିଯୋଗିତା ପରି ଉଦ୍ଭଟ କାର୍ଯକ୍ରମରେ ରୂପାନ୍ତରିତ କରି ଏହାକୁ ଅବକ୍ଷୟଗାମୀ କରା ଯାଉଚି। ସହରରେ ରହିଥିବା ଲୋକେ ତ ଆଦୌ ରଜ ପର୍ବ ପାଳନକୁ ଗୁରୁତ୍ୱ ଦିଅନ୍ତି ନାହିଁ। ନୂଆ ବର୍ଷ, ବଡ଼ ଦିନ, ଭାଲେଣ୍ଟାଇନ୍ ସପ୍ତାହ ପରି ପାଶ୍ଚାତ୍ୟ ପରମ୍ପରାକୁ ଆମ ଲୋକ ଯେତେ ଗୁରୁତ୍ୱ ଦେଉଛନ୍ତି ସେତିକି ଗୁରୁତ୍ୱ ଆମ ପର୍ବପର୍ବାଣି ପ୍ରତି ନାହିଁ। ଆମେ ଭୁଲି ଯାଉଛୁ କି ଏହି ପରମ୍ପରା ସବୁ କେବଳ ଆନନ୍ଦ ଆଣେ ନାହିଁ, ବରଂ ଏହା ଭାଇଚାରା ଓ ସଦ୍ଭାବ ବଢାଇ ଥାଏ। ବର୍ଷରେ ଥରେ ମିଳିମିଶି ପର୍ବ ପାଳନ ମନରୁ ଗ୍ଲାନି ଦୂର କରେ। ମାତ୍ର ଆଧୁନିକ ମଣିଷ କେବଳ ଚାହେଁ ପାଶ୍ଚାତ୍ୟର ଅନ୍ଧ ଅନୁକରଣ। ତେଣୁ ରଜ ପର୍ବର ପ୍ରକୃତ ମହତ୍ୱ ଆଉ ନାହିଁ। ଘରେ ଦୋଳିଟେ ଲଗାଇବାର ସ୍ଥାନ କିମ୍ବା ମାନସିକତା ବି କାହାରି ନାହିଁ। ପିଠା ପଣା ତ ଦୂରର କଥା। ଛୁଟି ତିନି ଦିନ ବରଂ ଦର୍ଶନୀୟ ସ୍ଥାନ ବୁଲିବାକୁ ଯାଉଛନ୍ତି ସହରୀ ଲୋକେ। ଆଉ କିଛି ସଚେତନ ପିତାମାତା ଛୁଟି ଖୋଲିବାର ଅବ୍ୟବହିତ ପୂର୍ବରୁ ପିଲାଙ୍କର ଛୁଟି ରେ ଦିଆ ଯାଇଥିବା ଗୃହକର୍ମ ଧରି ବସି ଥାଆନ୍ତି। ଛୁଟି ଖୋଲିଲେ ପରୀକ୍ଷା ହେବ, ତେଣୁ ଆଗୁଆ ପିଲାକୁ ପ୍ରସ୍ତୁତ କରିବାରେ ଏମାନେ ଆଦୌ ହେଳା କରି ନଥାନ୍ତି। ପିଲା ଆଉ ରଜ ପାଳିବେ କେମିତି? ଗାଆଁ ପିଲା ବି ଏବେ ପିଠା ଭୁଲି ମ୍ୟାଗି ନୁଡୁଲ୍ସ ଖାଇଲେଣି। ଘରେ ଘରେ ଆଉ ଦୋଳି ଲାଗୁନି। ପାନ ଖଣ୍ଡେ ବି ଯାଚି ଦେଉନାହାନ୍ତି କେହି। ବରଂ ଖୋଲା ମଞ୍ଚରେ ହେଉଛି ଡିଜେ ନାଚ। ସୁନ୍ଦରୀ ପ୍ରତିଯୋଗିତା। ଜୁଆ ଖେଳ ଓ ମଦ୍ୟ ପାନ। ଦିନ ଆସିବ, ଏହି ପରମ୍ପରାକୁ ପିଲାମାନେ କେବଳ ଟିଭି ପରଦାରୁ ଜାଣିବେ ମାତ୍ର ନିଜେ ଅନୁଭବ କରି ପାରିବେ ନାହିଁ। ସ୍ମୃତିରେ ହିଁ ସଜୀବ ରହି ଥିବ ରଜ।

**ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**
**ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪**

# ଜଳାଶୟରେ ବୁଡ଼ି ଦୁଇ ସାଙ୍ଗ ସମେତ ୫ ମୃତ





**ଭୁବନେଶ୍ୱର, ୧୫।୬(ସଂଚାର ବ୍ୟୁରୋ):** ରାଜ୍ୟର ବିଭିନ୍ନ ସ୍ଥାନର ଜଳାଶୟରେ ବୁଡ଼ି ୫ ଜଣ ଯୁବକ-ଯୁବତୀଙ୍କର ମୃତ୍ୟୁ ଘଟିଛି। ମୟୂରଭଂଜ ଜିଲ୍ଲାରେ ୨ ଜଣ ଯୁବକ, କୋରାପୁଟ ଜିଲ୍ଲାରେ ଦୁଇ ଜଣ ଯୁବକ-ଯୁବତୀ ଓ ରାଉରକେଲାରେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି।

ମୟୂରଭଞ୍ଜ ଜିଲ୍ଲା ବାରିପଦାର ୨୧ ନମ୍ବର ୱାର୍ଡର ମଧୁବନ ଏବଂ ମୁର୍ଗାବାଡ଼ିରୁ ଅଙ୍କିତ କୁମାର ଭୂଜବଳ (୨୦) ଏବଂ ରଘୁନାଥପୁର ଅଞ୍ଚଳର ଅଂଶୁମାନ ନାଏକ (୨୦) ଅନ୍ୟ ୫ ଜଣ ସାଙ୍ଗଙ୍କ ସହିତ ମିଶି ଆଜି ପୂର୍ବାହ୍ନରେ ଶିମିଳିପାଳ ବୁଲି ଯାଇଥିଲେ। ସେଠାରେ ସେମାନ ନଦୀରେ ଗାଧେଇବା ସମୟରେ ଅଙ୍କିତ ଓ ଅଂଶୁମାନଙ୍କ ଗୋଡଖସି ଯାଇଥିଲା। ଫଳରେ ସେମାନେ ୨ଜଣ ଭାସିଯାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିଲା। ଉଭୟ ନିଖୋଜ ହେବାର କିଛି ସମୟ ପରେ ଅଗ୍ନିଶମ ବାହିନୀ ୨ଜଣଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା। ଡାକ୍ତରଖାନାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।

ରାଉରକେଲା ଅଧୀନ ତେତେରକେଲା ନିକଟ ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସାଙ୍ଗ ହୋଇ ଗାଧୋଇବା ବେଳେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ଜଣ ସାଙ୍ଗ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ସେହିପରି କୋରାପୁଟ ଜିଲ୍ଲା ଲମତାପୁଟ ଜଲାପୁଟ ଜଳଭଣ୍ଡାରରେ ଏକ ଅଘଟଣ ଘଟିଥିବା କୁହାଯାଉଛି। ଜଲାପୁଟ ଡ୍ୟାମରୁ ୨ ଜଣ ଯୁବକ-ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ଏମାନେ ଗତକାଲି ଠାରୁ ନିଖୋଜ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଜିବା ପରେ ଅଗ୍ନିଶମ ବାହିନୀ ଦ୍ୱାରା ଦୁହିଁଙ୍କର ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଓ ଯୁବତୀ ପାଡୁଆ ଥାନା ଅନ୍ତର୍ଗତ ବନ୍ଦୁର ଓ ବାଇରପଡ଼ା ଗାଁର ବୋଲି ଜଣାପଡ଼ିଛି। ତେବେ କେଉଁ ପରିସ୍ଥିତିରେ ଉଭୟଙ୍କ ମୃତ୍ୟୁ ଘଟିଛି ତାହା ଏ ଯାଏ ସ୍ପଷ୍ଟ ହୋଇନି।

### ଶୃଙ୍ଖଳିତ ଓ ସୁରକ୍ଷିତ ରଥଯାତ୍ରାକୁ ଗୁରୁତ୍ୱ

# ଏଥର ଜଗିବ ଏଆଇ କ୍ୟାମେରା



**ଭୁବନେଶ୍ୱର, ୧୫।୫(ସଂଚାର ବ୍ୟୁରୋ):** ମହାପ୍ରଭୁଙ୍କର ପବିତ୍ର ରଥଯାତ୍ରା ଯେତିକି ପାଖେଇ ଆସୁଛି, ସରକାର, ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନର ଚିନ୍ତା ସେତିକି ବଢ଼ିବାରେ ଲାଗିଛି। ଏହି ରଥଯାତ୍ରାକୁ ତ୍ରୁଟି ଶୂନ୍ୟ, ଶୃଙ୍ଖଳିତ ଏବଂ ସୁପରିଚାଳନା ଭାବେ ସମ୍ପନ୍ନ କରିବା ନିମନ୍ତେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶ ଯୋଗେଶ ବାହାଦୂର ଖରାନିଆ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ରଥଯାତ୍ରା ସୁରକ୍ଷା ପାଇଁ ପ୍ରଥମ ଥର ଲାଗିବ ଏଆଇ କ୍ୟାମେରା, ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଆପ୍ର ଥଯାତ୍ରା ନେଇ ପୁଲିସ ସୁରକ୍ଷା ଚୂଡ଼ାନ୍ତ ହୋଇଛି। ଏ ନେଇ ଭୁବନେଶ୍ୱର ଡିଜିପି କ୍ୟାମ୍ପ୍ ଅଫିସ୍‌ରେ ପୁଲିସ ଡିଜି ଯୋଗେଶ

- **ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଆପ**
- **ରହିବ ଇଣ୍ଟିଗ୍ରେଟେଡ କମାଣ୍ଡ କଣ୍ଟ୍ରୋଲ ରୁମ**

ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ରଥଯାତ୍ରା ସୁରକ୍ଷା ପାଇଁ ଇଣ୍ଟିଗ୍ରେଟେଡ୍ କମାଣ୍ଡ ବ୍ୟବସ୍ଥା ରହିବ। ଡ୍ରୋନ୍ ଏବଂ ଆଣ୍ଟି ଡ୍ରୋନ୍ ବ୍ୟବସ୍ଥା ହୋଇଛି। ଉତ୍ତରା ଛକରୁ ପୁରୀ, ପୁରୀ ସହର ଏବଂ ପୁରୀରୁ କୋଣାର୍କ ପର୍ଯ୍ୟନ୍ତ ସିସିଟିଭି ସର୍ଭେଲାନ୍ସରେ ରଖାଯିବ। ରଥଯାତ୍ରା ପାଇଁ ଆପ୍ କରାଯିବ। ଆପ୍ ଜରିଆରେ ପାର୍କିଂ, ବଡ଼ଦାଣ୍ଡକୁ ରାସ୍ତା, ଭିଡ଼ ବିଷୟରେ ସମସ୍ତ ତଥ୍ୟ ପାଇପାରିବେ ଭକ୍ତ।

ସେହିଭଳି ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଆପ୍ କରାଯିବ। ଭିଡ ନିୟନ୍ତ୍ରଣ ଏବଂ ଦଳାଚକଟା ଅଘଟଣ ରୋକିବାକୁ ଏହି ଆପ୍ ସାହାଯ୍ୟ କରିବ। ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏଭଳି ନିଷ୍ପତ୍ତି ହୋଇଥିବା ପୁଲିସ ଡିଜି ସୂଚନା ଦେଇଛନ୍ତି। ଏହା ସହ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣର ମୁକାବିଲା ନିମନ୍ତେ ସମୁଦ୍ର ମଧ୍ୟରେ ଭାରତୀୟ ନୌସେନା, ଭାରତୀୟ ତଟରକ୍ଷୀ ଓ ଓଡ଼ିଶା ପୁଲିସ ସାମୁଦ୍ରିକ ଥାନାର ମିଳିତ ପାଟ୍ରୋଲିଂ ବ୍ୟବସ୍ଥା ସହ ଜାହାଜରେ କ୍ୟୁଆରଟି ମୁତୟନ, ଆକାଶ ମାର୍ଗରୁ ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଡ୍ରୋନ ଏବଂ ଆଣ୍ଟି ଡ୍ରୋନ ବ୍ୟବସ୍ଥା କରା ଯାଇଛି। ଯେକୌଣସି ପ୍ରତିକୂଳ ପରିସ୍ଥିତିର ମୁକାବିଲା ନିମନ୍ତେ ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ ସହ ଏକ ରକ୍ଷକ ବାହନ ମଧ୍ୟ ପୁରୀ ସହରରେ ମୁତୟନ କରାଯିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଛନ୍ତି। ଏହା ବ୍ୟତୀତ ଅତି ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ପାଇଁ ସ୍ୱତନ୍ତ୍ର ହେଲିପ୍ୟାଡ଼, ପୋଲିସ ଫୋର୍ସଙ୍କ ରହଣି ନିମନ୍ତେ ସ୍ୱତନ୍ତ୍ର ସୁବିଧା, ଶୃଙ୍ଖଳିତ ରଥଟଣା, ବ୍ୟାରିକେଡ଼ ବ୍ୟବସ୍ଥା, ଜିଲ୍ଲା ପ୍ରଶାସନ ସହ ମିଶି ବିଭିନ୍ନ ଅସୁବିଧାର ଆଶୁ ସମାଧାନ ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ସୁବିଧା ଇତ୍ୟାଦି ସମ୍ପର୍କରେ ଡିଜିପି ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ବୈଠକରେ ନିର୍ଦ୍ଦେଶକ (ଗୁଇନ୍ଦା) ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର , ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କମ୍ୟୁନିକେସନ) ଦୟାଲ ଗଙ୍ଗୱାର , ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ଆଇଜି (କେନ୍ଦ୍ରାଞ୍ଚଳ) ଏସ. ପ୍ରବୀଣ କୁମାର, ଆଇଜି (ଅପରେସନ) ଡ. ଦୀପକ କୁମାର, ଆଇଜି (ବିପିଏସପିଏ) ଅନୁପ ସାହୁ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜି (ଏସଆଇଡବ୍ଲୁ) ଡ. କନୱାର ବିଶାଳ ସିଂ ,ଡିଆଇଜି (ଏସଟିଏଫ) ପିନାକ ମିଶ୍ର, ଡିଆଇଜି( କ୍ରାଇମବ୍ରାଞ୍ଚ) ବି. ଗଙ୍ଗାଧର, ଡିଆଇଜି( କାର୍ମିକ) ଯୁଗଳ କିଶୋର ବନୋଥ, ଏସପି (ରେଲୱେ) ବିବେକାନନ୍ଦ ଶର୍ମା, ଏସପି (ପୁରୀ) ଭିନୀତ ଅଗ୍ରୱାଲଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

# ପିତୃ ଦିବସରେ ଲଜ୍ଜା: ବଳାତ୍କାର ଅଭିଯୋଗରେ ଜେଲ ଗଲା ବାପା

**ଦିଗପହଣ୍ଡି, ୧୫।୬ (ସଂଚାର ବ୍ୟୁରୋ) :** ଆଜି ପିତୃ ଦିବସ। ହେଲେ ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ୧୬ ବର୍ଷୀୟା ଝିଅଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତ ବାପାଙ୍କୁ ପୋଲିସ ଗିରଫ କରି ବ୍ରହ୍ମପୁର ପୋକ୍ସୋ କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୨୧୦/୨୫) ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ଦିଗପହଣ୍ଡି ଥାନା ଅଞ୍ଚଳରେ ପ୍ରଥମ ଥର ଏଭଳି କୁତ୍ସିତ ଘଟଣା ଘଟିଥିବା ଆଲୋଚନା ହେଉଛି। ନାବାଳିକାଙ୍କ ମା' ମଜୁରୀ କାମ ପାଇଁ ପ୍ରତିଦିନ ଚାଲି ଯାଉଥିବା ବେଳେ ଗତ ବୁଧବାର ସକାଳେ ଘରେ ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ପିଶାଚ ବାପା ଝିଅଙ୍କୁ ବଳାତ୍କାର କରିଥିଲେ। ଘଟଣା ସଂକ୍ରାନ୍ତରେ କାହାରିକୁ କହିଲେ ମା' ଏବଂ ଝିଅଙ୍କୁ ଜୀବନରେ ମାରିଦେବାର ଧମକ ଦେଇଥିଲେ। ଅନ୍ୟପକ୍ଷେ ପୀଡ଼ିତା ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ଏକ କାଳୀନ ୧୦ଟି ନିଦ ବଟିକା ଖାଇ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଚିକିତ୍ସା ପରେ ତାଙ୍କୁ ଆଈଙ୍କ ଘରେ ରଖାଯାଇଥିଲା। ପରେ ନାବାଳିକା ଜଣକ ସମସ୍ତ ଘଟଣା ମା'ଙ୍କୁ ଜଣାଇବା ପରେ ଏନେଇ ସେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା ରୁଜୁ କର ଏସ୍‌ଆଇ ସୋଫିଆ ମିଶ୍ରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତକାରୀ ଅଧିକାରୀ ଅଭିଯୁକ୍ତ ବାପାଙ୍କୁ ଗିରଫ କରିଥିଲେ।

# ବିସ୍ଫୋରକ ଲୁଟର ମାଷ୍ଟର ମାଇଣ୍ଡ ଗିରଫ



**ରାଉରକେଲା, ୧୫।୬:** ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅଞ୍ଚଳରୁ ବିସ୍ଫୋରକ ଲୁଟ୍ ଘଟଣାର ମୁଖ୍ୟ ଅଭିଯୁକ୍ତ ଜର୍ଜ ମୁଣ୍ଡାଙ୍କୁ ପୁଲିସ ଗିରଫ କରିଛି। ଏନେଇ ଆଜି ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାଓବାଦୀଙ୍କ ଇନଫର୍ମର ସାଜି ଜର୍ଜ ବିସ୍ଫୋରକ ଲୁଟ୍ କରିଥିଲା ବୋଲି ସେ କହିଛନ୍ତି। ରାଉରକେଲା ବାଲୁଘାଟ ପେଟ୍ରୋଲ ପମ୍ପରୁ ବିସ୍ଫୋରକ ଜବତ ଘଟଣାରେ ଗିରଫ ହୋଇଥିବା ବାରୁଦ ବ୍ୟବସାୟୀ ଶ୍ରବଣ ଅଗ୍ରୱାଲ ଓ ତାଙ୍କ ପତ୍ନୀ ନିକିତା ଅଗ୍ରୱାଲଙ୍କୁ ଜେରା କରିବା ସମୟରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିଲା। ଖଣିମାଲିକ ନୀରୋଜ ପାଣ୍ଡେଙ୍କୁ ମଧ୍ୟ ସ୍କାନରରେ ରଖାଯାଇଥିଲା। ଉଲ୍ଲେଖଯୋଗ୍ୟ, ଗତ ମାସ ୨୭ ତାରିଖରେ କୋଇଡ଼ା ବ୍ଲକ୍ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ଖଣିକୁ ଯାଉଥିବା ୫ ଟନ୍ (୨୦୦) ପେଟି ବିସ୍ଫୋରକକୁ ମାଓବାଦୀମାନେ ଲୁଟି ନେଇଥିଲେ। ଗାଡ଼ି ଚାଳକ ଦେଓନାଥ ଟପ୍ପୋଙ୍କ ଏତଲା ପରେ ଘଟଣା ସାମନାକୁ ଆସିଥିଲା। ଓଡ଼ିଶା ସୀମାରୁ ୭ କିମି ଦୂର ଝାଡ଼ଖଣ୍ଡ ଜରେଇକେଲା ତିରିଲପୋଷି ସରଣ୍ଡା ଜଙ୍ଗଲର ବିଟିକିଲ୍‌ସୋୟା, ବାଡ଼ିକୁଦର, ଟୟୋ, ଜାମଡ଼ା ଆଦି ଜାଗାରେ ମାଓବାଦୀମାନେ ଲୁଟ୍ ବିସ୍ଫୋରକ ଲୁଚାଇ ରଖିଥିଲେ।

# ଘର ଭିତରୁ ସନ୍ଦେହଜନକ ଅବସ୍ଥାରେ ନାବାଳିକାଙ୍କ ମୃତଦେହ ଉଦ୍ଧାର



**ପାଟଣାଗଡ଼, ୧୫।୬ (ସଂଚାର ବ୍ୟୁରୋ) :** ସନ୍ଦେହଜନକ ଅବସ୍ଥାରେ ନାବାଳିକାଙ୍କ ମୃତଦେହ ଉଦ୍ଧାର। ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଭଇଁଷା ଗାଁରେ ଘଟିଛି ଘଟଣା । ଗାଁରେ ରହୁଥିବା ମଧୁସୂଦନ ବର୍ଗେ ଓ ତାଙ୍କ ସ୍ତ୍ରୀ ବବିତା ବର୍ଗେ କୌଣସି କାରଣରୁ କାମରେ ଅନ୍ୟ ଗାଁକୁ ଯାଇଥିଲେ । ଘରେ ନାବାଳିକା ଜଣଙ୍କ ଏକୁଟିଆ ରହିଥିଲେ। ତେବେ ବାପାମାଆ ଫେରିବା ପରେ ଝିଅକୁ ଖୋଜାଖୋଜି କରିଥିଲେ । ପରେ ଘର ଭିତରେ ଝିଅର ମୃତଦେହ ଦେଖିବାକୁ ପାଇଥିଲେ । ଘଟଣାର ଖବର ପାଇ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି ପାଟଣାଗଡ଼ ପୋଲିସ୍ । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କହିଛନ୍ତି ପାଟଣାଗଡ଼ ପୋଲିସ୍ ।

# ବରଗଛ ମୂଳେ ନେଇଥିଲେ ଆଶ୍ରୟ, ବଜ୍ରପାତ ହେବାରୁ ଜଣଙ୍କର ମୃତ୍ୟୁ

**ପାଇକମାଲ, ୧୫।୬ (ସଂଚାର ବ୍ୟୁରୋ) :** ବରଗଡ଼ ଜିଲା ପାଇକମାଲ ବ୍ଲକ ଛିନ୍ଦେଇକେଲା ପଞ୍ଚାୟତ ବାରପଲିଆରେ ବ୍ରଜପାତରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଦୁଇ ଜଣ ଆହତ ହୋଇଛନ୍ତି। ସୂଚନାଯୋଗ୍ୟ, ରବିବାର ଅପରାହ୍ନରେ ବର୍ଷା ହେଉଥିବା ସମୟରେ ଗୋଟିଏ ବରଗଛ ମୂଳରେ ବଳଦେବ ମାଝୀ (୪୩), ଧନସିଂ ଛତ୍ରିଆ (୩୦)ଓ ବୈକୁଣ୍ଠ ଛତ୍ରିଆ (୩୦) ଆଶ୍ରୟ ନେଉଥିବା ସମୟରେ ବ୍ରଜପାତରେ ବଳଦେବ ମାଝୀଙ୍କ ମୃତ୍ୟୁ ହୋଇଥିବାବେଳେ ଧନସିଂ ଛତ୍ରିଆ ଓ ବୈକୁଣ୍ଠ ଛତ୍ରିଆ ଆହତ ହୋଇଛନ୍ତି। ସମସ୍ତଙ୍କୁ ନୂଆପଡ଼ା ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ଭାଲୁ ଆକ୍ରମଣରେ ୨ ଯୁବକ ଗୁରୁତର: ଆକ୍ରମଣ ଭୟରେ ଗଛକୁ ଚଢ଼ିଲେ ଲୋକେ

**ନୂଆପଡ଼ା, ୧୫।୬ (ସଂଚାର ବ୍ୟୁରୋ) :** ନୂଆପଡ଼ା ଜିଲା କୋମନା ଥାନା ଅଧୀନ ସୁନାବେଡ଼ା ଅଭୟାରଣ୍ୟ ଭିତରେ ଅବସ୍ଥିତ ସୋସେଙ୍ଗ ଗାଁରେ ଶନିବାର ଭାଲୁ ଆକ୍ରମଣରେ ୨ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସୋସେଙ୍ଗ ଗାଁର ଦିପଚନ ମାଝି(୩୭) ଓ ଅମୂଳ ମାଝି (୨୮)। ଅନ୍ୟପକ୍ଷେ ଗୁରୁତରଙ୍କୁ ଉଦ୍ଧାର ପାଇଁ ଯାଇଥିବା ଲୋକେ ଭାଲୁ ଆକ୍ରମଣ ଭୟରେ ଗଛ ଉପରକୁ ଚଢ଼ିଯାଇଥିବା ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ ସକାଳେ ଦିପଚନ ଓ ଅମୂଳ ଡାଲାମପଲା ଜଙ୍ଗଲକୁ ଜେଲେଣି କାଠ ପାଇଁ ଯାଇଥିଲେ। ସେହି ସମୟରେ ଖାଦ୍ୟ ଅନ୍ୱେଷଣରେ ନବଜାତ ଛୁଆମାନଙ୍କୁ ଧରି ବୁଲୁଥିବା ଭାଲୁ ସେମାନଙ୍କୁ ଆକ୍ରମଣ କରିଥିଲା। ପ୍ରଥମେ ଅମୂଳଙ୍କୁ ଭାଲୁ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲା। ଦିପଚନ ଛଡାଇବା ପାଇଁ ଉଦ୍ୟମ କରୁଥିବା ବେଳେ ସେ ମଧ୍ୟ ଭାଲୁ ଆକ୍ରମଣରେ ଗୁରୁତର ହୋଇଥିଲେ। ଦିପଚନଙ୍କୁ ଆକ୍ରମଣ ସମୟରେ ରକ୍ତାକ୍ତ ହୋଇଥିବା ଅମୂଳ ଉକ୍ତ ଜଙ୍ଗଲରେ ଥିବା ପହରିଆ ଘରକୁ ଦୌଡ଼ି ପଳାଇଥିଲେ। ପହରିଆ ବୁଢ଼ା ଗାଁ ଲୋକଙ୍କୁ ଖବର ଦେବା ପରେ ୧୦ରୁ ଉର୍ଦ୍ଧ୍ୱ ଲୋକ ସେମାନଙ୍କୁ ଉଦ୍ଧାର ପାଇଁ ଜଙ୍ଗଲରେ ପହଞ୍ଚଲେ। ଭାଲୁ ସେମାନଙ୍କୁ ଆକ୍ରମଣ ପାଇଁ ଦୌଡିବାରୁ ସମସ୍ତେ ଗଛ ଉପରକୁ ଚଢ଼ି ଯାଇଥିଲେ। ଭାଲୁ ନିଜ ଛୁଆମାନଙ୍କୁ ରଖି ପଇଁତରା ମାରୁଥିବାରୁ ଗଛରେ ଥିବା ଲୋକେ ତଳକୁ ଓହ୍ଲାଇ ପାରୁ ନ ଥିଲେ। ଦୀର୍ଘ ୩ରୁ ୪ ଘଣ୍ଟା ପରେ ଭାଲୁ ଛୁଆମାନଙ୍କୁ ନେଇ ଏକ ଗଛ ଛାଇରେ ଶୋଇପଡିବାରୁ ଗଛ ଉପରେ ଥିବା ଲୋକମାନେ ଓହ୍ଲାଇ ଖସି ଆସିଥିଲେ। ଗାଁର ୨ଜଣ ବ୍ୟକ୍ତି ଅନ୍ୟ ରାସ୍ତା ଦେଇ ବାଇକ୍‌ରେ ଯାଇ ଗୁରୁତରମାନଙ୍କୁ ଆଣି ସୁନାବେଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ନୂଆପଡା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ହତ୍ୟାକରି ପୋଖରୀରେ ଫିଙ୍ଗିଦେଲେ



**ପାଟଣା, ୧୫।୬ (ସଂଚାର ବ୍ୟୁରୋ) :** କେନ୍ଦୁଝର ଜିଲା ପାଟଣା ବ୍ଲକ ଖୀରେଇଟାଙ୍ଗିରି ପଞ୍ଚାୟତ ଡଳଙ୍ଗ ଗ୍ରାମ ମୁଣ୍ଡାସାହି ପୋଖରୀରୁ ରବିବାର ସକାଳୁ ଜଣେ ୫୦ବର୍ଷୀୟ ବ୍ୟକ୍ତିଙ୍କ ମୃତଦେହ ମିଳିଛି। ତାଙ୍କୁ ପୋଖରୀ ପାଖରେ ମଦ ବିକ୍ରି କରୁଥିବା ଏକ ପରିବାର ଲୋକେ ସଂଘବଦ୍ଧ ଭାବେ ହତ୍ୟା କରି ପୋଖରିରେ ଫିଙ୍ଗି ଦେଇଥିବା ଚର୍ଚ୍ଚା ହେଉଛି। ମୃତକ ଜଣକ ହେଉଛନ୍ତି ପାଟଣାବ୍ଲକ କଣ୍ଟିଆପଡ଼ା ବେହେରା ସାହିର ମିତ୍ର ବେହେରାଙ୍କ ପୁଅ ରୟା। ରୟା କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଡ୍ରେସର ଭାବେ କାର୍ଯ୍ୟ କରୁଥିଲେ। ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ପୋଲିସ ଘଟଣା ଘଟିଥିବା ପାଖ ଘରର ପ୍ରଥମେ ୨ଜଣ ଲୋକଙ୍କୁ ନେଉଥିବା ବେଳେ ଉତ୍ୟକ୍ତ ଲୋକ ତାଙ୍କୁ ମାଡ଼ ମାରିବା ସହ ଘୋଷାଡି ଥିଲେ। ପରେ ୪ଜଣ ଙ୍କୁ ପୋଲିସ ଉଠାଇ ନେଇଛି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଏନେଇ ତୁରୁମୁଙ୍ଗା ଥାନା ଅଧିକାରୀ ଦିପ୍ତିରଂଜନ ସାହୁଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି। ୬ଜଣ ବ୍ୟକ୍ତିଙ୍କୁ ପୋଲିସ ଥାନାକୁ ଆଣି ପଚରା ଉଚରା କରି ତଦନ୍ତ ଜାରି ରଖିଛି।

# ପଟିଆ ବନ୍ଧ ଆନ୍ଦୋଳନର କର୍ଣ୍ଣଧାର ପୂର୍ବତନ ବିଧାୟକଙ୍କ ସ୍ମୃତି ସଭା




**ଭୁବନେଶ୍ୱର, ୧୫।୬ (ସଂଚାର ବ୍ୟୁରୋ) :** ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରଥମ କେନ୍ଦ୍ର କମିଟି ସଦସ୍ୟ, କୃଷକ ଦମନକାରୀ କନିକା ରାଜାର ଅତ୍ୟାଚାର ବିରୋଧରେ କୃଷକ ସମାଜର ସୁରକ୍ଷାର ପ୍ରାଚିର ପଟିଆ ବନ୍ଧ ନିର୍ମାଣର ଅନ୍ୟତମ ପ୍ରମୁଖ କର୍ଣ୍ଣଧାର, ଅବିଭାଜିତ ଭୁବନେଶ୍ୱରର ପୂର୍ବତନ ବିଧାୟକ କମ୍ରେଡ୍ ରାମ କୃଷ୍ଣ ପତିଙ୍କର ୩୯ ତମ ସ୍ମୃତି ସମାରୋହ ଆଜି ଭୁବନେଶ୍ୱର ସ୍ଥିତ ସିପିଆଇ ରାଜ୍ୟ କାର୍ଯ୍ୟାଳୟ - ଭଗବତୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ସଭାରେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ ରାମ କୃଷ୍ଣ ପତିଙ୍କ ସ୍ମୃତି ଚାରଣ କରି ସ୍ୱାଧୀନତା ଆନ୍ଦୋଳନ ସହ ସରକାରଙ୍କ ଉଦାସୀନତା ଓ ସାମନ୍ତବାଦୀ କୃଷକ ବିରୋଧୀ ଅତ୍ୟାଚାରକୁ ମୁକାବିଲା କରି ଜନଗଣଙ୍କ ଅଧିକାର ହାସଲରେ ସଂଘର୍ଷରେ ନେତୃତ୍ୱ ନେବା ସହ ବିଧାନ ସଭାରେ ଜନଗଣଙ୍କର ସ୍ୱର ଭାବେ ସେ ଉଦାହରଣ ସୃଷ୍ଟି କରିଥିଲେ। ସିପିଆଇ ଏମ୍ ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଏହି ସ୍ମୃତି ସଭାରେ ସାମ୍ରାଜ୍ୟ ବାଦୀ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତ୍ୟକ୍ଷ ସହଯୋଗରେ ଯୁଦ୍ଧଖୋର ଇସ୍ରାଏଲର ପାଲେଷ୍ଟାଇନ ଉପରେ ଯୁଦ୍ଧ ଓ ନର ସଂହାର ସହ ଏବେ ପୁଣି ଇରାନ ଉପରେ ଆକ୍ରମଣ ଏହା ସାମ୍ରାଜ୍ୟ ସାଥୀ ଯୁଦ୍ଧାସ୍ତ୍ର ବ୍ୟବସାୟର ଲାଭ ପାଇଁ ମାନବ ସଭ୍ୟତାକୁ ଧ୍ୱଂସ ଲିଳା ବିରୋଧରେ ସମଗ୍ର ବିଶ୍ୱର ବାମପନ୍ଥୀମାନେ ମାନବାଧିକାର ସପକ୍ଷରେ ବିଶ୍ୱବ୍ୟାପୀ ଆନ୍ଦୋଳନ ରତ ଅଛନ୍ତି। ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ରାମ କୃଷ୍ଣ ପତ୍ନୀଙ୍କ ସ୍ମୃତି ଚାରଣ କରି ସେ ବ୍ରିଟିଶ ସାମ୍ରାଜ୍ୟବାଦ ହଟାଇବା ସହ ଧନୀ ଗରିବ,ସବର୍ଣ୍ଣ ଅସବର୍ଣ୍ଣ ବିଦ୍ୱେଶ ଦୂର କରିବାର ମାନବୀୟ ପରାକାଷ୍ଠାକୁ ବଳଶାଳୀ କରୁଥିଲେ। ଜାତିଗତ ଜନଗଣନା ପାଇଁ ସଫଳ ଆନ୍ଦୋଳନ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ପୂର୍ବତନ ବିଧାୟକ ଏନ୍ ନାରାୟଣ ରେଡ୍ଡୀ ଏବଂ ରାମ କୃଷ୍ଣ ପତିଙ୍କ କନ୍ୟା ପ୍ରଫେସର ରୀତା ପତି ସ୍ମୃତି ଚାରଣ କରିଥିଲେ। ଉଚ୍ଚ ଶିକ୍ଷା ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ତଥା ବିଶ୍ୱ ଶିକ୍ଷକ ସଂଘର ସଭାପତି ଡଃ ଅମୀୟ କୁମାରୀ ମହାନ୍ତିଙ୍କୁ ଚଳିତ ବର୍ଷର ରାମ କୃଷ୍ଣ ପତି ସମ୍ମାନରେ ସମ୍ମାନିତ କରାଗଲା। ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ତଥା ସ୍ମୃତି କମିଟି ସମ୍ପାଦକ ସୁର ଜେନା ଏହି ସ୍ମୃତି ସମାରୋହର ଆରମ୍ଭରେ ସ୍ମୃତି ସମାରୋହର ତାତ୍ପର୍ଯ୍ୟ ଉପସ୍ଥାପନ କରିଥିଲେ। ଜୟନ୍ତ ଦାସ, ରମଣୀ ରଞ୍ଜନ ରାଉତରାୟ, ବସନ୍ତ ପାଇକରାୟ, ପ୍ରମୋଦିନୀ ପାଇକରାୟ, ପ୍ରଫୁଲ୍ଲ ତ୍ରିପାଠୀ, ରାମକୃଷ୍ଣ ପତିଙ୍କ ଜ୍ୱାଇଁ ଗୋବିନ୍ଦ ଦାଶ, ଶଙ୍କର୍ଷଣ ବାରିକ, ଅଧ୍ୟାପକ ଉମାକାନ୍ତ ପାତ୍ର, ବୃନ୍ଦାବନ ମହାପାତ୍ର, ଶଙ୍କର ବେହେରା, ରଞ୍ଜନ ଭଞ୍ଜ, କୈଳାସ ପୁହାଣ, ସତୀଶ ମିଶ୍ର, ଅଶୋକ ସାହୁଙ୍କ ସମେତ ଶହ ଶହ ସାଥୀ ସମର୍ଥକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ସାମୂହିକ ଛୁଟି ପାଇଁ ଆବେଦନ ପତ୍ର ଲେଖିଲେ ବନ କର୍ମଚାରୀ



**ଭବାନୀପାଟଣା,୧୫।୬:** ଆସନ୍ତା ୨୨ ତାରିଖଠାରୁ ନନ୍‌ଗେଜେଟେଡ଼ ବନସେବା ସଂଘର ଆନ୍ଦୋଳନ ଶେଷ ହେବା ପର୍ଯ୍ୟନ୍ତ ସାମୂହିକ ଛୁଟିରେ ରହି ସର୍କଲ ଅଫିସ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବା ପାଇଁ କଳାହାଣ୍ଡି ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କୁ ଛୁଟି ଦରଖାସ୍ତ ଦେଲେ ଜିଲ୍ଲାର ବନ କର୍ମଚାରୀ ସମୂହ। ଓଡ଼ିଶା ନନ୍‌ଗେଜେଟେଡ଼ ବନସେବା ସଂଘ ପକ୍ଷରୁ ପୂର୍ବରୁ ଯେଉଁ ୩ଟି ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଥିଲୁ ଅଦ୍ୟାବଧି ତାହା ପୂରଣ କରାଗଲା ନାହିଁ। ଏଣୁ ସଂଘର ନିଷ୍କର୍ଷ ପ୍ରକାରେ ସଂଘର ଜଣେ ଶୃଙ୍ଖଳିତ ସଭ୍ୟ/ ସଭ୍ୟା ଭାବରେ ସାମୂହିକ ଛୁଟିରେ ଯିବାପାଇଁ ମୁଁ ପ୍ରତିବଦ୍ଧ ଅଟେ । ସଂଘର ନିଷ୍କର୍ଷ ପ୍ରକାରେ ମୁଁ ଆସନ୍ତା ୨୨ତାରିଖ ଠାରୁ ସଂଘର ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ସାମୂହିକ ଛୁଟିରେ ରହିବା ପାଇଁ ଆବେଦନ କଲି । ଏହି ସମୟରେ ମୁଁ ସଂଘ ନିର୍ଦ୍ଦେଶ ପ୍ରକାରେ ମୋର ସର୍କଲ ଅଫିସ ସାମ୍ନାରେ ଧାରଣା ଦେବାକୁ ଆପଣଙ୍କ ଦୃଷ୍ଟି ଆକର୍ଷଣ କଲି । ମୁଁ ଛୁଟିରେ ଥିବା ସମୟରେ ଯଦି କୌଣସି ପ୍ରକାର ଜଙ୍ଗଲ, ବନ୍ୟପ୍ରାଣୀ ବା କୌଣସି ସରକାରୀ କ୍ଷତି ଘଟେ ଅଥବା କୌଣସି ଅପ୍ରୀତିକର ପରିସ୍ଥିତି ଆସେ, ସେଥିପାଇଁ ଜନ ପ୍ରଶାସନ ଓ ସରକାର ଦାୟୀ ରହିବେ ବୋଲି ଆପଣଙ୍କ ଗୋଚରାର୍ଥେ ଜଣାଇଲି ବୋଲି ବନ କର୍ମଚାରୀ ମାନଙ୍କ ପକ୍ଷରୁ ପୃଥକ୍ ଭାବେ ଜିଲ୍ଲା ଉତ୍ତର ଓ ଦକ୍ଷିଣ ବନ ଖଣ୍ଡ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ଛୁଟି ଦରଖାସ୍ତରେ ଉଲ୍ଲେଖ କରାଯାଇଥିବା ଦେଖାଯାଇଛି।

# ଭାରସାମ୍ୟ ହରାଇ ଓଲଟିଲା ବସ୍, ୨୫ରୁ ଅଧିକ ଯାତ୍ରୀ ଆହତ



**ଖୋର୍ଦ୍ଧା , ୧୫।୬ (ସଂଚାର ବ୍ୟୁରୋ) :** ଖୋର୍ଦ୍ଧା ପିତାପଲ୍ଲୀ ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଭାରସାମ୍ୟ ହରାଇ ମଝି ରାସ୍ତାରେ ଓଲଟିଲା ଯାତ୍ରୀବାହୀ ଘରୋଇ ବସ ନୀଳକଣ୍ଠ। ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ୫୦ରୁ ଅଧିକ ଯାତ୍ରୀ ନେଇ ଯାଉଥିବା ବେଳେ ଘଟିଲା ଦୁର୍ଘଟଣା। ସେମାନଙ୍କ ମଧ୍ୟରୁ ୨୫ ଯାତ୍ରୀ ଆହତ ହୋଇଛନ୍ତି। ସ୍ଥାନୀୟଲୋକ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଛନ୍ତି। ଘଟଣାସ୍ଥଳରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୁଲିସ ପହଞ୍ଚି ବସ୍‌କୁ ଜବତ କରିଥିବା ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଆଜି ନୀଳକଣ୍ଠ ନାମକ ଏକ ଘରୋଇ ବସ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ପିତାପଲ୍ଲୀ ନିକଟରେ ଭାରସାମ୍ୟ ହରାଇ ଓଲଟିପଡିଛି। ଦୁର୍ଘଟଣାରେ ୨୫ରୁ ଅଧିକ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି। ଦୁର୍ଘଟଣା ପରେ ସ୍ଥାନୀୟଲୋକ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରି ଖୋର୍ଦ୍ଧ ମେଡିକାଲରେ ଭର୍ତ୍ତି କରିଛନ୍ତି। ସମସ୍ତଙ୍କ ସେଠାରେ ଚିକିତ୍ସା ଜାରି ରହିଛି। ତେବେ ଦୁର୍ଘଟଣା ପରେ ପିତାପଲ୍ଲୀ ରାସ୍ତାରେ ଟ୍ରାଫିକ୍ ଜାମ୍ ସମସ୍ୟା ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଶିଳ୍ପାଞ୍ଚଳ ଥାନା ପୁଲିସ ପହଞ୍ଚ ଟ୍ରାଫିକ୍ ନିୟନ୍ତ୍ରଣ କରିବା ସହ ଦୁର୍ଘଟଣା ଗ୍ରସ୍ତ ବସ୍‌ଟିକୁ ଜବତ କରିଛି।

# ମନାଲି ଢାଞ୍ଚାରେ ହେବ ଦାରିଙ୍ଗିବାଡି ବିକାଶ



**ଭୁବନେଶ୍ୱର, ୧୫ । ୬:** ଓଡିଶା ଇକୋ ଟୁରିଜିମର ମଣି ଦାରିଙ୍ଗିବାଡି, ଯାହାକୁ ପ୍ରାୟତଃ ଓଡିଶାର କାଶ୍ମୀର ବୋଲି କୁହାଯାଇଥାଏ, ତାହାକୁ ମନାଲିର ଲୋକପ୍ରିୟ 'ମଲ୍ ରୋଡ୍' ରେ ବିକଶିତ କରିବାର ଯୋଜନା ପ୍ରସ୍ତୁତ ହେଉଛି । ଦାରିଦ୍ର୍ୟ ଏବଂ ମାନବ ବିକାଶ ମନିଟରିଂ ଏଜେନ୍‌ସି (ପିଏଚଏଡିଏମଏ) ଏବଂ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ମିଳିତ ଭାବେ ଏ କ୍ଷେତ୍ରରେ ଉଦ୍ୟମ ଆରମ୍ଭ କରିଛନ୍ତି ।

ଫୁଲବାଣୀ ଜିଲ୍ଲାର ମନୋରମ ପାହାଡିଆ ସ୍ଥାନ, ଏହାର ଆକର୍ଷଣୀୟ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ବେଶ୍ ଜଣାଶୁଣା । ଯେଉଁଥିରେ ସବୁଜ ପାହାଡ,ଘନ ପାଇନ୍ ଜଙ୍ଗଲ, ବିସ୍ତୃତ କଫି ବଗିଚା ଏବଂ ଏକ ଚିରସ୍ଥାୟୀ ଥଣ୍ଡା ଜଳବାୟୁ ଅଞ୍ଚଳ, ବହୁ ସଂଖ୍ୟାକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ନୂତନ ବିକାଶର ଲକ୍ଷ୍ୟ ହେଉଛି ଏହାର ଆକର୍ଷଣକୁ ଆହୁରି ବୃଦ୍ଧି କରିବା ସହିତ ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ।

ପର୍ଯ୍ୟଟନ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ଆମେ ଦାରିଙ୍ଗିବାଡିକୁ ଏକ ପମୁଖ ଗନ୍ତବ୍ୟସ୍ଥଳ ଭାବରେ ପରିକଳ୍ପନା କରିଛୁ ଯାହା ଉଭୟ ପ୍ରାକୃତିକ ଶାନ୍ତି ଏବଂ ଏକ ଆଧୁନିକ ପର୍ଯ୍ୟଟନ କେନ୍ଦ୍ରର ପରିବେଶ ପ୍ରଦାନ କରିବ। ପିଏଚଏଡିଏମଏ ସହିତ ଆମର ସାମ୍ପ୍ରତିକ ଆଲୋଚନା ଅତ୍ୟନ୍ତ ଫଳପ୍ରଦ ହୋଇଛି ଏବଂ ଆମେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ଆଗକୁ ନେବାକୁ ପ୍ରତିଶ୍ରୁତିବଦ୍ଧ ।

ଏହି ପ୍ରକଳ୍ପରେ ଭଲ ଭାବରେ ପ୍ରସ୍ତୁତ ହୋଇଥିବା ପାଦଚଲା ଜୋନ୍ ସୃଷ୍ଟି କରାଯିବ ଯେଉଁଥିରେ ଦୋକାନ, କାଫେ ଏବଂ ବିଭିନ୍ନ ମନୋରଞ୍ଜନ ସୁବିଧା ରହିବ । ଏହା ପର୍ଯ୍ୟଟକମାନଙ୍କୁ ବୁଲିବା ସହିତ ନୂଆ ନୂଆ ଜିନିଷ ଦେଖିବାକୁ ଆକର୍ଷଣ କରିବ । ସେହିଭଳି ସ୍ଥାନୀୟ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରିବଟା, ଓଡିଶୀ ଖାଦ୍ୟ, ପର୍ଯ୍ୟଟକମାନେ ସୁବିଧାରେ ବସିବାପାଇଁ ସ୍ଥାନ, ସ୍ଥାନୀୟ ଲୋକଙ୍କ ଘରେ ଆତିଥେୟତା ସୁବିଧା ସହିତ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରାଯିବ । ପିଏଚଏଡିଏମଏ ଯୋଜନା ଏବଂ ବିକାଶ ପାଇଁ ଏକ ଅନୁଷ୍ଠାନ ଭାବରେ, ଗୋଷ୍ଠି ଯୋଗାଦାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ପ୍ରକଳ୍ପର ଲାଭ ଅର୍ନ୍ତଭୁକ୍ତ ନିଶ୍ଚିତ କରିବ ବୋଲି ଆଶା କରାଯାଉଛି । ପର୍ଯ୍ୟଟନ ବିଭାଗ ଦାରିଙ୍ଗିବାଡିକୁ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳରେ ପରିଣତ କରିବାପାଇଁ ଆବଶ୍ୟକ ନୀତିଗତ ଢାଞ୍ଚା, ଆର୍ଥିକ ସହାୟତା, ରଣନୈତିକ ମାର୍ଗଦର୍ଶନ ଏବଂ ବ୍ୟାପକ ପ୍ରୋତ୍ସାହନ ପ୍ରଦାନ କରିବ। ଅଧିକାରୀମାନେ ଅନୁମାନ କରିଛନ୍ତି ଯେ ଏହି "ମଲ୍ ରୋଡ୍" ଧାରଣାର ସଫଳ କାର୍ଯ୍ୟକାରିତା ପର୍ଯ୍ୟଟକଙ୍କ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି, ନୂତନ ନିଯୁକ୍ତି ସୁଯୋଗ ମାଧ୍ୟମରେ ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି ଏବଂ ସ୍ଥାନୀୟ ବ୍ୟବସାୟ ଜରିଆରେ ରାଜସ୍ୱ ବୃଦ୍ଧି ସହିତ ଏହି ଅଞ୍ଚଳର ସାମଗ୍ରିକ ବିକାଶକୁ ଆଗକୁ ନେବ। ଉନ୍ନତ ସୁବିଧା ଜରିଆରେ ଏହା ପର୍ଯ୍ୟଟକଙ୍କ ସନ୍ତୋଷ ବୃଦ୍ଧି କରିବ ଏବଂ ଓଡିଶାକୁ ଏକ ପ୍ରମୁଖ ପର୍ଯ୍ୟଟନ ରାଜ୍ୟ ଭାବେ ମାନ୍ୟତା ଦେବାରେ ସହାୟକ ହେବ ବୋଲି ଆଶା କରାଯାଉଛି । ଲକ୍ଷ୍ୟ ସଠିକ ଥିବାବେଳେ ଯୋଜନାକାରୀମାନେ ସମ୍ଭାବ୍ୟ ଆହ୍ୱାନ ପ୍ରତି ଧ୍ୟାନ ଦେଉଛନ୍ତି ଯେଉଁଥିରେ ପରିବେଶ ସ୍ଥିରତା, ଗୋଷ୍ଠି ଅଂଶଗ୍ରହଣକୁ ପ୍ରୋତ୍ସାହନ, ସ୍ଥାନୀୟ ଅଞ୍ଚଳର ସାଂସ୍କୃତିକ ପରିଚୟ ବଜାୟ ରହିବା ଏବଂ ବର୍ତ୍ତମାନ ଥିବା ଭିତ୍ତିଭୂମିର ସମାଧାନକରିବା ଆଦି ଅର୍ନ୍ତଭୁକ୍ତ। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live




# କଂଗ୍ରେସରେ ଧର୍ମସଙ୍କଟ

ଦେଶର ମୁଖ୍ୟ ବିରୋଧୀ ଦଳ କଂଗ୍ରେସରେ ଏବେ ଧର୍ମସଙ୍କଟ ସୃଷ୍ଟି ହୋଇଛି। ଦଳର ବରିଷ୍ଠ ନେତା ସାଂସଦ ଶଶି ଥରୁର ସର୍ବଦଳୀୟ ପ୍ରତିନିଧି ଦଳରେ ବିଦେଶ ଗସ୍ତରେ ଯାଇ ମୋଦି ସରକାରଙ୍କ ସପକ୍ଷରେ କହିବା କଂଗ୍ରେସ ପାଇଁ ବଦହଜମିର କାରଣ ହୋଇଛି। କଂଗ୍ରେସ କିଛି କହିପାରୁନି କି ସହିପାରୁନି। ଦେଶର ସ୍ୱାର୍ଥ ପ୍ରସଙ୍ଗରେ ଥରୁରଙ୍କୁ ସମାଲୋଚନା କଲେ ଏହାର ଅସଲ ମୁଖା ଖୋଲିଯିବ। ଅନ୍ୟ ପକ୍ଷରେ ଥରୁର ମୋଦିଙ୍କ ପ୍ରଶଂସାରେ ଶତମୁଖ ହୋଇ ବିଜେପି ପାଇଁ ଅନୁକଳ ପରିସ୍ଥିତି ସୃଷ୍ଟି କରୁଥିବାରୁ କଂଗ୍ରେସ ବ୍ୟତିବ୍ୟସ୍ତ। ଏହା ହେଉଛି କଂଗ୍ରେସର ଚରିତ୍ର। ବିରୋଧୀ ଦଳ ଭାବେ ଏହାର ଏକମାତ୍ର କାମ ହେଲା ସରକାରଙ୍କୁ ବିରୋଧ କରିବା ଏବଂ ସମାଲୋଚନା କରିବା। କେନ୍ଦ୍ରରେ ଗାନ୍ଧି-ନେହରୁ ପରିବାର ବ୍ୟତିତ ଅନ୍ୟ କେହି କ୍ଷମତାସୀନ ହେବାକୁ କଂଗ୍ରେସ ସହ୍ୟ କରିପାରେନା। କଂଗ୍ରେସ ଏକ ଜାତୀୟ ଦଳ ଏବଂ ଏହାର ରାଷ୍ଟ୍ରୀୟ ନେତା ହେଉଛନ୍ତି ମୁଖିଆ। ଯଦିଓ ଏବେ ମଲ୍ଲିକାର୍ଜୁନ କାର୍ଗେ ଆନୁଷ୍ଠାନିକ ଭାବେ ଦଳର ସଭାପତି ଅଛନ୍ତି, କିନ୍ତୁ ସେ କେବଳ ଜଣେ ଡମି ସଭାପତି। ଏହାକୁ କହନ୍ତି ଧର୍ମକୁ ଆଖିଠାର। ତାଙ୍କୁ ଆସନ ଅଳଙ୍କୃତ କରିବାକୁ କୁହାଯାଇଛି, କିନ୍ତୁ ନିଷ୍ପତ୍ତି ନେବାର କ୍ଷମତା ତାଙ୍କର ନାହିଁ। ଦଳ ସମ୍ପୂର୍ଣ୍ଣ ଭାବେ ଗାନ୍ଧି-ନେହରୁ ପରିବାର ଦ୍ୱାରା ନିୟନ୍ତ୍ରିତ ଏବଂ ଏହି ପରିବାରର ମାଲିକାନାରେ ରହିଛି। ସୋନିଆ, ରାହୁଲ, ପ୍ରିୟଙ୍କା ଏପରିକି ରବର୍ଟ ଭଦ୍ରା ଯାହା ନିଷ୍ପତ୍ତି ନେବେ ତାହା ହିଁ ଚୁଡ଼ାନ୍ତ। ସେମାନଙ୍କ ନିଷ୍ପତ୍ତିକୁ ଅଗ୍ରାହ୍ୟ କରିବାର ସାହସ କାହାର ନାହିଁ। ଯେମିତି ମନମୋହନ ସିଂହଙ୍କୁ ରାହୁଲ ନନସେନ୍ସ କହି ନିଜ ଶକ୍ତି ପ୍ରଦର୍ଶନ କରୁଥିଲେ, ସେମିତି ରାହୁଲଙ୍କ ଇଙ୍ଗିତରେ ଖାର୍ଗେ ପରିଚାଳିତ ହେଉଛନ୍ତି। ତାଙ୍କର ନିଜସ୍ୱ କର୍ତ୍ତୃତ୍ୱ କିଛି ନାହିଁ। କିନ୍ତୁ ନିର୍ବାଚନରେ କଂଗ୍ରେସ ବାରମ୍ବାର ପରାଜିତ ହେଉଥିଲେ ମଧ ଏଥିଲାଗି କଂଗ୍ରେସର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ରାହୁଲ ଗାନ୍ଧି ନିଜକୁ ଉତ୍ତରଦାୟୀ କରୁ ନାହାଁନ୍ତି। ନିର୍ବାଚନ ପରାଜୟ ନିମନ୍ତେ କଂଗ୍ରେସର ରାଜ୍ୟ ଏବଂ ଜିଲ୍ଲା ସଭାପତିମାନଙ୍କୁ ଦାୟୀ କରାଯାଇ ସେମାନଙ୍କୁ ପଦଚ୍ୟୁତ କରାଯାଉଛି। କିନ୍ତୁ ନିର୍ବାଚନୀ ବିଫଳତା ନିମନ୍ତେ କେବଳ ରାହୁଲ ହିଁ ଦାୟୀ। ତାଙ୍କୁ ଭାରତବାସୀ ଦେଶର ପ୍ରଧାନମନ୍ତ୍ରୀ ଭାବେ ଯୋଗ୍ୟ ବିବେଚନା କରୁ ନାହାଁନ୍ତି। ଏହାକୁ କଂଗ୍ରେସ ନେତାମାନେ ନବୁଝି ନିର୍ବାଚନ ବିଫଳତା ନିମନ୍ତେ ତଳିଆ ନେତା ବା ପ୍ରାର୍ଥୀଙ୍କୁ ଦାୟୀ କରୁଛନ୍ତି। ନିକଟରେ ଅହମ୍ମଦାବାଦରେ ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଦଳର ପୁନର୍ଗଠନ ଏବଂ ଏହାର ପୁନରୁଦ୍ଧାର ନିମନ୍ତେ କିଛି ମହତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁଯାୟୀ ତୃଣମୂଳ ସ୍ତରରୁ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରାଯିବ। ଦଳୀୟ ସଙ୍ଗଠନରେ ଆମୂଳଚୁଳ ପରିବର୍ତ୍ତନ କରାଯିବ। ଜିଲ୍ଲା କଂଗ୍ରେସ କମିଟିକୁ ସଙ୍ଗଠନକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଡିସିସି ସଭାପତିମାନଙ୍କୁ ଅଧିକ କ୍ଷମତା ଏବଂ ଦାୟିତ୍ୱ ପ୍ରଦାନ କରାଯିବ। ଏହା ସହିତ ସେବାଦଳ ଭଳି ଦଳର ଛାମୁଆ ସଙ୍ଗଠନର ପୁନର୍ଗଠନ କରାଯିବ। ଅଧିକ ସଂଖ୍ୟାରେ ଯୁବକ, ମହିଳା, ଦଳିତ ଏବଂ ପଛୁଆ ବର୍ଗଙ୍କୁ ସଙ୍ଗଠନରେ ଗୁରୁତ୍ୱ ଦିଆଯିବ। ଦଳର ବରିଷ୍ଠ ନେତା ସଞ୍ଜୟ ଝା ବୈଠକରେ ୫ଟି ପ୍ରସ୍ତାବ ରଖିଛନ୍ତି। ପ୍ରସ୍ତାବରେ ସେବା ଦଳକୁ ସୁଦୃଢ଼ କରିବା, ଜିଲ୍ଲା ସ୍ତରରେ ସଙ୍ଗଠନକୁ ସକ୍ରିୟ କରାଇବା, ଦଳର ଏକ ଛାୟା କ୍ୟାବିନେଟ ଗଠନ ଆଦି ରହିଛି। ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କେ ସି ବେଣୁଗୋପାଳ କହିଛନ୍ତି ଯେ, ଆଗକୁ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହିସବୁ ନିର୍ବାଚନରେ କଂଗ୍ରେସ କିପରି ସଫଳତା ହାସଲ କରିପାରିବ ସେଥିଲାଗି ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରାଯିବ। ଦଳ ପ୍ରତି ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ କିପରି ଫେରିବ, ସେଥିଲାଗି ନିର୍ଦ୍ଦିଷ୍ଟ



କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ବିଭିନ୍ନ ସ୍ତରେ ସାରା ଦେଶରେ କଂଗ୍ରେସ ପକ୍ଷରୁ ପଦଯାତ୍ରା କରାଯାଇ ଜନସମ୍ପର୍କ ରକ୍ଷା କରାଯିବ। ସାମାଜିକ ନ୍ୟାୟ ପ୍ରତିଷ୍ଠା ହେଉଛି କଂଗ୍ରେସର ଚରମ ରାଜନୈତିକ ଲକ୍ଷ୍ୟ। ବିଜେପି ଓ ଆରଏସଏସ ଦେଶକୁ ଧର୍ମ ଭିତ୍ତିରେ ବିଭାଜିତ କରିବାକୁ ଉଦ୍ୟମ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ତେଣୁ ଏହାର ଜବାବ ଦେବାକୁ କଂଗ୍ରେସ ସମାଜର ସବୁ ବର୍ଗଙ୍କୁ ଏକାଠି କରିବା ନିମନ୍ତେ ଉଦ୍ୟମ କରିବ। ଦେଶରେ ସଂଖ୍ୟାଲଘୁ ବର୍ଗଙ୍କ ଉପରେ ଅତ୍ୟାଚାର ବଢ଼ୁଛି ଏବଂ ସାମ୍ପ୍ରଦାୟିକ ଶକ୍ତି ସକ୍ରିୟ ଅଛନ୍ତି। ଏହାର ମୁକାବିଲା ସହ କଂଗ୍ରେସ ସାମ୍ପ୍ରଦାୟିକ ସଦଭାବ ରକ୍ଷାଲାଗି ଉଦ୍ୟମ କରିବ। ଏହା ସହିତ ବିଜେପିକୁ କ୍ଷମତାଚ୍ୟୁତ କରିବା ନିମନ୍ତେ ସମଭାବାପନ୍ନ ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ଦଳ ସହ କଂଗ୍ରେସ ହାତ ମିଳାଇବ ବୋଲି କହିଛି। ଉଲ୍ଲେଖ ଯୋଗ୍ୟ ଯେ, ଚଳିତ ବର୍ଷ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ କଂଗ୍ରେସ ସହଯୋଗୀ ଆରଜେଡି ଏବଂ ବାମପନ୍ଥୀ ଦଳମାନଙ୍କ ସହ ମେଣ୍ଟ ବା ଆସନ ବୁଝାମଣା କରି ଲଢ଼ିବ। ବିହାର ନିର୍ବାଚନରେ ନୀତିଶ କୁମାରଙ୍କୁ ପରାଜିତ କରିବା ହେଉଛି କଂଗ୍ରେସର ଚରମ ଲକ୍ଷ୍ୟ। ନୀତିଶ ନିର୍ବାଚନରେ ପରାଜିତ ହେଲେ କେନ୍ଦ୍ରରେ ଏନଡିଏ ସରକାର ଦୋହଲିଯିବ। ତେଣୁ କଂଗ୍ରେସ ନିଜ ସୀମିତ ଶକ୍ତିର ଉପଯୋଗ କରି ବିହାରରେ ଇଣ୍ଡିଆ ବ୍ଲକକୁ ପରାଜିତ କରିବା ଲକ୍ଷ୍ୟରେ ରହିଛି। ଲାଲୁଙ୍କ ଆରଜେଡି ବିହାରରେ ମୁଖ୍ୟ ବିରୋଧୀ ଦଳ। କିନ୍ତୁ ଲାଲୁ କଂଗ୍ରେସକୁ ଅଣଦେଖା କରୁଛନ୍ତି। କଂଗ୍ରେସ ସହ ହାତ ମିଳାଇ ଦଳ କ୍ଷତି ସହୁଛି ବୋଲି ଲାଲୁ ଅନେକ ଥର କହିଛନ୍ତି। କିନ୍ତୁ ତେଜସ୍ୱୀ ଯାଦବ କଂଗ୍ରେସ ସହ ବୁଝାମଣା ବଜାୟ ରଖିଛନ୍ତି। ବିହାରରେ କଂଗ୍ରେସ ଏକ ଦୁର୍ବଳ ଶକ୍ତି। ରାଜ୍ୟରେ ନିଜ ସ୍ଥିତି ବଜାୟ ରକପିବାକୁ କଂଗ୍ରେସ ଆରଜେଡିର ହାତ ଛାଡ଼ିବାକୁ ପ୍ରସ୍ତୁତ ନୁହେଁ ଏବଂ ଯେ କୋ÷ଣସି ସର୍ତ୍ତରେ ଏହା କଂଗ୍ରେସ ସହ ମେଣ୍ଟ ବଜାୟ ରଖିବାକୁ ପ୍ରସ୍ତୁତ। ସେହିପରି ଆସନ୍ତା ବର୍ଷ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପଶ୍ଚିମବଙ୍ଗ ବିଧାନସଭା ପାଇଁ ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ ବିଜେପି, ଟିଏମସି ଏବଂ କଂଗ୍ରେସ-ବାମପନ୍ଥୀ ମେଣ୍ଟ ମଧ୍ୟରେ ତ୍ରିମୁଖୀ ମୁକାବିଲା ହେବ। ଏହି ଦୁଇଟି ବଡ଼ ରାଜ୍ୟରେ କଂଗ୍ରେସର ଶକ୍ତି ନଗଣ୍ୟ। ତେଣୁ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନରେ ଦଳର ସଫଳତା ଲାଗି ଯାହା ସବୁ ନିଷ୍ପତ୍ତି ନିଆଯାଇଛି ତାହା ଅର୍ଥହୀନ। ତେବେ କଂଗ୍ରେସକୁ ଆଗାମୀ ୫୦ ବର୍ଷ ପର୍ଯ୍ୟନ୍ତ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ଆଜି ବିହାର ଓ ପଶ୍ଚିମବଙ୍ଗରେ କଂଗ୍ରେସ ଦୁର୍ବଳ ରହିଛି। କାଲି ସ୍ଥିତିରେ ପରିବର୍ତ୍ତନ ଆସିବ ନାହିଁ ବୋଲି କୁହାଯାଇପାରିବ ନାହିଁ। ଏଥିପାଇଁ କେବଳ ସାଙ୍ଗଠନିକ ସ୍ତରରେ ପରିବର୍ତ୍ତନ ନୁହେଁ, ରାଜ୍ୟ ସ୍ତରରେ ଦୃଢ଼ ନେତୃତ୍ୱର ଆବଶ୍ୟକତା ରହିଛି। ବିହାର ଓ ପଶ୍ଚିମବଙ୍ଗରେ କଂଗ୍ରେସର ଏପରି କେହି ନେତା ନାହାଁନ୍ତି ଯାହା ଉପରେ ଭରସା କରି ଲୋକେ କଂଗ୍ରେସକୁ ଭୋଟ ଦେବେ। ତେଣୁ କଂଗ୍ରେସ ସାଙ୍ଗଠନିକ ପୁନର୍ଗଠନ ସହ ନୂଆ ନେତୃତ୍ୱ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିବା ଉଚିତ। ନଚେତ କେବଳ ସୋନିଆ, ରାହୁଲ ଏବଂ ପ୍ରିୟଙ୍କାଙ୍କ ଉପରେ ଭରସା କରି କଂଗ୍ରେସ ଆଗକୁ ବଢ଼ିପାରିବ ନାହିଁ। ଯଦି କଂଗ୍ରେସକୁ ଆଗକୁ ବଢ଼ିବାର ÷ଅଛି ଏବଂ ଏକ ଦୃଢ଼ ରାଜନୈତିକ ଶକ୍ତି ଭାବେ ନିଜକୁ ପ୍ରମାଣିତ କରିବାର ଅଛି, ତେବେ ଦଳକୁ ଗୋଟିଏ ପରିବାରର ମାଲିକାନାରୁ ବାହାରିବାକୁ ପଡ଼ିବ। ଦଳରେ ଚାଟୁକାରଙ୍କୁ ନଗଣ୍ୟ କରି ପ୍ରକୃତ ଯୋଗ୍ୟ ଏବଂ ନିଷ୍ଠାପର କର୍ମୀଙ୍କୁ ଦାୟିତ୍ୱ ଦେବାକୁ ପଡ଼ିବ। ଦଳ କୋ÷ଣସି ବ୍ୟକ୍ତି ଉପରେ ନିର୍ଭରଶୀଳ ନହୋଇ ନୀତି, ଆଦର୍ଶ ଏବଂ କାର୍ଯ୍ୟକ୍ରମ ଉପରେ ଆଧାରିତ ହେବା ଉଚିତ। ସଂରକ୍ଷଣ, ତୁଷ୍ଟିକରଣ ନୀତିକୁ ପରିତ୍ୟାଗ କରି ଆଧୁନୀକ ଚିନ୍ତାଧାରାକୁ ଆପଣାଇବାକୁ ପଡ଼ିବ। ଦଳରେ ନୂଆ ନେତା ସୃଷ୍ଟିକରିବାକୁ ପଡିବ। କଂଗ୍ରେସ ଜିତିଲେ କେବଳ ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ହେବେ , ଆଉ କେହି ଯୋଗ୍ୟ ବ୍ୟକ୍ତି ନାହାଁନ୍ତି ସେଭଳି ଚିନ୍ତାଧାରାକୁ ବାହାର ନକଲେ କଂଗ୍ରେସ କେବେ ଲୋକସଭାରେ ୧୦୦ରୁ ଅଧିକ ଆସନ ପାଇପାରିବ ନାହିଁ। କଂଗ୍ରେସ ମୌ÷ଳିକ ସମସ୍ୟାକୁ ଦୂର ନକରି ଖାଲି ତଳ ସ୍ତରରେ କର୍ମୀଙ୍କ ମୁଣ୍ଡରେ ସବୁ ଦୋଷ ଲଦିବା ଅନୁଚିତ। ଜିଲ୍ଲା ସ୍ତରରେ ସଙ୍ଗଠନର କୋ÷ଣସି ଗୁରୁତ୍ୱ ନାହିଁ। ଏହାକୁ ଯେତେ ମାଜିଲେ ବି ଦିଲ୍ଲୀରେ ବସିଥିବାର ନେତା ଯଦି ପସନ୍ଦ ଯୋଗ୍ୟ ନହେବ ତେବେ ଦଳ ସିଧା ଠିଆ ହୋଇପାରିବ ନାହିଁ।

# ଜ୍ୟୋତିର୍ବିଦ୍ୟା, ବାସ୍ତୁବିଦ୍ୟା ଟିକେ ହେଜ



**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଅହମ୍ମଦାବାଦର ବିମାନ ଦୁର୍ଘଟଣା କିପରି ଭୟାବହ ହେଲା ସମସ୍ତେ କିଛି ନା କିଛି ଜାଣିଥିବେ। ଏହା ଜ୍ୱଳନ ଅବସ୍ଥାରେ ଏକ ସୌଧରେ ପିଟି ହୋଇ ଯାତ୍ରୀଗଣଙ୍କର ବିକଳ ମୃତ୍ୟୁକୁ ଭବ୍ୟ ନିର୍ମାଣର ଭାଙ୍ଗିଚୁର ଅଗ୍ନିଦାହ ଓ ବାସିନ୍ଦା ମାନଙ୍କର ପ୍ରାଣ ଆତଙ୍କ। ଦିନେ ସ୍କାଇଲାଭ ମହାକାଶରୁ ନିୟନ୍ତ୍ରଣରୁ ବାହାରି ପୃଥିବୀକୁ ଖସିବା ଆରମ୍ଭ କଲା। ଏହା କେଉଁଠାରେ ପଡ଼ିବ ଏକଥା ପୃଥିବୀ ସାରା ମନୁଷ୍ୟଙ୍କୁ ଆତଙ୍କିତ କରିଥିଲା। ଉଲ୍କା ପିଣ୍ଡ ଗ୍ରହାଣୁ ଆକାଶରୁ ଅନେକ ସମୟରେ ଅନେକ ସ୍ଥାନରେ ପଡ଼ୁଛି। ବଡ଼ ବଡ଼ କୁଆପଥର ଖଣ୍ଡ ଆକାଶରୁ ବର୍ଷାକାଳରେ ବା କାଳ ବୈଶାଖୀରେ ଅକସ୍ମାତ ପଡ଼ିଲେ ପଥଚାରୀ ଓ ଆଜବେଷ୍ଟସ ଛାତ ବା ଖପୁରୀ ଛାତର ବହୁ କ୍ଷତି କରିଥାଏ।

ପାହାଡ଼ ପର୍ବତ ଡିନାମାଇଟରେ ଫଟାଗଲେ ପଥର ଟୁକୁରା ଛିଟିକି ଅନେକ ସ୍ଥାନରେ ବିଛୁରିତ ହୋଇପଡ଼େ। ଘର ପାଖରେ ବଡ଼ ବଡ଼ ଗଛ ଥିଲେ ପ୍ରବଳ ବାତ୍ୟା ପବନରେ ଭାଙ୍ଗି ଅନେକ ବସ୍ତୁରେ ମାଡ଼ ଦିଏ ଉଚ୍ଚ ନଡ଼ିଆ ଗଛରୁ ଶୁଖିଲା ନଡ଼ିଆ ଆକସ୍ମିକ ଖସିବାରେ ବହୁ ହାନିକରେ। ଏ ସମୟରେ ଆକାଶ ମାର୍ଗ ଯାତ୍ରା ବହୁଳ ହେଲାଣି। ଏପରି ବିଭିନ୍ନ ଦେଶର ଯୁଦ୍ଧ ବ୍ୟବହୃତ ଏଇ ଉଡାଜାହାଜ ବ୍ୟବହୃତ। ଏପରି ଯାନ କେବେ କେଉଁଠି ବୋମା ପକାଇବ ଏହାର ଠିକଣ ନାହିଁ କି ଆକସ୍ମିକ ଯାନ ଭଙ୍ଗ ହୋଇ କେଉଁଠି ପଡ଼ିବ ଏ ଠିକଣା ନାହିଁ। ଆତସବାଜୀ ଫୁଟାଇବା ଏକ ମନୋରଞ୍ଜନର ବିଷୟ। ଦେୱାଲି, କାର୍ତ୍ତିକ ପୂର୍ଣ୍ଣିମା ଡଙ୍ଗାଭସା ଓ ବିବାହରେ ବରର ଯାକଯମକରେ କନ୍ୟା ଗୃହକୁ ଯାତ୍ରା କାଳରେ କନ୍ୟାଘର ପାଖାପାଖି ଏପରି ବାଣ ଗଡ଼ମା ରସବଦସ ହାବେଲି ଘଡ଼ିବାଣ ଚକ୍ରୀବାଣ ଫଟକା ଫୁଟାଯାଏ। ହାବେଲି ଉପରକୁ ଯାଇ ଫୁଟେ, ଅନେକ ସମୟରେ ଏହି ବାଣ ନିଆଁରୁ ଆକାଶରୁ ଅଗ୍ନିପିଣ୍ଡ ଖସି ଚାଳଘର ଗ୍ରାମରେ ନଷ୍ଟ ହେବା ଜଣାଯାଏ। ପ୍ରତି ସ୍ଥାନରେ ଭୂଚଳନ ଭୂସ୍ଖଳନ ସମ୍ଭବନା ଅଛି। ବଡ଼ ବଡ଼ ଓଜନଦାର ମନ୍ଦିର ଗୃହ ରାସ୍ତା, ପୋଲ, ସେତି ଆଦି ନିର୍ମାଣ ବେଳେ ଏସବୁକୁ ପ୍ରଥମେ ଧ୍ୟାନ ଦିଆଯାଏ। ଅନେକ ସ୍ଥଳରେ ଦେଖିଥିବେ କିଛି ବାଲିବସ୍ତା ଉପରକୁ ଉପରକୁ ଥାକ ମାରି କୌଣସି ନିର୍ମାଣ ସ୍ଥାନରେ ଚାପ ଦିଆଯାଏ, ଏଥିରୁ ବିଚାର ସେ ସ୍ଥାନରେ ମାଟିର ଫୁଲକା ଅଂଶକୁ ଚାପି ସତ୍ୟ ସମତଳ ଖୋଜ ପାଇଁ ଏପରି କରାଯାଏ। ନଦୀ ପ୍ରବାହିତ ଅଞ୍ଚଳରେ ଘର କରାଗଲେ ବନ ବଡ଼ ଜଳାଧାର ପୁଷ୍କରିଣୀ ଠାରୁ କେତେ ଦୂରରେ ଗୃହ ନିର୍ମାଣ କରାଯିବ ଏହା ଅଭିଜ୍ଞ ବାସ୍ତୁଶିଳ୍ପୀଙ୍କ ପରାମର୍ଶରେ କରିବାକୁ ହୁଏ।

ଅନେକ ବର୍ଷ ଧରି ଚାଷ ହୋଇ ଆସୁଥିବା ଧାନ କ୍ଷେତ୍ର ଅନେକ ବର୍ଷ ଧରି ପଡ଼ିଥିବା ଜମି ଇତ୍ୟାଦିରେ କେହି କିଛି ଗୃହ ନିର୍ମାଣ କରୁଥିଲେ ବିଚାରକୁ ନେବ ହେବ। ସେ ସ୍ଥାନ ନିର୍ମାଣ ପରେ ତାଠାରୁ ଓଜନଦାର ଉଚ୍ଚ ଅଟ୍ଟାଳିକା ତାର ପାଖାପାଖି ହେଉଛି କି? ହେବ କି? କେହି ପାଖ ଜମିରେ ପୋଖରୀ ଖୋଳାଇବ କି ପାଖରେ କମ୍ପାନୀ କରି ଯାଉଥିବା ଭାରୀଯାନ ଲମ୍ବା ବୋଝେଇ ଟ୍ରକ ପାଇଁ ରାଜପଥ ବା ରେଲଗାଡ଼ି ପଥ ପରେ ତିଆରି ହେବ କି? ଏପରି ସମ୍ଭବନା ଥିଲେ ସ୍ଥାନ ଜଣ ପାଇଲେ ବି ଘର କରିବା ନିଷେଧ। ପାଞ୍ଜି ଦେଖିଲେ ପ୍ରତ୍ୟେକ ଚାରି ବର୍ଷରେ ଚାରି ପ୍ରକାର ବର୍ଷା ହୁଏ ଓ ସାତ ବର୍ଷରେ ୧/୧ ସମୁଦ୍ରରୁ ବର୍ଷାର ଉତ୍ସ ଆସେ ଅତଏବ ୧୮ ବର୍ଷରେ ବର୍ଷା ଓ ସମୁଦ୍ର ସମାନ ହୁଏ। ଖାର ସମୁଦ୍ରର ଜଳ ବିର୍ପଣରେ ମୃତ୍ତିକାର ବ୍ୟାପକ କ୍ଷତି ହୋଇପାରେ। ଏସବୁ ବିଶ୍ୱାସ ଏବେ କରାଯାଉନାହିଁ ହେଲେ ବହୁ କଳକାରଖାନାରୁ ନିର୍ଗତ ଚିମିନି ବାଟେ ଆକାଶକୁ ଯାଉଥିବା ଧୂମରେ ବିଷାକ୍ତ ରସାୟନିକ ପଦାର୍ଥ ଆକଶରେ ଭାସି ବୁଲେ ତାହା ବର୍ଷାଦିନେ ବର୍ଷା ଜଳରେ ଥଣ୍ଡାପବନରେ ଥଣ୍ଡା ହୋଇ ସବୁ ଘର ଉପରେ ବର୍ଷଣ ହୁଏ। ଏଥିରେ ଅମ୍ଳ ଓ କ୍ଷାର ମିଶ୍ରଣ ରହିଛି। ଏ ପ୍ରତିଘରର କାଛକୁ ଚୁନ ସିମେଣ୍ଟ ବାଲି ଉପରେ କ୍ରିୟା କରୁଛି। ପୂର୍ବେ ଚାଳଘରର ନଡ଼ାଛପରରେ କରୁଥିଲା ଯହିଁରେ ଏତେ ଉଦବାୟୀ ପଦାର୍ଥ ଆକାଶରେ ନଥିଲେ ବି ଯାହାଥିଲା ଛପର ନଡ଼ାକୁ ଏକ ପ୍ରକାର ଜାଳି ଦେବାପରି କରିଦିଏ ଯାହା ବର୍ଷରେ ଥରେ ଛାଉଣୀ ହେଉଥିଲା। କୋଠାଘର ଗୁଡ଼ିକର ବାହାରପଟ ମରାମତି ଏବେ ସମୟକୁ କରାଯାଉଛି। ଆକ୍ରିଲିକ ରଙ୍ଗ ଲଗାଇଲେ ବି ତାହା ବି ବହୁଦିନ ଧରି ଦୀର୍ଘସ୍ଥାୟୀ ନୁହଁ।

ରେଲଗାଡ଼ି, ମଟର ଯାନ, ପ୍ରତିଘରର ଧୂଆଁ ଯାହା ରୋଷଘରୁ ବାହାରୁଛି ଏ ସବୁର ରସାୟନିକ ଧୂଆଁ ମନୁଷ୍ୟର ନିଶ୍ୱାସ ପ୍ରଶ୍ୱାସରେ କ୍ରିୟା କରିବା ବେଳେ ବହୁ ନିର୍ମାଣ ଉପରେ ସେପରି କ୍ରିୟା କ୍ଷତିକର ହେଉଛି। ବାୟୁମଣ୍ଡଳକୁ ପରିଷ୍କାର ବୃକ୍ଷଲତାମାନେ କରନ୍ତି। ମନୁଷ୍ୟର ଏତେ ଆବଶ୍ୟକ ସେ ବଡ଼ ବଡ଼ ଗଛ ହାଣିବାରେ ହେଳା କରୁନାହାଁନ୍ତି। ପ୍ରତି ଘରେ ଦକ୍ଷିଣ ଦିଗ ଝରକା ପୂର୍ବ ଦିଗ ଝରକା ଗୃହ ପାଇଁ ଶୁଭ ମାତ୍ର ପଶ୍ଚିମ ଦିଗ ଧରକା ବହୁ ଦୁଃଖଦ କିରଣ ପବନ ଘରେ ପ୍ରବେଶ କରା।ଇ ରୋଗ ସୃଷ୍ଟି କରାନ୍ତି। ଉତ୍ତର ଦିଗ ଝରକା କ୍ରଶ ଭେଣ୍ଟିଲେସନ କରାଏ ମାତ୍ର ଉତ୍ତରରେ ବ୍ୟାକ ଦରକାର ପଡ଼େ ଓ ସବୁଜିମା କ୍ଷେତ୍ର ଜଳସ୍ଥାନ ଏପଟରେ ରଖାଯାଏ। ଉତ୍ତରଠାରୁ ଦକ୍ଷିଣ ଓ ପୂର୍ବର ପଶ୍ଚିମ ଅଳ୍ପ ସ୍ଥାନ ରଖାଯାଏ। ସରକାରଙ୍କ କାନୁନ କେତେବେଳେ କଣ ବଦଳୁଛି? ପର୍ବତକୁ ତାଡ଼ିବା ବଡ଼ ଖାଲକୁ ପାତିବା ଶସ୍ୟଶ୍ୟାମଳା ଚାଷ ଭୂମିକୁ ଭିନ୍ନ ଭିନ୍ନ ନିର୍ମଣରେ ସାମିଲ କରିବା କେଉଁ ବାଟେ ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ ଏଚଟି ଲାଇନ ନେବା କେଉଁଠି ମାଟିତଳେ ବା ଉପରେ ଗ୍ୟାସ ପାଇପ ଜଳବାହୀ ପାଇପ ଲାଇନ ନେଉଛନ୍ତି। କୁହାଯାଏ ଘୋଡ଼ା ଠାରୁ ୧୦୦ ହାତରେ ହାତ ଠାରୁ ୧୦୦ ହାତ ଦୂରରେ ରହିବ ମାତ୍ର ଦୁଷ୍ଟ ଲୋକ ଠାରୁ ଅନେକ ଦୂରରେ ରହିବ ସେହିପରି ରାଜକୋପରୁ ଅନେକ ଦୂରରେ ରହିବା ପାଇଁ ରାଜ ପ୍ରୀତିକର କାର୍ଯ୍ୟ କରିଯିବାକୁ ହେବ। ଏ ପାଇଁ ରାଜ କାନୁନରେ ଜମି କିଣି ଘର କରିବା ଦରକାର। ପୂର୍ବେ ହାତି ଯେଉଁ କାମ କରୁଥିଲେ ଏବେ ଚତୁଷ୍ଚକ୍ର ଯାନ ମାନେ ହାତିକାମ ତୁଲାଉଛନ୍ତି। ହାତିପାଗଳା ହେଲେ ତାର ଗତିପଥ ଯେ କେତେବେଳେ କେଉଁ ଦିଗକୁ ମାଡ଼ିବ ଯେମିତି କହି ହୁଏନାହିଁ ଏହି ଯାନ ରାଜପଥରେ ଗଲେବି ଇଞ୍ଜିନରେ ଅସୁବିଧା ହେତୁ ଚାଳକର ଗଳତି ହେଉ ରାସ୍ତାର ଏକଡ଼ ସେକଡ କେଉଁଠି ମାଡିଯାଇ କ୍ଷତି କରିପାରେ। ଅନେକ ସହରରେ ମେଟ୍ରୋରେଲ ପ୍ରକଳ୍ପ ଆରମ୍ଭ ହୋଇଛି। ପୂର୍ବ ନିର୍ମାଣ କୋଠାଘର ଗୁଡ଼ିକର ଭିତ୍ତିଭୂମିକୁ କମ୍ପାନୀ କରି ମାଟିତଳେ ନିର୍ମାଣ ପଥ ବେଳେ କୋଠାଘର ଗୁଡ଼ିକର ଭିତ୍ତି ଦୁଲକାଇ ଘରର ପରମାୟୁ କମାଇପାରେ। ଅନେକ ସହରରେ ଗୃହ ନିର୍ମାଣ ଭିତ୍ତିଭୂମିରେ ନଦୀ ବାଲିର ଢ଼େର ଲଗାଯାଇ ନିର୍ମାଣ କରାଯାଉଛି। ଗୃହର ଓଜନ ଓ ମାଟିର ବାରମ୍ବାର କମ୍ପନ ଯାନ ବାହାନ ଯୋଗୁ ଓ ପାଖ ଜଳାଧାର ନଦୀ ପୁଷ୍କରିଣୀ ଜଳ ପତନ ବର୍ଷାଦିନେ ବୃଦ୍ଧି ଖରାଦିନେ ହ୍ରାସ ଯୋଗୁ ବସ୍ତୁ ଭୂମିର ଭିତ୍ତିରେ ଥିବା ବାଲିର ଚଳନ ତଳକୁ ତଳକୁ ଓ ପାର୍ଶ୍ୱକୁ ହୋଇଥାଏ ଏଥିରେ ବି ଗୃହର ପରମାୟୁ ହାନି ହୋଇଚାଲେ। ଧନୀନେଃ ସ୍ରୋତିୟେଃ ରାଜାଃ ନଦୀ ବୈଦ୍ୟୁଷ୍ଟୁ ପଞ୍ଚମଃ। ଯେଉଁ ଘର କରାଯିବ ସେଠାରେ ଧନୀ ଧନ ସମୃଦ୍ଧ ବ୍ୟକ୍ତିମାନେ ନିଷ୍ଟେ ରହିବା ଆବଶ୍ୟକ। କାରଣ ରାତ୍ରୀ ବିକାଳରେ ଅର୍ଥର ଆବଶ୍ୟକ ଧାର ଉଧାରରେ ଅଚାନକ ରୋଗ ବ୍ୟାଧିର ମୁକାବିଲା ସହାୟକ ହୋଇ ପାରିବ। ଜ୍ଞାନୀ ପଣ୍ଡିତ ବ୍ୟକ୍ତି ଯେଉଁମାନେ ଧର୍ମଶାସ୍ତ୍ରର ଯଥେଷ୍ଟ ଅଧ୍ୟୟନ କରିଥିବେ ସେ କିଛି ଆପଦ କାଳରେ ଶାସ୍ତ୍ରଜ୍ଞାନ ମାର୍ଗ ଦେଖାଇ ଭ୍ରାନ୍ତିଂଭଜକ କରିପାରିବେ। ରାଜା ଅର୍ଥ ରାଜକାନୁନ ବଳବତ୍ତର ଥିବା ସ୍ଥାନ ଯେଉଁଠି ବାସକର୍ତ୍ତା ଅଭୟରେ ବସତି କରିବାର ଅସୁବିଧା ନଥିବାଏକାନ୍ତରେ କେହି ଦୁର୍ବଳ ଭାବି ଧମକାଇ ଅସ୍ତ୍ର ଦେଖାଇ ଲୁଟ ଚୋରୀ କରିବାକୁ ସାହାସ କରିବେ ନାହିଁ ରାଜ ନଥିର ଥାନାର ପରିସରର ବାସଗୃହ ପାଖାପାଖି ଥିବା ଦରକାର ଦମକଳ ଆମ୍ବୁଲାନ୍ସ ଘର ପାଖକୁ ସହଜରେ ଆସିପାରୁଥିବା ଦରକାର। ପଞ୍ଚାପାଉତି ହୋଲଡିଂ ଟ୍ୟାଙ୍କର ଦେଇ ରାଜ ନଥିରେ ସ୍ଥାନର ସ୍ଥିତି ସ୍ଥାପକତା ହାସଲ ଦରକାର। ନଦୀ ଅର୍ଥ ଘରକୁ ଆବଶ୍ୟକ ପାନୀୟ ବ୍ୟବହାର ଜଳ ଓ ଉଦବୃତ୍ତ ସ୍ଥାନୀୟ ଶୌଚାଦି ଜଳ ସହଜରେ ନିଷ୍କାସନ ହେବା ଜଳ ଯେପରି ସହଜରେ ସ୍ଥାନ ସହିତ ସମ୍ବନ୍ଧ ରହିବା ଦରକାର। ବୈଦ୍ୟ ଅର୍ଥ ଡାକ୍ତରଖାନା ଚିକିତ୍ସକ ଔଷଧ ବ୍ୟବସ୍ଥା ଘର ପାଖରେ ଉପଲବ୍ଧ ହେବା ଦରକାର। ଏସବୁ ନଭାବି ଘର କଲେ ନିଷ୍ଟେ ସଙ୍କଟ ଆସେ। ସେହିପରି ଏକ ଗାଣିତିକ ପଦ୍ଧତି ଘରର ଲମ୍ବା ଚୌଡ଼ାକୁ ମିଟର ମାପ ହେଉ ଗଜଫୁଟ ମାନରେ ବା ହାତ ମାପ ହେଉ ତାକୁ ଆଙ୍ଗୁଳରେ ପରିବର୍ତ୍ତନ କରିବାକୁ ପଡ଼ିବ। ୧ହାତ ୧୮ ଇଞ୍ଚ ବା ୧ହାତ ୨୪ ଆଙ୍ଗୁଳି, ୧ଫୁଟ - ୧୬ ଆଙ୍ଗୁଳି, ୧୨ ଇଞ୍ଚ, ୧ ଆଙ୍ଗୁଳି ୩/୪ ଇଞ୍ଚ। ଲମ୍ବାର ଆଙ୍ଗୁଳି ସମଗ୍ର ଓ ଚୌଡ଼ାର ସମସ୍ତ ଆଙ୍ଗୁଳିକୁ ଗୁଣ କରି ୮ରେ ହରିଲେ ହୁଏ ଗୃହର ବନ୍ଧ ୬୦ରେ ହରିଲେ ହୁଏ ଗୃହର ପରମାୟୁ, ୨୭ରେ ହରିଲେ ହୁଏ ଗୃହର ନକ୍ଷତ୍ର। ପ୍ରାପ୍ତ ପରମାୟୁକୁ ୫ରେ ହରିଲେ ଆସେ ଗୃହ ବା ସ୍ଥାନର ନାଶ, ଗୃହରାସ୍ଥାନ ନାଶ ପଞ୍ଚମହାଭୂତରେ ହୋଇଥାଏ। କ୍ଷତି୧ ଅପଜଳ-୨ ତେଜ-ଅଗ୍ନୀ-୩, ମରୁଡ଼ ପବନ-୪, ବ୍ୟୋମ ଆକାଶ ଏଥିରେ ଜଳନାଶ ପ୍ରବଳ ବର୍ଷା। ନଦୀବଢ଼ି ଆଦିରେ ସ୍ଥାନ ବା ବାସ ନାଶ ହୋଇପାରେ। ପବନ ନାଶରେ ପ୍ରଚଣ୍ଡ ପବନ ସ୍ଥାନକୁ ନାଶ କରିପାରେ ଭିନ୍ୟାର୍ଥେରେ ଦୂଷିତ ବାୟୁ ଗୃହକୁ ଗୃହଜନଙ୍କୁ ହାନିରେ ପହୁଞ୍ଚାଇପାରେ ଏ ପାଇଁ କଳକାରଖାନା ପାଖ, ଶ୍ମଶାନ ପାଖରେ ଗୃହ ନିର୍ମାଣ କରାଯାଏନାହିଁ ଏପରିକି ପ୍ରବଳ ଧୂମ ନିର୍ଗତ କୁମ୍ଭାରଶାଳ, ରସାୟନିକ ପରୀକ୍ଷାଗାର, ମଦ୍ୟ କାରଖାନାର ଗୁଡ଼ରୁ ସ୍ପିରିଟ ସ୍ଥାନ। ବିସ୍ଫୋରକ ଦ୍ରବ୍ୟରେ ଗନ୍ଧକ ସାରରେ ପ୍ରକ୍ରିୟାକରଣ ସ୍ଥାନ ଲୁହାତରଳା ଫର୍ନେସ ପାଖରେ ଘର କରିବା ଠିକ ନୁହେଁ। ଏଥିରେ ତେଜ ଅଗ୍ନୀ ଭୂତ ଜଡ଼ିତ ଭୀଷଣ ତାପ ଅଞ୍ଚଳ। ମରୁଭୂମି ବୃକ୍ଷଲତା ନଥିବା ଅଞ୍ଚଳ। ଏଠାରେ ଘର କରିବା ଠିକ ନୁହେଁ। ଅନେକ ଗୃହରେ ବାରୁଦରୁ ବୋମା ଫାଟବା ବାଣ ଭିଡ଼ି ଘରକୁ ନଷ୍ଟ କରିବା ଶୁଣାଯାଉଛି। ଗ୍ୟାସ ସିଲିଣ୍ଡର ଅଗ୍ନୀର ଏକ ଉତ୍ସ ଏହାକୁ ଠିକ ଭାବରେ ବ୍ୟବହାର ନକଲେ ଅଗ୍ନୀର ଭୟାବହ ଚେହେରାର ସମ୍ମୁଖୀନ ହେବାକୁ ହେବ। ଆକାଶରୁ ହିଁ ବ୍ରଜପାତ ଭୀଷଣ ବର୍ଷା,କୁଆପଥର ମାଡ଼ ସହିତ ଆକାଶରୁ ଆକାଶୀୟ ଗ୍ରହ ଗ୍ରହାଣୁ ଅଂଶ ପତନ ମହାକାଶ ଯାନର ଭଗ୍ନ ଅଂଶ ପତନ ବ୍ୟୋମଜାନର ବିପର୍ଯ୍ୟସ୍ତ ଯାନର ଅଂଶ ପଡ଼ିବା ତହିଁରୁ ନିର୍ଗତ ଜ୍ୱଳନ ଶୀଳ ଅଙ୍ଗ ପଡ଼ିବା, ଯୁଦ୍ଧ ବେଳେ ଶତୃର ବିମାନ ଆକ୍ରମଣରେ ବା ଡ୍ରୋନ ଆକ୍ରମଣରେ ମାରଣାସ୍ତ୍ର ବୋମା ଆଦି ପତନ ବସ୍ତୁ ଭିଟା ବାସିନ୍ଦାକୁ ଶେଷ କରିପାରେ। ଏସବୁ ପାଇଁ ନିର୍ମାଣ ଗୁଡ଼ିକର ହାନି କେଉଁ ଭୂତରେ ହେଉଛି ତାକୁ ଅନୁଧାନ କରାଯାଏ। ୫୬ ବର୍ଷ ପରମାୟୁ, ୪୪ ବର୍ଷ ପରମାୟୁ, ୩୨ ବର୍ଷ ପରମାୟୁ ଯଥାକ୍ରମେ ପୃଥିବୀର ପବନ ଦ୍ୱାରା ଓ ଜଳ ଦ୍ୱାରା ନାଶ ଧରାଯାଏ। ଏସବୁ ସର୍ବୋଚ୍ଚସ୍ତରରେ ଧରାଯାଏ। ମାଟିଘର ପାଇଁ ୧ଗୁଣ ଇଟା ସିମେଣ୍ଟ ଘର ପାଇଁ ୨ଗୁଣ ପଥର ଆଦି ଘର ପାଇଁ ୩ଗୁଣ ଧରାଯାଏ। ମାତ୍ର ଏହି ବର୍ଷରେ ଗୃହ ବା ବସ୍ତୁର ଜୀର୍ଣ୍ଣୋଦ୍ଧାର ନିହାତି କରାଯିବା ଦରକାର। ବିମାନରେ ରନୱେ ଏରୋଡ୍ରମ ରେଲଷ୍ଟେସନର ଲମ୍ବା ଚୌଡ଼ା ରେଲରାସ୍ତାର ବାଙ୍କ ସ୍ଥଳୀ ବର୍ଗ ଖଞ୍ଜା ରେଲଗାଡ଼ିର ଲମ୍ବା ଏସବୁ ବାସ୍ତୁ ନିୟମରେ କରାଯିବା ଦରକାର।

ପ୍ରତି ତିଥିରେ ଯୋଗିନୀ ଧାର୍ଯ୍ୟ ଏମିତି ତତ୍କାଳ ଯୋଗିନୀ ଅଛି। ଯାନ ଚାଳକର ଲଗ୍ନର ଘାତରେ ଲଗ୍ନ ପ୍ରହର ଚନ୍ଦ୍ର ଆଦି ନିହାତି ଚଲାଇବା ପୂର୍ବରୁ ଜାଣିବା ଦରକାର। ଯାନ ଯୋଗିନୀର ସମ୍ମୁଖ ଡାହାଣରେ ମୋଡ଼ ଦେଲାବେଳେ ଯୋଗିନୀ ସ୍ଥିତି ସେ ଦିନ ଜାଣିଲେ ରକ୍ଷା ମିଳିପାରେ। ପ୍ରତି ରେଲଷ୍ଟେସନ ପୂର୍ବ-ପଶ୍ଚିମ ଉତ୍ତର ଦକ୍ଷିଣ ହୋଇ ରହିଛି। କେଉଁ ଦିନ କେଉଁଦିଗ କେଉଁ କୋଣକୁ ଗାଡ଼ି ଯାଉଛି କି ଉଡାଜାହାଜ ଯାଉଛି ତାହା ଯୋଗିନୀ ଦିଗ ଦିଗଶୂଳ ସହିତ ଚାଳକଙ୍କର ଲଗ୍ନ ଶୁଦ୍ଧି ରାଶି ନକ୍ଷତ୍ର ଶୁଦ୍ଧି ଜାଣିଲେ ଅତି ନିରାପଦ ରହିପାରେ।


**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩**


# ପାର୍ବଣର ରଜ: ମହକ ହଜୁଛି



**ପୁଷ୍ପମିତ୍ର ମହାପାତ୍ର**

ଓଡ଼ିଶାରେ ଘରେ ଘରେ ପାଳନ କରାଯାଉଥିବା ରଜପର୍ବର ପାରମ୍ପରିକ ଚରିତ୍ରରେ ଏବେ ଘଟିଛି ଅନେକ ପରିବର୍ତ୍ତନ। ସହରରେ ରଜର ମଉଜ ନାହିଁ। ଗାଁ ଗହଳିରେ ଆଉ ସେଭଳି ମନମତାଣିଆ ପର୍ବର ଆକର୍ଷଣ ଦେଖିବାକୁ ମିଳୁନାହିଁ। ଜାତୀୟ ପର୍ବ ଭାବେ ପରିଚିତ ରଜପର୍ବ କୁମାରୀ କନ୍ୟାମାନଙ୍କୁ ପୂର୍ବରୁ ଯେଉଁଭଳି ପ୍ରଭାବିତ କରୁଥିଲା ସେଥିରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ତେବେ ବି ପରମ୍ପରାର ଛିଟା ସଂପୂର୍ଣ୍ଣ ଭାବେ ଲିଭିନାହିଁ। ରଜପର୍ବରେ ନୂଆ ପୋଷାକ ପିନ୍ଧିବା, ପିଠାପଣା ଓ ଭଲ ମନ୍ଦ ଖାଦ୍ୟ ପ୍ରସ୍ତୁତ କରିବା ବ୍ୟବସ୍ଥା ଏବେ ବି ପ୍ରଚଳିତ ଅଛି ଅନେକ ସ୍ଥାନରେ। ମଫସଲ ଅଞ୍ଚଳରେ ରଜର ମହକ ଏବେ ବି ଉତ୍‌ଫୁଲ୍ଲିତ କରୁଛି ଲୋକମାନଙ୍କୁ। କୁମାରୀ କନ୍ୟାମାନେ ତିନିଦିନ ଧରି ସ୍ନାନ କରନ୍ତି ନାହିଁ। ଖାଲି ପାଦରେ ଭୂମି ଉପରେ ଚାଲିବା ମଧ ଦେଖାଯାଏ ନାହିଁ। ଏକରକମ ଘର ଭିତରେ ବସି ରହନ୍ତି ସେତେବେଳେ କଦଳୀ ପାଟୁଆ ବା ଗୁଆଖୋଳ ପିନ୍ଧି ପଦାକୁ ଆସନ୍ତି। ଏବେ ଚପଲ ବ୍ୟବହାର କରାଗଲାଣି। ବସୁମତୀ ପୂଜା ପାଳନ ପାଇଁ ମାଟି ଖୋଳିବା ବା ମାଟିକୁ ଆଘାତ ଦେବା ଠାରୁ ଦୂରରେ ରହନ୍ତି ଲୋକମାନେ। ଦଳ ଦଳ ହୋଇ ମହିଳାମାନେ ସାହି ପଡ଼ୋଶୀ ଘରକୁ ଯାଇ ହସଖୁସିରେ ସମୟ ବିତାଇଥାଆନ୍ତି। ସନ୍ଧ୍ୟା ପୂର୍ବରୁ ସମାପ୍ତ କରିଥାଆନ୍ତି ଭୋଜନ ପର୍ବ। ରଜ ପୂର୍ବଦିନ ଠାରୁ ସବୁକାର୍ଯ୍ୟ ଶେଷ କରି ଥାଆନ୍ତି ସେମାନେ। କଂସାବାସନ ମଜା ମଜି ଠାରୁ ଆରମ୍ଭ କରି ରଜ ତିନିଦିନ ପାଇଁ ମସଲା ବାଟିବା ଏବଂ ପିଠା ପଣା ପାଇଁ ବିରିବଟା ଓ ଚୂନା କୁଟା କାର୍ଯ୍ୟ ଶେଷ କରାଯାଇଥାଏ। ଗାଁ ଗହଳିରେ ଏବେବି ଏହି ପରମ୍ପରାର ଚିତ୍ର କାଁ ଭାଁ ଲକ୍ଷ୍ୟ କରାଯାଏ। ଢ଼ିଙ୍କିରେ ଚାଉଳ ଚୂନା କରିବାଠାରୁ ଆରମ୍ଭ କରି ଦୋଳିରେ ବସି ମଉଜରେ ସାରାଦିନ ଝୁଲିବା ଦେଖାଯାଇଥାଏ। ଆଷାଢ଼ ମାସରେ ମେଘ ସହ ମାଟିର ମିଳନ ହୋଇଥାଏ। ମାଟିକୁ ବିଶ୍ରାମ ଦେବାପାଇଁ ତିନିଦିନ ପର୍ଯ୍ୟନ୍ତ ମାଟିକୁ କଷ୍ଟ ନଦେବାନେଇ ରଜପର୍ବ ପାଳନ କରାଯାଇଥାଏ ବୋଲି କହନ୍ତି ବୟସ୍କ ଲୋକମାନେ। ଏବେ ଏ ସବୁ କେହି କେହି ପାଳୁଥିବାବେଳେ ଅନେକ ଏହାକୁ ଅନ୍ଧ ବିଶ୍ୱାସ କହି ଦୂରେଇ ଦେବାରେ ଲାଗିଛନ୍ତି।

ପହିଲି ରଜପପର୍ବ ଦୁଇଦିନ ଆଗରୁ ସବୁ ପ୍ରସ୍ତୁତି ପାଇଁ ଆୟୋଜନ କରିଥାଆନ୍ତି ଘରରବୟସ୍କା ମହିଳାମାନେ। କେବଳ କୁମାରୀ କନ୍ୟା ନୁହନ୍ତି ଠାକୁରମାନଙ୍କୁ ମଧ ସ୍ନାନ କରାଯାଏ ନାହିଁ। କଟାବଟା କାର୍ଯ୍ୟ ମହିଳାମାନଙ୍କ ଦ୍ୱାରା କରାଯାଉନଥିବା ବେଳେ ଏହି କାର୍ଯ୍ୟ ପୁରୁଷମାନେ କରିଥାଆନ୍ତି। ରଜଦୋଳିର ଏକ ଆକର୍ଷଣ ରହିଛି। ଦୋଳିଟିଏ ଲାଗିଥିବା ସ୍ଥାନରେ ଝିଅମାନେ ନୂଆ ପୋଷାକ ପିନ୍ଧି ଦୋଳିଖେଳୁଥିବା ଦେଖାଯାଏ। ରଜ ତିନିଦିନ ପୃଥିବୀ ରଜସ୍ୱଳା ହେଉଥିବା ଲୋକମତ ରହିଛି। ଏହି କାରଣରୁ ଭୂମି ସ୍ପର୍ଶ ବା କର୍ଷଣକୁ ବାରଣ କରାଯାଇଛି।

ବ୍ୟସ୍ତ ଜୀବନ ଭିତରେ ରଜର ମହକ ଧୀରେ ଧୀରେ ମଳିନ ପଡ଼ିଯାଇଥିବା ଏବେ ଲକ୍ଷ୍ୟ କରାଗଲାଣି। ପ୍ରସ୍ତୁତି ପାଇଁ ସମୟ ମଧ ନାହିଁ। ଅତ୍ୟାଧୁନିକ ବ୍ୟବସ୍ଥାରେ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ଯୋଗୁଁ କଟାକଟି ଓ ବଟାବଟି ଆଦି ନିଷିଦ୍ଧ ଥିଲେ ମଧ ତାହା ସହଜରେ ହୋଇପାରୁଛି ଭୂମିକୁ ସ୍ପର୍ଶ ନକରି। ପର୍ବପର୍ବାଣିର ମଜ୍ଜାନେବା ପାଇଁ ଆଉ ଆଗଭଳି ଆଗ୍ରହ ନାହିଁ। ଯେତେବେଳେ ଚାହିଁଲେ ମହିଳାମାନେ ସ୍ୱାଧୀନଭାବେ ସେମାନଙ୍କ କାର୍ଯ୍ୟ ସଂପାଦନ କରୁଛନ୍ତି। ସାହି, ପଡ଼ୋଶୀ, ବନ୍ଧୁମାନଙ୍କ ଘରକୁ ଯିବାପାଇଁ ଆଉ ସମୟ ଉପରେ ନିର୍ଭର କରିବାକୁ ହେଉନାହିଁ। ଯେଉଁଥିପାଇଁ ରଜପର୍ବର ଗୁରୁତ୍ୱ ଥିଲା ତାହା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଦୋଳିଖେଳିବା ପାଇଁ ଇଛାହେଲେ ବଜାରରେ ମିଳୁଥିବା ପ୍ଲାଷ୍ଟିକ ସୂତାରେ ବୁଣା ଦୋଳି ଏବେ ରଜ ଦୋଳିର କାମ ଦେଉଛି। ବାଉଁଶ ବା ଦଉଡିର ଆବଶ୍ୟକତା ପଡୁନାହିଁ। ପର୍ବପର୍ବାଣିର ପାରମ୍ପରିକ ଚିତ୍ର ବଦଳୁଛି ଆଧୁନିକ ସମାଜର ଚାଲିଚଳଣକୁ ନେଇ। ଆଉ ସେତେବେଳର ପିଠାପଣା ବ୍ୟବସ୍ଥା ସହରୀ ଜୀବନରେ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ଚିରାଚରିତ ଭାବେ ପ୍ରଚଳିତ ପ୍ରଥାକୁ ନେଇ କିଛି ଲୋକ ଏହାକୁ ଜାକଜମକର ସହ ପାଳନ କରୁଥିବାବେଳେ ଅଧିକାଂଶ ସ୍ଥାନରେ ବିଶେଷ କରି ସହରାଞ୍ଚଳ ମିଳନ ପଡ଼ିଆସିଛି ଏହାର ସତ୍ତା।


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ମୋବାଇଲ୍: ୯୪୩୭୨୨୫୬୮୯**




# ରଜ ପାନ

**ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ**

'ସେ ଯେବେ କରିବେ ମାନ, ଭାଙ୍ଗି ଭୁଞ୍ଜାଇବି ପାନ....'

ପାନ ହେଉଛି ଓଡ଼ିଆର ପ୍ରାଣ। ପ୍ରାଚୀନ ଓଡ଼ିଶାରୁ ପାନର ସୃଷ୍ଟି ଆଉ ଏହା ଆମ ସଂସ୍କୃତି ସହ ନିବିଡ଼ ହୋଇ ରହିଛି - କାହିଁ କେଉଁ କାଳରୁ। ଏମିତିକି ଓଡ଼ିଶାର ଲୋକ ଦେବତା ଜଗନ୍ନାଥଙ୍କର ମଧ ବିଡ଼ିଆ ପାନ ଖଣ୍ଡେ ନହେଲେ ନଚଳେ। ପାନ କାହାର ପ୍ରିୟ ନୁହେଁ ଯେ। ନ ଖାଇଲା ଲୋକଙ୍କୁ ସାଧା ଖିଲିପାନ ଖଣ୍ଡେ ଦେଲେ ସେ ବି ଖୁସିରେ ଖାଇଦେବ। ଆଉ ରଜ କଥା ପୁରା ଅଲଗା। ପୁଣି ରଜପାନର ସ୍ୱାଦ ବି ଖୁବ୍ ରୁଚିକର। ପ୍ରେମ, ପ୍ରିତୀ ଓ ପ୍ରଣୟର ପ୍ରତୀକ ଏଇ ପାନ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚନାରେ ଏମିତି ବି ବର୍ଣ୍ଣନା ରହିଛି - "ସେ ଯେବେ କରିବେ ମାନ, ଭାଙ୍ଗି ଭୁଞ୍ଜାଇବି ପାନ, ଗଣ୍ଡେ ଦେଇଣ ଚୁମ୍ବନ, ହରଷ ମୁଁ କରାଇବି, ମଲ୍ଲୀମାଳ ଶ୍ୟାମକୁ ଦେବି ମନ ତୋଷିବି' ପାନ ଖାଉଥିବା ଝିଅଙ୍କ ଓଷ୍ଠାଧାରର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ। ପାନ ଦିଆ ନିଆରେ ସମ୍ପର୍କ ବଢ଼େ, ପ୍ରେମରେ ପୂର୍ଣ୍ଣତା ଆଣେ ପାନ। ନୂଆ ବୋହୂଟିଏ ଘରକୁ ଆସିଲେ ତା'ର ଶାଶୂ, ସାଇପଡ଼ିଶା ପ୍ରଥମେ ପାନ ଭଙ୍ଗାର ପରୀକ୍ଷା ନେଉଥିଲେ। ଗୁରୁଜନମାନଙ୍କୁ ନିଜ ହାତଭଙ୍ଗା ପାନ ପରଷିଦେଇ ବୋହୂଟି ମଥାନୁଆଁଇ ପ୍ରଣାମ କରୁଥିଲା। ତେଣୁ ପାନ ଓଡ଼ିଶା ସଂସ୍କୃତିର ଛତ୍ରେ ଛତ୍ରେ ରହିଛି। ରଜପର୍ବରେ ସହୀ ସଙ୍ଗାତ, ମକର, ବଉଳଙ୍କ ସହିତ ପାନଭଙ୍ଗା ଓ ପରସ୍ପର ଆଦାନପ୍ରଦାନ ଓଡ଼ିଆ ଘରର ଚଳଣିରେ ଗ୍ରାମୀଣ ଜୀବନର ଧାରାକୁ ଏବେ ବି ଉଜ୍ଜିବୀତ କରି ରଖିଛି। ପାନ ଖାଇ ରଜଦୋଳିରେ ବସି ଝିଅମାନେ ରଜପାନର ଗୀତ ବୋଲିବା ପରିବେଶକୁ ଖୁବ୍ ଆମୋଦିତ କରିଥାଏ।

"ବାଉଁଶ ଅଗରେ ଧାନ  
ମୁଁ ଦେବି ପଇସା ଖାଇବୁ ପାନ  
ମୋ ବଉଳ ମିତଲୋ  
ଏବେ ଚାଲିଯିବା ବୃନ୍ଦାବନ।  
ଉଇଁ ଆସେ ନୂଆ ଜହ୍ନ  
ଚାଲ ଯିବା ମିଶି ଗୁଆଖାଦାନ  
ମୋ କାଇଁଚମାଳାଲୋ



ଆମେ ସେଇଠି ଖାଇବା ପାନ।' ପାନ ଖଣ୍ଡକରେ କିଣି ହୋଇଯାଏ ମନ। ମୁଖର ସୌନ୍ଦର୍ଯ୍ୟ ଓ ବାସ ବୃଦ୍ଧି କରିଥାଏ ବୋଲି ପାନର ଅନ୍ୟ ନାମ ମୁଖବାସ। ପୁଣି ରଜ ଖେଳ ଭିତରକୁ ବି ପାନ ପଶି ଆସିଛି। ବୟସ୍କ ଓ ମହିଳାଙ୍କ ତାସ ଖେଳରେ କଳାପାନ ଓ ନାଲିପାନର ଆଡ୍ଡା ଖୁବ୍ ଜମେ। ଏବେ ଘରେ ଘରେ ରଜପାନ। ରଜ ସମୟରେ କେବଳ କଟକ ଭୁବନେଶ୍ୱର ନୁହେଁ ରାଜ୍ୟର ସବୁଠି ଏମିତିରେ ଆମ କନ୍ଧମାଳର ବାଲିଗୁଡ଼ାରେ ମଧ ପାନ ଦୋକାନୀ ଭଳିକି ଭଳି ରଜ ପାନର ପସରା ମେଲାଇ ବସିଛନ୍ତି। ସେମାନେ ଖାସ୍ ରଜପାନ ହିଁ ତିଆରି କରୁଛନ୍ତି। ପାନରେ ଗୁଆ, ଚୂନ, ଖଇର ସହ ଅନ୍ୟାନ୍ୟ ବ୍ୟବହୃତ ମସଲା ସବୁର ଖୁବ୍ ଔଷଧୀୟ ଗୁଣ ରହିଛି। ଚରକ ସଂହିତାରେ ପାନରେ ଗୁଆ, କର୍ପୂର, ଜାଇଫଳ, ଲବଙ୍ଗ, କଙ୍କୋଳ ଓ ଗୁଜୁରାତି ଦିଆଯାଇଥିବା ପାନ କଥା କୁହାଯାଇଛି। ଏ ସବୁ ମସଲା ପାନର ସ୍ୱାଦ, ସୁଗୁଣ ଓ ସୁବାସ ନେଇ ଆସିଥାଏ। ପାନର ମୁଖ୍ୟ ଉପାଦାନ ଗୁଡ଼ିକ ହେଲା - ପାନ, ଚୂନ, ଗୁଆ, ଖଇର, ଲବଙ୍ଗ, ଗୁଜୁରାତି, ଅଳେଇଚ, ଜାଇତ୍ରୀ, ଜାଇଫଳ, ଖୁରୁଡ଼ି ନଡ଼ିଆ, ବାଦାମ, କର୍ପୂର, କବାବ ଚିନି, କେଶର, ଡାଲଚିନି, କସ୍ତୁରୀ, ସୁନା ତବକ, ରୁପାତବକ, ଶୁଣ୍ଠି, ଅଦା, ଚନ୍ଦନ, ମାତୁଲୁଙ୍ଗ, ପିପରମେଣ୍ଟ, ଲବଳୀ, ନଖି ଓ ମୁରାମାଂସୀ। ଏ ସବୁ ପାନ ମସଲାଦେଇ ଖୁବ୍ କୌଶଳରେ ମୋଡ଼ାଯାଏ ପାନ, ଆଉ ଏଥିରେ ଲବଙ୍ଗ ଗୁଞ୍ଜି ବଢ଼େଇ ଦିଆଯାଏ। ଆତ୍ମୀୟ ସ୍ୱଜନଙ୍କୁ। ଏମିତି ଲୋକ ଅଛନ୍ତି, ଯେଉଁମାନେ ପାନଖଣ୍ଡେ ନ ହେଲେ କାମ କରି ପାରନ୍ତି ନି। ତେବେ କଡ଼ାପାନ ନିଶ୍ଚୟ ସ୍ୱାସ୍ଥ୍ୟପକ୍ଷେ ଖୁବ୍ କ୍ଷତିକାରକ। ପାନ ଖର୍ଚ୍ଚ ବି ଅନେକ ସମୟରେ ଅଣ୍ଟାରୁ ପଇସା ସାରିଦିଏ। ତଥାପି ପାନର ମହତ୍ୱ ଖୁବ୍ ବେଶୀ, ଯେତେବେଳେ ଏହା ମନରେ ସପ୍ରୀତି ଓ ପ୍ରେମଭାବ ଆଣି ଆବେଗକୁ ଉଦ୍‌ବେଳିତ କରେ। ପାନ ଏବେ ଦଶ ଟଙ୍କାରୁ ଆରମ୍ଭ କରି ଦେଢ଼ଶହ ଟଙ୍କା ପର୍ଯ୍ୟନ୍ତ ମିଳୁଛି ସବୁଆଡ଼େ। ନିଆଳି, କାକଟପୁର ଅଞ୍ଚଳରୁ ଏଠାକୁ ଆସୁଛି ପାନ, ପୁଣି ପାନମସଲା ଆସୁଛି ଦିଲ୍ଲୀ ଓ କଲକତାରୁ। ବନାରସ ଓ ରାଞ୍ଚିର ପାନ ବି ଏଠାକୁ ଆସୁଛି ବିକ୍ରି ପାଇଁ। ଜାଫ୍ରାନ ଓ ଗୁଲକନ୍ଦର ଚାହିଦା ବି ଓଡ଼ିଶା ବଜାରରେ ଖୁବ୍। ରାଜଧାନୀରେ ପାନ ଦୋକାନ କରି ହଜାର ହଜାର ଲୋକ ପେଟପାଟଣା ଦେଖୁଥିବାବେଳେ - ଏବେ ସେମାନଙ୍କର ରଜବଜାର ବେଶ୍ ଜମିଛି। ଦୋକାନୀମାନେ ଢ଼େର ମିଠା ମସଲା ଭର୍ତ୍ତିକରି ରଖିଛନ୍ତି। ଘରେ ଘରେ ବି ବୟସ୍କ ଲୋକ ପାନ ଭାଙ୍ଗି ଅତିଥି ଚର୍ଚ୍ଚା କରୁଛନ୍ତି। ଝିଅଙ୍କର ଏବେ ପାନଖିଆର ବେଳ।


**ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ ମୋବାଇଲ୍: ୯୪୩୭୨୪୨୩୧୭**

ସାଇପ୍ରସରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ

ଜି-୭ ସମ୍ମିଳନୀରେ ଦେବେ ଯୋଗ

## ସ୍ୱାଗତ କଲେ ରାଷ୍ଟ୍ରପତି ନିକୋସ କ୍ରିଷ୍ଟୋଡୋଲିଡେସ୍



**ନୂଆଦିଲ୍ଲୀ, ୧୫।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଞ୍ଚ ଦିନିଆ ବିଦେଶ ଗସ୍ତରେ ଯାଇ ରବିବାର ସାଇପ୍ରସରେ ପହଞ୍ଚିଛନ୍ତି। ଏହି ଗସ୍ତ ସମୟରେ ମୋଦି କାନାଡା ଏବଂ କ୍ରୋଏସିଆ ମଧ୍ୟ ଯିବେ। ଭାରତ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରି ଅପରେସନ ସିନ୍ଦୂର ପରେ ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ବିଦେଶ ଗସ୍ତ। ମୋଦିଙ୍କୁ ସାଇପ୍ରସ ଗଣରାଜ୍ୟର ରାଷ୍ଟ୍ରପତି ନିକୋସ କ୍ରିଷ୍ଟୋଡୋଲିଡେସ୍ ମାନବନ୍ଦରରେ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ଜୁନ୍ ୧୫ରୁ ୧୬ ପର୍ଯ୍ୟନ୍ତ ଦୁଇ ଦିନ ପାଇଁ ସାଇପ୍ରସରେ ରହିବେ। ଦୁଇ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ଏହା ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସାଇପ୍ରସକୁ ପ୍ରଥମ ଗସ୍ତ। ସାଇପ୍ରସରେ ପ୍ରଧାନମନ୍ତ୍ରୀ ମୋଦି ବାଣିଜ୍ୟ, ନିବେଶ, ସୁରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ବିସ୍ତାର ଉପରେ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୋଲିଡେସଙ୍କ ସହ ଆଲୋଚନା କରିବେ। ପରେ ପ୍ରଧାନମନ୍ତ୍ରୀ ଜୁନ୍ ୧୬ ଏବଂ ୧୭ ତାରିଖରେ ଜି-୭ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ କାନାଡାର କାନାନାସ୍କିସ୍ ଯିବେ। ଗସ୍ତର ଶେଷ ପର୍ଯ୍ୟାୟରେ ସେ ଜୁନ୍ ୧୮ ତାରିଖରେ କ୍ରୋଏସିଆ ଯିବେ ଏବଂ ଜୁନ୍ ୧୯ ତାରିଖରେ ଭାରତ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ତିନି ରାଷ୍ଟ୍ରୀୟ ଗସ୍ତ ସମ୍ପାଦନ ଆତଙ୍କବାଦ ବିରୁଦ୍ଧରେ ଭାରତର ଲଢ଼େଇରେ ଭାରତକୁ ସେମାନଙ୍କର ଦୃଢ଼ ସମର୍ଥନ ପାଇଁ ସହଯୋଗୀ ଦେଶମାନଙ୍କୁ ଧନ୍ୟବାଦ ଦେବା ଏବଂ ସମସ୍ତ ପ୍ରକାର ଏବଂ ପ୍ରକାଶନରେ ଆତଙ୍କବାଦକୁ ମୁକାବିଲା କରିବା ପାଇଁ ବିଶ୍ୱସ୍ତରୀୟ ବୁଝାମଣାକୁ ବୃଦ୍ଧି କରିବାର ଏକ ସୁଯୋଗ ମଧ୍ୟ ବୋଲି ସାଇପ୍ରସ୍ ଯାତ୍ରା କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଏକ ସରକାରୀ ବିବୃତ୍ତିରେ କହିଛନ୍ତି।

# କେରଳରେ ଲଗାଣ ବର୍ଷା: ତଳିଆ ଅଞ୍ଚଳ ଜଳମଗ୍ନ

**ଥିରୁଭାନ୍ତପୁରମ,୧୫।୬:** ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳରେ ସକ୍ରିୟ ରହିଛି। ଏହାର ପ୍ରଭାବରେ ରବିବାର କେରଳର ବିଭିନ୍ନ ସ୍ଥାନରେ ନିରନ୍ତର ଏବଂ ପ୍ରବଳ ବର୍ଷା ଜାରି ରହିଛି। ପ୍ରବଳ ବର୍ଷା, ପବନ ଯୋଗୁ ବିଭିନ୍ନ ସ୍ଥାନରେ ଗଛଗୁଡିକ ଉପୁଡ଼ି ପଡ଼ିଥିବା ବେଳେ ଉଚ୍ଚ ଅଞ୍ଚଳରେ କାଦୁଅ ଧସି ପଡ଼ିଛି। ଏପରିକି ତଳିଆ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ଯଦିଓ କୌଣସି ସ୍ଥାନରେ ବଡ଼ ଧରଣର ମୃତାହତର ଖବର ମିଳିନାହିଁ, ହେଲେ ବିଭିନ୍ନ ଜିଲା ଘର ଏବଂ ଯାନବାହନ ବିକ୍ଷିପ୍ତ କ୍ଷତି ଘଟିଛି।

ଶନିବାର ଠାରୁ ଲଗାଣ ବର୍ଷା ପରେ ମାଟି ଧସିବା ଯୋଗୁ ପାହାଡ଼ି ଅଞ୍ଚଳ ମଲାପ୍ପୁରମର କୋଟ୍ଟାକ୍କଲରେ ଏକ ଘର କ୍ଷତିଗ୍ରସ୍ତ ହୋଇଥିଲା। ହେଲେ ପରିବାର ଲୋକେ ଅଳ୍ପକେ ବଞ୍ଚି ଯାଇଛନ୍ତି।

ଉତ୍ତର ୱାୟାନାଡର ସୁଲତାନ ବାଥେରୀ ଏବଂ ଦକ୍ଷିଣ କୋଟ୍ଟାୟାମ ଜିଲାର ଚୁଙ୍ଗାମରେ ପ୍ରବଳ ବର୍ଷା ପବନ ଯୋଗୁ ବଡ଼ବଡ଼ ଗଛଗୁଡିକ ଉପୁଡ଼ି ପଡ଼ିଛି। ଫଳରେ ଯାତାୟାତ ପ୍ରଭାବିତ ହୋଇଛି। ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛକାଟି ସଫା କରିବା ପରେ ଗାଡିଚଳାଚଳ ସ୍ୱାଭାବିକ ହୋଇଥିଲା। କେରଳର ୫ ଜିଲାରେ ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଜୁନ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ କେରଳର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷେ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) କେରଳର କସରଗୋଡ, କନ୍ନୁର, କୋଝିକୋଡ, ୱାୟାନାଡ ଏବଂ ମାଲାପ୍ପୁରମ ଜିଲାରେ ଅତି ପ୍ରବଳ ବର୍ଷା ପାଇଁ ରେଡ୍ ଆଲର୍ଟ ଜାରି କରିଛି। ଏପରିକି ପଲକ୍କଡ, ତ୍ରିସୁର, ଏର୍ନାକୁଲମ, ଇଡୁକ୍କି, କୋଟ୍ଟାୟମ ଏବଂ ପଠାଣମଥିଟ୍ଟା ପାଇଁ ଏକ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ଆଲାପୁଝା, କୋଲ୍ଲମ ଏବଂ ତିରୁଭାନନ୍ତପୁରମ ପାଇଁ ୟେଲୋ ୱାର୍ନିଂ ଜାରି କରିଛି।

## ଗୋଦାବରୀରେ ବୁଡି ଗୋଟିଏ ପରିବାରର ୫ ମୃତ




**ହାଇଦ୍ରାବାଦ, ୧୫।୬:** ତେଲେଙ୍ଗାନାରେ ଏକ ଦୁଃଖଦ ଘଟଣା ଘଟିଛି। ରାଜ୍ୟରେ ନିର୍ମଳ ଜିଲ୍ଲାର ବସାରା ଦେଇ ପ୍ରବାହିତ ଗୋଦାବରୀ ନଦୀରେ ବୁଡି ଯିବାରୁ ଗୋଟିଏ ପରିବାରର ୫ ଜଣଙ୍କ ମୃତ୍ୟୁ ଘଟିଛି। ପୁଲିସ ରବିବାର ଏହି ସୂଚନା ଦେଇଛି। ବସାରା ଥାନା ସବ ଇନ୍ସପେକ୍ଟର କହିଛନ୍ତି, ଗୋଦାବରୀ ନଦୀରେ ବୁଡ଼ି ଯିବାରୁ ଗୋଟିଏ ପରିବାରର ୫ ଜଣଙ୍କ ମୃତ୍ୟୁ ଘଟିଛି। ସମସ୍ତ ମୃତଦେହ ଉଦ୍ଧାର ହୋଇଥିବା ବେଳେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ତେବେ ପୂରା ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ଏସଆଇ କହିଛନ୍ତି। ଦୁର୍ଘଟଣାସ୍ଥଳରେ ଉପସ୍ଥିତ ଲୋକଙ୍କୁ ପଚରା ଉଚୁରା କରି ଏହାର ସନ୍ଧାନ କରାଯାଉଛି। ଏହି ଘଟଣା ପରେ ବସାରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି। ଗୋଟିଏ ପରିବାରର ୫ ଜଣ ନଦୀରେ ବୁଡି ମୃତ୍ୟୁ ଘଟିବା ଖବରକୁ ଲୋକେ ସହଜରେ ଗ୍ରହଣ କରି ପାରୁ ନାହାନ୍ତି। ପୁଲିସ ସବୁ ଦିଗରୁ ଘଟଣାର ତଦନ୍ତ କରୁଛି। ଘଟଣା ପଛରେ କାହାର ହାତ ଅଛି କି ନାହିଁ ସେ ଦିଗରେ ବି ପୁଲିସ ଯାଞ୍ଚ କରୁଛି।

## ରାଜକୀୟ ସମ୍ମାନରେ ହେବ ବିଜୟ ରୂପାନୀଙ୍କ ଅନ୍ତିମ ସଂସ୍କାର



**ଗୁଜୁରାଟ, ୧୫।୬ :** ଅହମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ । ଡିଏନ୍ଏ ମ୍ୟାଚ୍ ପରେ ତାଙ୍କ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଅନ୍ତିମ ସଂସ୍କାର ପାଇଁ ଚାର୍ଟାର୍ଡ ବିମାନ ଯୋଗେ ତାଙ୍କ ମୃତଦେହକୁ ରାଜକୋଟ ପଠାଯିବ। ଆସନ୍ତା କାଲି ରାଜକୋଟରେ ମୃତଦେହ ପହଞ୍ଚିବା ପରେ ଶେଷକୃତ୍ୟ ହେବ।ସୂଚନାନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଅନ୍ତିମ ସଂସ୍କାର ପାଇଁ ରାଜକୋଟରେ ପ୍ରସ୍ତୁତି ଆରମ୍ଭ ହୋଇଛି। ତାଙ୍କ ଶେଷ ଦର୍ଶନ ପାଇଁ ହଜାର ହଜାର ଲୋକ ଶେଷକୃତ୍ୟ ସମୟରେ ଯୋଗଦାନ କରିବେ । ତେଣୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ଅନ୍ତିମ ସଂସ୍କାରରେ ସରକାର ମଧ୍ୟ ସହଯୋଗ କରିବେ ବୋଲି ସୂଚନା ମିଳୁଛି । ଆଜି ବିଜୟ ରୂପାନୀଙ୍କ ଡିଏନଏ ସକାଳ ୧୧:୧୦ ରେ ମେଳ ହୋଇଥିଲା ।

● ଅହମ୍ମଦାବାଦ ବିମାନ ଦୁର୍ଘଟଣା

## ଅଭିଯୋଗର ସ୍ପଷ୍ଟୀକରଣ ରଖିଲା ତୁର୍କୀ



**ନୂଆଦିଲ୍ଲୀ, ୧୫।୬:** ଅହମ୍ମଦାବାଦରୁ ଉଡ଼ାଣ ଆରମ୍ଭ କରିବାର ମାତ୍ର କେଇ ମୂହୁର୍ତ୍ତ ପରେ ଏୟାର ଇଣ୍ଡିଆର ଲଣ୍ଡନ ଯାଉଥିବା ବିମାନ ଏଆଇ-୧୭୧ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା କାହିଁକି ଏବଂ କିପରି ଘଟିଲା ତାହାର ତଦନ୍ତ ଚାଲିଛି। ଏବେବି ଅସମାହିତ ପ୍ରଶ୍ନ ଅନେକଙ୍କ ମନରେ। ଏହି ସମୟରେ ଯୋଗଗୁରୁ ବାବା ରାମଦେବ ଏକ ଷଡ଼ଯନ୍ତ୍ର ସନ୍ଦେହ କରି ତୁର୍କୀର ନାମ ନେଇଥିଲେ। ତୁର୍କୀ ଏଥିରେ ପ୍ରତିକ୍ରିୟା ପ୍ରକାଶ କରିଛି। ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ସମ୍ପର୍କରେ ସ୍ପଷ୍ଟୀକରଣ ଦେଇଛନ୍ତି ତୁର୍କୀ ସରକାର। ସରକାର କହିଛନ୍ତି ଯେ ଦୁର୍ଘଟଣାଗ୍ରସ୍ତ ବୋଇଂ ୭୮୭ ଡ୍ରିମଲାଇନର ବିମାନଟି ତୁର୍କୀ କମ୍ପାନୀ 'ତୁର୍କୀସ୍ ଟେକନିକ୍' ଦ୍ୱାରା ମରାମତି କିମ୍ବା ରକ୍ଷଣାବେକ୍ଷଣ କରାଯାଇନଥିଲା। ବିବୃତ୍ତିରେ କୁହାଯାଇଛି ଯେ ୨୦୨୪ ଏବଂ ୨୦୨୫ ପାଇଁ ଏୟାର ଇଣ୍ଡିଆ ଏବଂ ତୁର୍କୀ ଟେକନିକ୍ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ, କେବଳ ବି-୭୭୭ ପ୍ରକାରର ୱାଇଡ-ବଡି ବିମାନ ରକ୍ଷଣାବେକ୍ଷଣ କରାଯାଉଛି। ଦୁର୍ଘଟଣାରେ ଜଡିତ ବୋଇଂ ୭୮୭-୮ ଡ୍ରିମଲାଇନର ବିମାନ ଚୁକ୍ତିନାମା ବାହାରେ ଅଛି। ତୁର୍କୀ ଟେକନିକ୍ ଆଜି ପର୍ଯ୍ୟନ୍ତ ଏପରି କୌଣସି ଏୟାର ଇଣ୍ଡିଆ ବିମାନ ରକ୍ଷଣାବେକ୍ଷଣ କରିନାହିଁ। ଆମେ ଜାଣୁ ଯେ ଦୁର୍ଘଟଣାଗ୍ରସ୍ତ ବିମାନର ଶେଷ ରକ୍ଷଣାବେକ୍ଷଣ କେଉଁ କମ୍ପାନୀ କରିଥିଲା, କିନ୍ତୁ ଆମେ ଏହି ବିଷୟରେ କୌଣସି ବିବୃତ୍ତି ଦେବାକୁ ଚାହୁଁନାହୁଁ। ଆମେ ଏହି ଦୁଃଖଦ ବିମାନ ଦୁର୍ଘଟଣା ସମ୍ପର୍କରେ ଭାରତୀୟ ଲୋକଙ୍କ ଦୁଃଖରେ ସହଭାଗୀ।

## ମଥୁରାରେ ଅଘଟଣ: ପାହାଡ଼ ଖନନ ସମୟରେ ବିଲ୍ଡିଂ ଭୁଶୁଡି ୩ ମୃତ



**ଉତ୍ତର ପ୍ରଦେଶ , ୧୫।୬:** ଉତ୍ତର ପ୍ରଦେଶ ମଥୁରାରେ ବଡ଼ ଦୁର୍ଘଟଣା ଘଟିଛି। ପାହାଡ଼ ଖନନ କାମ ସମୟରେ ବିଲ୍ଡିଂ ଭୁଶୁଡି ପଡି ଏପରି ଅଘଟଣ ଘଟିଛି। ଏହି ଅଘଟଣରେ ୩ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ରେସ୍କ୍ୟୁ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି । ରେସ୍କ୍ୟୁ ଟିମଙ୍କ ସମେତ ଘଟଣାସ୍ଥଳରେ ପୋଲିସ, ଏନଡିଆରଏଫ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ପାଇଁ ଜେସିବିକୁ ନିୟୋଜିତ କରିଛନ୍ତି ।ସୂଚନାନୁଯାୟୀ, ମସାନୀ ନିକଟରେ ପାହାଡ଼ ରହିଛି । ଯାହା ଉପରେ ଘର କରି ଲୋକେ ରହିଥିଲେ । ପାହାଡ଼ ଖନନ କାମ ସମୟରେ ବିଲ୍ଡିଂ ଭୁଶୁଡି ପଡିଥିଲା । ଫଳରେ ଅଘଟଣ ଘଟିଥିଲା । ଯଦ୍ୱାରା ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ପୋଲିସ, ମାଜିଷ୍ଟ୍ରେଟ୍ ସିପି ସିଂ ଏବଂ ଏସଏସପି ଶ୍ଲୋକ କୁମାର ପହଞ୍ଚି ଘଟଣାକୁ ଆୟତ୍ତ କରିଥିଲେ । ଆଗ୍ରାର ଏସଡିଆରଏଫ୍ ଦଳକୁ ଉଦ୍ଧାର କାର୍ଯ୍ୟ ପାଇଁ ଡକାଯାଇଥିଲା । ଜେସିବି ସାହାଯ୍ୟରେ ଅନ୍ୟ ୩ଜଣ ପୋତି ହୋଇ ରହିଥିବା ମୃତଦେହ ଦେଖିବାକୁ ମିଳିଥିଲା । ଏହି ଅଘଟଣରେ ଜୀବନ ହରାଇଥିବା ମୃତକଙ୍କ ମଧ୍ୟରେ ଜଣେ ମହିଳା, ନାବାଳିକା ଥିବାବେଳେ ଜଣେ ପୁରଷଙ୍କ ପ୍ରାଣହାନୀ ଘଟିଥିଲା । ସେମାନଙ୍କ ଚିକିତ୍ସା ପାଇଁ ସେମାନଙ୍କୁ ଡାକ୍ତରଖାନା ନିଆଯାଇଥିଲା । କିନ୍ତୁ ଡ଼ାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ମୃତକ ହେଲେ କଚ୍ଚା ରୋଡର ଶାହଗଞ୍ଜ ଦ୍ୱାରବାସ ନିବାସୀ ତୁଲରାମ(୩୫), ଗୌତମ ପାଦ ବୃନ୍ଦାବନ ନିବାସୀ କାଜଲ(୪) ଏବଂ ଗୌତମ ପାଦ ବୃନ୍ଦାବନ ନିବାସୀ ଯଶୋଦା (୧୪) । ଅନ୍ୟପଟେ ବର୍ତ୍ତମାନ ପର୍ଯ୍ୟନ୍ତ ଅନ୍ୟମାନଙ୍କୁ ଠାବ କରୁଛି ଜେସିବି । ଏହି ଅଘଟଣରେ ଅତି କମରେ ୬ଟି ଘର ଭୁସୁଡି ପଡିଛି ବୋଲି ଅନୁମାନ କରାଯାଉଛି । ଫସି ରହିଥିବା ଲୋକଙ୍କ ଉଦ୍ଧାର ପାଇଁ ତଦନ୍ତ କରୁଛି ପୋଲିସ । ଏପଟେ କିନ୍ତୁ ହଠାତ୍ ଘର ଭୁଶୁଡି ପଡିବାର କାରଣ ଜଣାପଡିନାହିଁ ।



# ପ୍ରବଳ ବର୍ଷାରେ ଜଳାର୍ଣ୍ଣବ ମହାରାଷ୍ଟ୍ର, ୮ ମୃତ

**ମୁମ୍ବାଇ, ୧୫।୬:** ପ୍ରବଳ ବର୍ଷାରେ ଜଳାର୍ଣ୍ଣାବ ହୋଇଛି ମହାରାଷ୍ଟ୍ର। କିଛି ସ୍ଥାନରେ ପ୍ରବଳ ବର୍ଷା ସହ ବଜ୍ରପାତ ଯୋଗୁଁ ଅତି କମରେ ୮ଜଣଙ୍କର ମୃତ୍ୟୁ ହୋଇଛି। ପାଣିପାଗ ବିଭାଗ ରତ୍ନଗିରି ଏବଂ ରାୟଗଡ଼ ଉପକୂଳ ଜିଲ୍ଲା ପାଇଁ ରେଡ୍ ଆଲର୍ଟ, ପାଲଘର, ଥାନେ ଏବଂ ସିନ୍ଧୁଦୁର୍ଗ ଓ ପୁଣେ, ସତାରା ଏବଂ କୋଲହାପୁରର ଘାଟ ଅଞ୍ଚଳ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ଉଦ୍ଧାର କାର୍ଯ୍ୟ ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ ଏନଡିଆରଏଫ ଏବଂ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବାହିନୀ ଏସଡିଆରଏଫ ଟିମକୁ ନିୟୋଜିତ କରାଯାଇଛି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ରିପୋର୍ଟ ଅନୁଯାୟୀ, ସକାଳ ୧୧ଟାରେ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ରତ୍ନଗିରିରେ ସର୍ବାଧିକ ୮୮.୧ ମିମି ବର୍ଷା ରେକର୍ଡ କରାଯାଇଛି, ଏହା ପରେ ରାୟଗଡ଼ରେ ୬୫.୩ ମିମି, ସିନ୍ଧୁଦୁର୍ଗରେ ୪୩.୮ ମିମି, ଥାନେରେ ୨୯.୬ ମିମି ଏବଂ ଜବତମାଲରେ ୨୭.୫ ମିମି ବର୍ଷା ରେକର୍ଡ କରାଯାଇଛି। କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରେ ୮ ଜଣଙ୍କ ଜୀବନ ଯାଇଛି ଏବଂ ୧୦ ଜଣ ଆହତ ହୋଇଛନ୍ତି। ସେମାନେ କହିଛନ୍ତି ଯେ ମୁମ୍ବାଇ, ସିନ୍ଧୁଦୁର୍ଗ, ଧୂଳେ, ନାସିକ୍, ସମ୍ଭାଜୀନଗର, ନନ୍ଦୁରବାର ଏବଂ ଅମରାବତୀରେ ବଜ୍ରପାତ ଯୋଗୁଁ ପ୍ରାୟତଃ ମୃତ୍ୟୁ ଘଟିଥିବା ରିପୋର୍ଟ କରାଯାଇଛି। କୋଙ୍କଣ ଅଞ୍ଚଳର ପ୍ରମୁଖ ନଦୀଗୁଡ଼ିକ ମଧ୍ୟରୁ ରତ୍ନଗିରି ଜିଲ୍ଲାର ଜଗବୁଡି ନଦୀ ସତର୍କତା ସ୍ତର ଉପରେ ପ୍ରବାହିତ ହେଉଛି। ଜଳସ୍ତର ବୃଦ୍ଧି ପାଇଲେ ଏହାର କୂଳରେ ଥିବା ଖେଡ୍, ଆଲସୁରେ, ଚିଞ୍ଚଘର ଏବଂ ପ୍ରଭୁୱାଡି ଗ୍ରାମଗୁଡ଼ିକ ପ୍ରଭାବିତ ହୋଇପାରେ।

## ଏଆଇ-୧୭୧କୁ ଅବସର, ବଦଳରେ ଲଣ୍ଡନ ଯିବ ଏଆଇ-୧୫୯ !




**ନୂଆଦିଲ୍ଲୀ,୧୫।୬:** ଅହମ୍ମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏଆଇ-୧୭୧ ବିମାନକୁ ଆଉ ଏୟାର ଇଣ୍ଡିଆ ବ୍ୟବହାର କରିବ ନାହିଁ। ଏୟାର ଇଣ୍ଡିଆ ଏହି ଫ୍ଲାଇଟ ନମ୍ବରକୁ ଅବସର ଦେବାକୁ ଯାଉଛି। ଏହା ବଦଳରେ ଆଉ ଏକ ଫ୍ଲାଇଟ ନମ୍ବର ବ୍ୟବହାର କରାଯିବ। ଜୁନ ୧୨ ତାରିଖରେ ଲଣ୍ଡନ ପାଇଁ ଉଡ଼ାଣ ଭରିବା ମାତ୍ରେ ଏଆଇ-୧୭୧ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯେଉଁଥିରେ ୨୪୧ ଜଣଙ୍କର ମୃତ୍ୟୁ ହୋଇଥିଲା। ଗୁରୁବାର ଏୟାର ଇଣ୍ଡିଆ ବିମାନର ଭୟଙ୍କର ଦୁର୍ଘଟଣା ପରେ, ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ (ଏଆଇ) ଏକ୍ସପ୍ରେସ '୧୭୧' ଫ୍ଲାଇଟ ନମ୍ବର ବ୍ୟବହାର କରିବେ ନାହିଁ। ସୂତ୍ରଗୁଡ଼ିକ ଏହି ସୂଚନା ଦେଇଛନ୍ତି। ଉଡ଼ାଣ ଆରମ୍ଭ ହେବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବୋଇଂ ୭୮୭-୮ ଡ୍ରିମଲାଇନର ବିମାନ ଅହମ୍ମଦାବାଦରୁ ଲଣ୍ଡନ ଗାଟୱିକ ପାଇଁ ଉଡ଼ାଣ ନମ୍ବର 'ଏଆଇ ୧୭୧' ବ୍ୟବହାର କରୁଥିଲା। ତେବେ ବିମାନ ଦୁର୍ଘଟଣା ପରେ ବିମାନ କମ୍ପାନୀଗୁଡ଼ିକ ସ୍ୱତନ୍ତ୍ର ଫ୍ଲାଇଟ ନମ୍ବର ବ୍ୟବହାର କରିବା ବନ୍ଦ କରିଦେଇଥାନ୍ତି। ଏଣୁ ଏବେ ଜୁନ ୧୭ ତାରିଖରୁ ଅହମ୍ମଦାବାଦ-ଲଣ୍ଡନ ଗାଟୱିକର ଫ୍ଲାଇଟ ନମ୍ବର 'ଏଆଇ ୧୭୧' ବଦଳରେ 'ଏଆଇ ୧୫୯' ହେବ। ଶୁକ୍ରବାର ଦିନ ବୁକିଂ ସିଷ୍ଟମରେ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇଛି। ଅନ୍ୟ ଏକ ରିପୋର୍ଟ ମୁତାବକ ଏୟାର ଇଣ୍ଡିଆ ଏକ୍ସପ୍ରେସ ମଧ୍ୟ ଏହାର ଉଡ଼ାଣ ନମ୍ବର 'ଆଇଏକ୍ସ ୧୭୧' ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ସେ କହିଥିଲେ ଯେ ଉଡ଼ାଣ ନମ୍ବର '୧୭୧' ବନ୍ଦ କରିବା ସ୍ୱର୍ଗତ ଆତ୍ମାଙ୍କ ପ୍ରତି ସମ୍ମାନ। ପୂର୍ବରୁ ୨୦୨୦ ମସିହାରେ, ଏୟାର ଇଣ୍ଡିଆ ଏକ୍ସପ୍ରେସ ମଧ୍ୟ କୋଝିକୋଡରେ ଦୁର୍ଘଟଣାଗ୍ରସ୍ତ ବିମାନର ଉଡ଼ାଣ ନମ୍ବର ବ୍ୟବହାର ବନ୍ଦ କରିଦେଇଥିଲା। ଏହି ଦୁର୍ଘଟଣାରେ ୨୧ ଜଣଙ୍କର ମୃତ୍ୟୁ ହୋଇଥିଲା।

କେଦାରନାଥରେ ଜଳିଗଲା ହେଲିକପ୍ଟର

## ନିରୀହ ଶିଶୁ ସହ ୭ଜଣଙ୍କ ମୃତ୍ୟୁ





**ଡେରାଡୁନ, ୧୫।୬ :** ଅହମ୍ମଦାବାଦ ବିମାନ ଦୁର୍ଘଟଣାର ଚାରି ଦିନ ପରେ ଉତ୍ତରାଖଣ୍ଡରେ ମଧ୍ୟ ଏକ ଭୟଙ୍କର ହେଲିକପ୍ଟର ଦୁର୍ଘଟଣା ହୋଇଛି। କେଦାରନାଥ ଗୌରୀକୁଣ୍ଡ ନିକଟରେ ଏକ ହେଲିକପ୍ଟର କ୍ରାସ୍ ହୋଇ ଯାଇଛି। ଯେଉଁଥିରେ ପାଇଲଟଙ୍କ ସମେତ ୭ ଜଣ ଲୋକଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ଉତ୍ତରାଖଣ୍ଡରେ ଗୁପ୍ତକାଶୀରୁ କେଦାରନାଥ ଧାମ ଅଭିମୁଖେ ଯାତ୍ରା କରୁଥିବା ଆର୍ଯ୍ୟାନ ଆଭିଏସନ୍‌ର ହେଲିକପ୍ଟର ଗୌରୀକୁଣ୍ଡ-ସୋନପ୍ରୟାଗ ଜଙ୍ଗଲରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ସକାଳ ୫ଟା ୧୭ମିନିଟରେ ଆର୍ଯ୍ୟାନ କମ୍ପାନୀର ହେଲିକପ୍ଟର ୬ଜଣ ଭକ୍ତଙ୍କୁ ନେଇ କେଦାରନାଥ ହେଲିପ୍ୟାଡ୍‌ରୁ ଗୁପ୍ତକାଶୀ ହେଲିପ୍ୟାଡ୍‌କୁ ଯାତ୍ରା କରୁଥିବା ବେଳେ ପାଗ ଖରାପ ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଛି। ମୃତକମାନେ ହେଲେ ରାଜକୁମାର ଜୟସୱାଲ, ଶ୍ରଦ୍ଧା ଜୟସୱାଲ, ସେମାନଙ୍କ ୨୩ ମାସର ଝିଅ କାଶୀ ଜୟସୱାଲ, ତୁଷ୍ଟି ସିଂହ, ବିନୋଦ ନେଗି, ବିକ୍ରମ ସିଂହ ରାୱତ (ବଦ୍ରିନାଥ-କେଦାରନାଥ ମନ୍ଦିର କମିଟିର କର୍ମଚାରୀ) ଏବଂ କ୍ୟାପ୍ଟେନ ରାଜବୀର ସିଂହ ଚୌହାନ। ହେଲିକପ୍ଟରର ପାଇଲଟ ରାଜବୀର ସିଂହ ଚୌହାନ ୧୫ ବର୍ଷରୁ ଅଧିକ ସମୟ ଧରି ଭାରତୀୟ ସେନାରେ କାର୍ଯ୍ୟ କରିଥିଲେ ଏବଂ ବିଭିନ୍ନ ଭୂମିରେ ଉଡ଼ାଣ ମିଶନରେ ତାଙ୍କର ବ୍ୟାପକ ଅଭିଜ୍ଞତା ଥିଲା। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ସୋସିଆଲ ମିଡିଆରେ ଶୋକ ପ୍ରକାଶ କରି କହିଛନ୍ତି, ରୁଦ୍ରପ୍ରୟାଗ ଜିଲ୍ଲାରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାର ଅତ୍ୟନ୍ତ ଦୁଃଖଦ ଖବର ପାଇଲି। ଏସଡିଆରଏଫ, ସ୍ଥାନୀୟ ପ୍ରଶାସନ ଏବଂ ଅନ୍ୟାନ୍ୟ ଉଦ୍ଧାରକାରୀ ଦଳ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ମୁଁ ସମସ୍ତ ଯାତ୍ରୀଙ୍କ ମଙ୍ଗଳ ପାଇଁ ବାବା କେଦାରଙ୍କ ନିକଟରେ ପ୍ରାର୍ଥନା କରୁଛି। ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ କେଦାରନାଥ ରୁଟରେ ହେଲିକପ୍ଟର ସେବାକୁ ସ୍ଥଗିତ ରଖାଯାଇଛି। ଏହି ଘଟଣା ଉତ୍ତରାଖଣ୍ଡରେ ବିଶେଷକରି ତୀର୍ଥଯାତ୍ରା ରାସ୍ତାରେ ହେଲିକପ୍ଟର ସମ୍ପର୍କିତ ଦୁର୍ଘଟଣାର ଏକ ଚିନ୍ତାଜନକ ରେକର୍ଡକୁ ଯୋଡିଛି। ଗତ ସପ୍ତାହ ମଧ୍ୟରେ ଦ୍ୱିତୀୟ ଘଟଣା। ଜୁନ୍ ୭ ତାରିଖରେ କେଷ୍ଟ୍ରେଲ ଆଭିଏସନ୍ ଦ୍ୱାରା ପରିଚାଳିତ ଏକ ହେଲିକପ୍ଟର ବଡ଼ାସୁ ହେଲିପ୍ୟାଡ୍ରୁ ଉଡ଼ାଣ ଭରିବା ସମୟରେ ଏକ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା, ଯାହା ଫଳରେ ରୁଦ୍ରପ୍ରୟାଗ-ଗୌରୀକୁଣ୍ଡ ରାଜପଥରେ ଜରୁରୀକାଳୀନ ଅବତରଣ କରିବାକୁ ବାଧ୍ୟ ହୋଇଥିଲା। ଯଦିଓ ଯାତ୍ରୀମାନେ ଅକ୍ଷତ ହୋଇ ବଞ୍ଚି ଯାଇଥିଲେ, ପାଇଲଟ୍ ପିଠିରେ ଆଘାତ ପାଇଥିଲେ।

## ବ୍ରିଟେନ ଫାଇଟର ଜେଟ୍‌ର ଭାରତରେ ଜରୁରୀ ଅବତରଣ



**ଥିରୁଅନନ୍ତପୁରମ, ୧୫।୬:** ବ୍ରିଟେନର ଏକ ଫାଇଟର ଜେଟ୍ ଭାରତରେ ଜରୁରୀ ଅବତରଣ କରିଛି। ବିମାନଟି ତ୍ରିବନ୍ଦରମ ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ ଲ୍ୟାଣ୍ଡ କରିଛି। କୁହାଯାଉଛି ଏହି ଫାଇଟର ଜେଟରେ ଇନ୍ଧନ ସରିଯାଇଥିଲା। ଏଥିପାଇଁ କୌଣସି ଜରୁରୀ ସ୍ଥିତିକୁ ଏଡ଼ାଇବା ପାଇଁ ବିମାନକୁ ଲ୍ୟାଣ୍ଡ୍ କରିବାକୁ ପଡିଛି। ଏହା ହେଉଛି ବ୍ରିଟେନ ନୌସେନାର ଫାଇଟର ଜେଟ୍ ଏଫ୍ ୩୫। ଏହି ଫାଇଟର ଜେଟ୍ ଏକ ଏୟାରକ୍ରାଫ୍ଟ କ୍ୟାରିୟରରୁ ଉଡ଼ାଣ ଭରିଥିଲା। ହେଲେ ଫାଇଟର ଜେଟ୍‌ର ପାଇଲଟ ଉଡ଼ାଣ ପରେ ଇନ୍ଧନ କମ୍ ଥିବା ଅନୁଭବ କରିଥିଲେ। ଏଥିପାଇଁ ସେ ଇମରଜେନ୍ସୀ ଲ୍ୟାଣ୍ଡିଂ ଅନୁମତି ମାଗିଥିଲେ। ଏହା ପରେ ଶନିବାର ରାତି ୯ଟା ୩୦ରେ ଏୟାରପୋର୍ଟରେ ସୁରକ୍ଷିତ ଲ୍ୟାଣ୍ଡ୍ କରିଥିଲେ। ଫାଇଟର ଜେଟ୍ ଲ୍ୟାଣ୍ଡ୍ କରିବା ପରେ ଏୟାରପୋର୍ଟ ଅଧିକାରୀ ସେଠାରେ ଇମରଜେନ୍ସୀ ଘୋଷଣା କରିଥିଲେ। ତେବେ ଏହି ଏୟାରକ୍ରାଫ୍ଟ ବିମାନ ବନ୍ଦରରେ ରହିଛି। ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ କେନ୍ଦ୍ର ସରକାରୀ ଅଧିକାରୀଙ୍କ ମଞ୍ଜୁରୀ ପରେ ହିଁ ଏହି ଫାଇଟର ଜେଟରେ ତେଲ ଭର୍ତ୍ତି କରାଯିବ। ଆଉ ସବୁ ପ୍ରକ୍ରିୟା ପୂରା ହେବା ପରେ ଏହି ବିମାନ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇପାରିବ।

## ଇରାନ ପ୍ରତିରକ୍ଷା ମନ୍ତ୍ରଣାଳୟ ସମେତ ୧୫୦ ସ୍ଥାନରେ ଇସ୍ରାଏଲର ଆକ୍ରମଣ

**ଜେରୁଜେଲମ,୧୫।୬:** ଇରାନ ଏବଂ ଇସ୍ରାଏଲ ପରସ୍ପର ଉପରେ ପୁଣି ଶନିବାର ବିଳମ୍ବିତ ରାତିରେ ଆକ୍ରମଣ କରିଛନ୍ତି। ଉଭୟ ପରସ୍ପର ଉପରେ ଅନେକ କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ଦୁଇ ଦେଶ ମଧ୍ୟରେ ସଂଘର୍ଷ ୪୮ ଘଣ୍ଟା ଧରି ଚାଲିଛି। ଇସ୍ରାଏଲ ଦାବି କରିଛି ଯେ ଏହା ତେହେରାନର ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଟାର୍ଗେଟ କରିଛି। ଏହା ବ୍ୟତୀତ ଇସ୍ରାଏଲ ତେହେରାନ ଏବଂ ବୁଶୋହରରେ ତେଲ ଡିପୋ ଏବଂ ଗ୍ୟାସ ରିଫାଇନାରୀ ସମେତ ୧୫୦ରୁ ଅଧିକ ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିଛି। ଦୁଇ ଦିନିଆ ଯୁଦ୍ଧରେ ଏପର୍ଯ୍ୟନ୍ତ ୨୧୫ ଜଣ ଇରାନୀ ନାଗରିକଙ୍କ ମୃତ୍ୟୁ ହୋଇଛି। ପ୍ରାୟ ୭ଶହ ଜଣ ଆହତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, ମୃତକଙ୍କ ମଧ୍ୟରେ ଅଧିକାଂଶ ସାଧାରଣ ନାଗରିକ ଅଛନ୍ତି, ଯେତେବେଳେ ୫୦ରୁ ଅଧିକ ସେନା ଅଛନ୍ତି। ଏହି ସଂଖ୍ୟା ପ୍ରାଥମିକ ଏବଂ ଆହୁରି ବୃଦ୍ଧି ପାଇପାରେ। ୯ ଜଣ ପରମାଣୁ ବୈଜ୍ଞାନିକ ଏବଂ ୨୦ ରୁ ଅଧିକ ଇରାନୀ ସାମରିକ କମାଣ୍ଡରଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

# ଇରାନ-ଇସ୍ରାଏଲ ଯୁଦ୍ଧ ଭିତରେ ଏଣ୍ଟ୍ରି ମାରିଲା ଆମେରିକା



**ଓାଶିଂଟନ, ୧୫।୬:** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଏକ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ, ଯଦି ଇରାନ ଆମେରିକା ବା ତା'ର ବନ୍ଧୁ ରାଷ୍ଟ୍ର ବିରୋଧରେ କୌଣସି ଆକ୍ରମଣ କରେ, ତେବେ ଆମେରିକାର ପୁରା ସେନା ଆକ୍ରମଣ କରିବ। ଏହି ଧମକ ଏପରି ସମୟରେ ଆସିଛି ଯେତେବେଳେ ଇସ୍ରାଏଲ ଓ ଇରାନ ମଧ୍ୟରେ ତୀବ୍ର ସାମରିକ ସଂଘର୍ଷ ଚାଲିଛି।

ଶୁକ୍ରବାର ରାତିରେ ଇରାନ ଇସ୍ରାଏଲ ଉପରେ ଡଜନରୁ ଅଧିକ ବାଲିଷ୍ଟିକ ମିସାଇଲ ଆକ୍ରମଣ କରିଥିଲା, ଯାହା ଇସ୍ରାଏଲର ଏକ ଆକସ୍ମିକ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଥିଲା। ଏହି ଆକ୍ରମଣରେ ଇରାନର ତିନି ଜଣ ଶୀର୍ଷ ସୈନ୍ୟ କମାଣ୍ଡର ନିହତ ହୋଇଥିଲେ, ଯେଉଁମାନେ ହେଉଛନ୍ତି ଇସଲାମିକ ରେଭୋଲ୍ୟୁସନାରୀ ଗାର୍ଡସ କର୍ପସ (ଆଇଆରଜିସି)ର କମାଣ୍ଡର ହୋସେନ ସାଲାମି, ଇରାନୀ ସଶସ୍ତ୍ର ବାହିନୀର ମୁଖ୍ୟ ମୋହମ୍ମଦ ହୋସେନ ବାଘେରୀ ଏବଂ ଇରାନର ଇମରଜେନ୍ସି କମାଣ୍ଡର ଘୋଲାମ-ଆଲି ରାଶିଦ।

ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ ପୋଷ୍ଟ କରି କହିଛନ୍ତି, ଯଦି ଇରାନ ଆମେରିକା ବା ତା'ର ବନ୍ଧୁ ରାଷ୍ଟ୍ର ବିରୁଦ୍ଧରେ କୌଣସି ଆକ୍ରମଣ କରେ, ତେବେ ଆମେରିକାର ସୈନ୍ୟବାହିନୀର ପୂର୍ଣ୍ଣ ଶକ୍ତି ତୁମ ଉପରେ ଆସିବ, ଯାହା ପୂର୍ବରୁ କେବେ ଦେଖାଯାଇନାହିଁ। ସେ ଏହା ମଧ୍ୟ କହିଛନ୍ତି ଯେ ଆମେରିକା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଓ ଆଧୁନିକ ସାମରିକ ଉପକରଣ ରହିଛି, ଏବଂ ଇସ୍ରାଏଲ ପାଖରେ ମଧ୍ୟ ଏହାର ଅନେକ ଅଂଶ ରହିଛି।

ଟ୍ରମ୍ପ ଇରାନ ସହିତ ପରମାଣୁ ଆଲୋଚନା ଜାରି ରଖିବାକୁ ଚେଷ୍ଟା କରୁଛନ୍ତି। ତେବେ, ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି କହିଛନ୍ତି ଯେ ଇସ୍ରାଏଲର ଆକ୍ରମଣ ପରେ ଆମେରିକା ସହିତ ଆଲୋଚନା ଅର୍ଥହୀନ ହୋଇପଡ଼ିଛି। ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଧ୍ୟ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନଷ୍ଟ କରିବା ପାଇଁ ଆହୁରି ଆକ୍ରମଣ ଜାରି ରଖିବାକୁ ଧମକ ଦେଇଛନ୍ତି। ଅନ୍ୟପକ୍ଷରେ, ଇରାନର ରାଷ୍ଟ୍ରପତି ମସୌଦ ପେଜେସ୍କିଆନ କହିଛନ୍ତି ଯେ ଇସ୍ରାଏଲର ଆକ୍ରମଣ ଜାରି ରହିଲେ ଇରାନ ଆହୁରି କଡ଼ା ଜବାବ ଦେବ।

ଏହି ଘଟଣା ମଧ୍ୟ ପୂର୍ବରେ ଏକ ବୃହତ ଯୁଦ୍ଧର ଆଶଙ୍କାକୁ ବଢ଼ାଇ ଦେଇଛି। ଟ୍ରମ୍ପଙ୍କ ଏହି ବୟାନ ଆମେରିକାର କଡ଼ା ନୀତି ଓ ଇସ୍ରାଏଲ ପ୍ରତି ତା'ର ସମର୍ଥନକୁ ସ୍ପଷ୍ଟ କରୁଛି, ଯଦିଓ ସେ କହିଛନ୍ତି ଯେ ଆମେରିକା ସିଧାସଳଖ ଇସ୍ରାଏଲର ଆକ୍ରମଣରେ ଜଡ଼ିତ ନ ଥିଲା।

ଏହି ସଂଘର୍ଷର ପରିଣାମ କ'ଣ ହେବ ତାହା ଏବେ ଅସ୍ପଷ୍ଟ, କିନ୍ତୁ ବିଶ୍ୱ ନେତାମାନେ ଏହି ସ୍ଥିତି ଉପରେ ନଜର ରଖିଛନ୍ତି।

## ନାଇଜେରିଆରେ ଆଖିବୁଜା ଗୁଳି ମାଡ଼, ୧୦୦ରୁ ଉର୍ଦ୍ଧ୍ୱ ମୃତ



**ନାଇଜେରିଆ, ୧୫।୬ :** ନାଇଜେରିଆରେ ଆତତାୟୀଙ୍କ ବର୍ବରତା । ସବୁ ସୀମା ପାର କଲେ ଆତତାୟୀ । ଆଖିବୁଜା ଗୁଳି ଚଳାଇଲେ। ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ । ଅନେକ ଲୋକ ଆହତ । ସାଧାରଣ ଲୋକଙ୍କ ଉପରେ ଆଖିବୁଜା ଗୁଳିମାଡ କଲେ ବନ୍ଧୁକଧାରୀ । ଏପରିକି ବନ୍ଦ କୋଠରୀରେ ଲୋକଙ୍କୁ ଜୀଅନ୍ତା ଜାଳିଦେଲେ । ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇଛନ୍ତି । ଘଟଣା ପରେ ଅନେକ ନିଖୋଜ ଅଛନ୍ତି । ନାଇଜେରିଆରମଧ୍ୟ ବେନ୍ୟୁ ରାଜ୍ୟ ୟେଲେଟା ଗାଁରେ ଗୁଳିମାଡ ହୋଇଛି । ଘଟଣା ପରେ ଗାଁ ଲୋକଶୂନ୍ୟ ହୋଇଯାଇଛି। ଏକାଧିକ ଲୋକ ଏବେବି ନିଖୋଜ ଅଛନ୍ତି ।

# ଭାରତ ଓ ନ୍ୟୁଜିଲାଣ୍ଡ ସିରିଜ ଘୋଷଣା କଲା ବିସିସିଆଇ

## ପୁଣି କମାଲ କରିବେ ରୋହିତ-ବିରାଟ ଯୋଡି




**ନୂଆଦିଲ୍ଲୀ, ୧୫।୬:** ବିସିସିଆଇ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେବାକୁ ଥିବା ଆଗାମୀ ଦ୍ୱିପାକ୍ଷିକ ସିରିଜ ନେଇ କ୍ରୀଡାସୂଚୀ ଜାରି କରିଛି। ଏହା ୨୦୨୬ ଜାନୁଆରୀରେ ଭାରତରେ ଆୟୋଜିତ ହେବ। ଭାରତ ଗସ୍ତରେ ଆସିବ ନ୍ୟୁଜିଲାଣ୍ଡ। ଏଥିରେ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ ଖେଳାଯିବ। ଚାମ୍ପିଅନ୍ସ ଟ୍ରଫି ପରେ ଦୁଇଟି ଯାକ ଟିମ୍ ମୁହାଁମୁହିଁ ହେବେ। ଟେଷ୍ଟ ଏବଂ ଟି୨୦ କ୍ରିକେଟରୁ ସନ୍ନ୍ୟାସ ନେଇସାରିଥିବା ରୋହିତ ଶର୍ମା ଏବଂ ବିରାଟ କୋହଲି ପୁଣି ନଜର ଆସିବେ। ଏହି ସିରିଜ ଭାରତର ଅଲଗା ଅଲଗା ସହରରେ ୧୧ ଜାନୁଆରୀରୁ ୩୧ ଯାଏ ଆୟୋଜିତ ହେବ। ଦିନିକିଆ ମ୍ୟାଚ ଭଦୋଦରାରେ ଖେଳାଯିବ। ଏହାପରେ ଟିମ୍ ଦ୍ୱିତୀୟ ଦିନିକିଆ ୧୪ ଜାନୁଆରୀ ରାଜକୋଟରେ ଖେଳାଯିବ। ଏହାପରେ ୩ୟ ଦିନିକିଆ ୧୮ ଜାନୁଆରୀ ଇନ୍ଦୋରେ ଖେଳାଯିବ। ଟି-୨୦ ସିରିଜ ଆଗାମୀ ଟି-୨୦ ବିଶ୍ୱକପ ୨୦୨୬ ଚୟନ ପାଇଁ ମହତ୍ତ୍ୱପୂର୍ଣ୍ଣ ହେବ। ଏହା ରାୟପୁର ଏବଂ ଗୌହାଟୀରେ ଖେଳାଯିବ।

### କ୍ରୀଡ଼ା ସୂଚୀ

ଜାନୁଆରୀ ୧୧: ପ୍ରଥମ ଦିନିକିଆ-ଭଦୋଦରା
ଜାନୁଆରୀ ୧୪: ଦ୍ୱିତୀୟ ଦିନିକିଆ-ରାଜକୋଟ
ଜାନୁଆରୀ ୧୮: ତୃତୀୟ ଦିନିକିଆ-ଇନ୍ଦୋର
ଜାନୁଆରୀ ୨୧: ପ୍ରଥମ ଟି୨୦- ନାଗପୁର
ଜାନୁଆରୀ ୨୩: ଦ୍ୱିତୀୟ ଟି୨୦- ରାୟପୁର
ଜାନୁଆରୀ ୨୫: ତୃତୀୟ ଟି୨୦-ଗୌହାଟୀ
ଜାନୁଆରୀ ୨୮: ଚତୁର୍ଥ ଟି୨୦-ବିଶାଖାପାଟନମ୍
ଜାନୁଆରୀ ୩୧: ପଞ୍ଚମ ଟି୨୦- ତ୍ରିବେନ୍ଦ୍ରମ

## କ୍ରିକେଟ ନିୟମରେ ବଡ଼ ପରିବର୍ତ୍ତନ

## ଏଣିକି ବାଉଣ୍ଡ୍ରି ବାହାରେ ବାରମ୍ବାର ଡେଇଁ ଫିଲ୍ଡର କ୍ୟାଚ ଧରିପାରିବେନି

ନୂଆଦିଲ୍ଲୀ,୧୫।୬: ମେରିଲେବୋନ କ୍ରିକେଟ କ୍ଲବ (ଏମସିସି) କ୍ରିକେଟ ନିୟମରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି ଯାହା ଏହି ମାସରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଖେଳ ନିୟମରେ ଅନ୍ତର୍ଭୁକ୍ତ ହେବ। ଏହି ନୂତନ ନିୟମ ଅନୁଯାୟୀ, ଫିଲ୍ଡରମାନେ ଆଉ ସୀମା ରେଖା ବାହାରୁ ବାଉନ୍ସ କରି ଏବଂ ବଲକୁ ବହୁବାର ସ୍ପର୍ଶ କରି କ୍ୟାଚ ଧରିପାରିବେ ନାହିଁ। ଏହି ପରିବର୍ତ୍ତନ ଅକ୍ଟୋବର ୨୦୨୬ ଠାରୁ ଏମସିସିର ଆଇନରେ ମଧ ଅନ୍ତର୍ଭୁକ୍ତ ହେବ।

**ନୂତନ ନିୟମ:** ନିୟମକୁ ଅପଡେଟ କରି, ଏମସିସି ସ୍ପଷ୍ଟ କରିଛି ଯେ: ଯଦି ଜଣେ ଫିଲ୍ଡର ସୀମା ବାହାରକୁ ଯାଆନ୍ତି ଏବଂ ପୁଣି ଥରେ ବଲକୁ ସ୍ପର୍ଶ କରିବାକୁ ବାଉନ୍ସ କରନ୍ତି, ତେବେ ତାଙ୍କୁ ମଇଦାନ ଭିତକୁ ଆସିବାକୁ ପଡିବ। ନଚେତ ଏହା ଚୌକା ହେବ ଏବଂ ସୀମାରେଖା ବାହାରେ 'ଏକାଧିକ ଥର' ବଲ୍‌କୁ ଛୁଇଁବାକୁ ଆଉ ଅନୁମତି ଦିଆଯିବ ନାହିଁ, ଯେପରି ନେସର ସିଦ୍ଧଙ୍କୁ ଆଉଟ କରିବା ସମୟରେ ହୋଇଥିଲା।

### ବିସିସିଆଇର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

## ମ୍ୟାଚ ପରେ ଉତ୍ସବ ପାଇଁ ହେବ ନିୟମ

**ନୂଆଦିଲ୍ଲୀ,୧୫।୬:** ବିସିସିଆଇ ଶୀର୍ଷ ପରିଷଦ ବୈଠକରେ ଅହମ୍ମଦାବାଦ ଓ ବେଙ୍ଗାଲୁରୁରେ ଘଟିଥିବା ଦୁଃଖଦ ଘଟଣାରେ ଶୋକ ବ୍ୟକ୍ତ କରିଛି। ବେଙ୍ଗାଲୁରୁରେ ବିଜୟ ସମାରୋହ ସମୟରେ ଘଟିଥିବା ଦୁଃଖଦ ଘଟଣାକୁ ଦୃଷ୍ଟିରେ ରଖି ବିସିସିଆଇ ଭବିଷ୍ୟତରେ ଏମିତି ଘଟଣାକୁ ରୋକିବା ପାଇଁ ବ୍ୟାପକ ଗାଇଡଲାଇନ ପ୍ରସ୍ତୁତ କରିବାକୁ ଏକ କମିଟି ଗଠନ କରିବାକୁ ନିର୍ଣ୍ଣୟ ନେଇଛି। ଏହି ତିନି ଜଣିଆ କମିଟିରେ ସଦସ୍ୟ ଭାବେ ଦେବଜିତ ସାଇକିଆ(ଅଧ୍ୟକ୍ଷ), ପ୍ରଭତେଜ ସିଂ ଭାଟିଆ ଓ ରାଜୀବ ଶୁକ୍ଳା ଅଛନ୍ତି। କମିଟି ୧୫ ଦିନ ଭିତରେ ଗାଇଡଲାଇନ୍ ପ୍ରସ୍ତୁତ କରି ବିସିସିଆଇକୁ ପ୍ରଦାନ କରିବ। ଜୁନ୍ ୪ ତାରିଖରେ ଆରସିବି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ପ୍ରାୟ ଦେଢ଼ଲକ୍ଷ ଲୋକଙ୍କ ଭିଡ଼ ଜମିଥିଲା। ଯେଉଁଥି ପାଇଁ ୧୧ ଜଣ ପ୍ରଶଂସକଙ୍କ ମୃତ୍ୟୁ ହୋଇଥିବା ବେଳେ ୫୬ ଜଣ ଆହତ ହୋଇଥିଲେ। ବିସିସିଆଇ କହିଛି ଯେ, ବେଙ୍ଗାଲୁରୁରେ ବିଜୟ ଉତ୍ସବ ସମୟରେ ହୋଇଥିବା ଏହି ଦଳାଚକଟା ଘଟଣାକୁ ଦୃଷ୍ଟିରେ ରଖି ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି, ଯାହା ଭବିଷ୍ୟତରେ ଏପରି ଦୁର୍ଘଟଣା ରୋକିବା ପାଇଁ କଡ଼ା ନିୟମ ଏବଂ ସୁରକ୍ଷା ମାନଦଣ୍ଡ ପ୍ରସ୍ତୁତ କରିବ। କମିଟି ଭିଡ଼ ପରିଚାଳନା, ଜରୁରୀକାଳୀନ ପ୍ରସ୍ଥାନ ବ୍ୟବସ୍ଥା, ଏବଂ ଉତ୍ସବ ସମୟରେ ସୁରକ୍ଷା ନିଶ୍ଚିତ କରିବା ପାଇଁ ନିର୍ଦ୍ଦିଷ୍ଟ ଗାଇଡଲାଇନ ପ୍ରସ୍ତୁତ କରିବ। କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ ମାମଲାର ଯାଞ୍ଚ କରିବା ପାଇଁ ସେବାନିବୃତ୍ତ ଆୟୋଗ ଗଠନ କରିଛନ୍ତି। ଏହି ମାମଲାରେ ଆରସିବି ଏବଂ ରାଜ୍ୟ କ୍ରିକେଟ ସଂଘ ବିପକ୍ଷରେ ଅଭିଯୋଗ ଦାୟର ହୋଇଛି। ଏହା ସହିତ ବିସିସିଆଇ ଭାରତୀୟ ଘରୋଇ କ୍ରିକେଟରେ ପରିବର୍ତ୍ତନ ଆଣିବାକୁ ନିଷ୍ପତ୍ତି ନେଇଛି। ଦୁଲୀପ ଟ୍ରଫିକୁ ପୁରୁଣା ଫର୍ମାଟରେ ଫେରାଇ ଅଣାଯିବା ସହିତ, ରଣଜୀ ଟ୍ରଫି ୨୦୨୫-୨୬ (ରଣଜୀ ଟ୍ରଫି ଆରମ୍ଭ ତାରିଖ)ର ଆରମ୍ଭ ତାରିଖ ମଧ ପ୍ରକାଶ ପାଇଛି। ରଣଜୀ ଟ୍ରଫି ଅକ୍ଟୋବର ୧୫ରୁ ଫେବୃଆରୀ ୨୮ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଖେଳାଯିବ।

# ୧୫ବର୍ଷ ପରେ ଅଷ୍ଟ୍ରେଲିଆର ପ୍ରଥମ ଆଇସିସି ଫାଇନାଲ୍ ପରାଜୟ

**ନୂଆଦିଲ୍ଲୀ, ୧୫।୬:** ଅଷ୍ଟ୍ରେଲିଆ ୧୫ ବର୍ଷ ପରେ କୌଣସି ଆଇସିସି ଟ୍ରଫି ଫାଇନାଲ୍‌ରେ ପରାଜିତ ହୋଇଛି। ଗତ ଦେଢ଼ ଦଶନ୍ଧି ହେବ କ୍ରିକେଟ୍‌ର ତିନିଟି ଯାକ ଫର୍ମାଟ୍ ଯଥା ଟ୍ୱେଣ୍ଟି-୨୦, ଦିନିକିଆ ଓ ଟେଷ୍ଟର ଅପ୍ରତିଦ୍ୱନ୍ଦ୍ୱୀ ଦଳ ପାଲଟିଥିବା ଅଷ୍ଟ୍ରେଲିଆ ଶେଷ ଥର ପାଇଁ ୨୦୧୦ରେ ଆଇସିସି ଟ୍ରଫି ଫାଇନାଲ୍ ହାରିଥିଲା। ୧୫ ବର୍ଷ ତଳେ ବାର୍ବାଡସ୍‌ଠାରେ ଅନ୍ତିମ ଥର ପାଇଁ ଇଂଲଣ୍ଡ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଫାଇନାଲ୍‌ରେ ଅଷ୍ଟ୍ରେଲିଆକୁ ହରାଇଥିଲା। ଏହା ପରଠାରୁ ଅଷ୍ଟ୍ରେଲିଆ ୨୦୧୫ ଓ ୨୦୨୩ ଏକଦିବସୀୟ ବିଶ୍ୱକପ୍, ୨୦୨୧ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଏବଂ ୨୦୨୩ର ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ



ଚାମ୍ପିଅନସିପ୍ ଫାଇନାଲ ଭଳି ପ୍ରତିଯୋଗିତାରେ ବିଜୟୀ ହୋଇଥିଲା। ଏହା ମଧ ୫୦ ବର୍ଷ ମଧ୍ୟରେ କଙ୍ଗାରୁ ଦଳ ଖେଳିଥିବା ଚର୍ତୁଦଶ ଆଇସିସି ଫାଇନାଲ୍‌ରୁ ମାତ୍ର ଚତୁର୍ଥ ପରାଜୟ ହୋଇଥିଲା। ଅଷ୍ଟ୍ରେଲିଆକୁ ଏକଦିବସୀୟ ବିଶ୍ୱକପ୍ ସହ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ବିଜେତା କରାଇଥିବା ପ୍ୟାଟ୍ କମିନ୍ସଙ୍କର ଅଧିନାୟକ ଭାବେ ମଧ ଏହା ପ୍ରଥମ ଆଇସିସି ଟ୍ରଫି ଫାଇନାଲ୍ ପରାଜୟ ହୋଇଛି। ସେହିଭଳି ଦୁଇଟି ଆଇସିସି ଟ୍ରଫି ଫାଇନାଲ୍ ହାରିବାରେ ଷ୍ଟିଭ ସ୍ମିଥ୍ (୨୦୧୦ଟ୍ୱେଣ୍ଟି-୨୦ବିଶ୍ୱକପ୍, ୨୦୨୫ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍) ପ୍ରଥମ ଓ ଏକମାତ୍ର ଅଷ୍ଟ୍ରେଲୀୟ ଖେଳାଳି ହୋଇଛନ୍ତି।

## ଗୋଟିଏ ଦିନରେ ଭାରତର ଦୁଇ ପରାଜୟ

**ଲଣ୍ଡନ/ଅନ୍ଟ୍ୱର୍ପ, ୧୫।୬:** ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ଓ ପୁରୁଷ ହକି ଦଳର ଦୁର୍ବଳ ପ୍ରଦର୍ଶନ ଜାରି ରହିଛି। ଉଭୟ ସମାନ ୨-୩ ଗୋଲ୍‌ରେ ଅଷ୍ଟ୍ରେଲିଆଠାରୁ ହାରି ଲଜ୍ଜିତ ହୋଇଛନ୍ତି। ବେଲଜିୟମ୍‌ର ଅନ୍ଟ୍ୱର୍ପଠାରେ ଖେଳାଯାଇଥିବା ପୁରୁଷ ବର୍ଗ ମ୍ୟାଚ୍‌ରେ ଭାରତ ତୃତୀୟ କ୍ୱାର୍ଟର ସୁଦ୍ଧା ୨-୦ରେ ଆଗୁଆ ରହିଥିଲା। ତେବେ ଶେଷ କ୍ୱାର୍ଟରରେ ତିନିଟି ଗୋଲ୍ ବରଣ କରି ହାରିଥିଲା। ଶେଷ ମିନିଟ୍ ବେଳକୁ ସ୍ଥିତି ୨-୨ ଥିଲା ବେଳେ ଖେଳ ଶେଷ ହେବାର ମାତ୍ର କେଇ ସେକେଣ୍ଡ ଭିତରେ ଗୋଲ୍ ଦେଇ ଅଷ୍ଟ୍ରେଲିଆ ରୋମାଞ୍ଚକ ବିଜୟ ହାସଲ କରିଥିଲା। ଭାରତର ଏହା କ୍ରମାଗତ ପଞ୍ଚମ ପରାଜୟ ଥିଲା। ଏହା ପୂର୍ବରୁ ବେଲଜିୟମ ଓ ଆର୍ଜେଣ୍ଟିନା ବିପକ୍ଷ ଦୁଇଟି ଲେଖାଏଁ ମ୍ୟାଚ୍‌କୁ ଭାରତ ହାରିଥିଲା। ସେହିଭଳି ଲଣ୍ଡନରେ ଖେଳାଯାଇଥିବା ମହିଳା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ତିନିଟି ଫିଲ୍ଡ ଗୋଲ୍ ଦେଇ ୩-୦ରେ ଆଗୁଆ ହୋଇଯାଇଥିଲା। ଦ୍ୱିତୀୟାର୍ଦ୍ଧରେ ଦୀପିକା ଓ ନେହା ଦୁଇଟି ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତର କରି ଆଶା ସୃଷ୍ଟି କରିଥିଲେ। ହେଲେ ସଜାଗ ଅଷ୍ଟ୍ରେଲୀୟ ରକ୍ଷଣଭାଗ ଭାରତକୁ ଆଉ ଗୋଲ୍ ଦେବାର ସୁଯୋଗ ନଦେଇ ଗୋଟିଏ ଗୋଲ୍ ବ୍ୟବଧାନରେ ମ୍ୟାଚ୍ ଜିତି ନେଇଥିଲେ।

## ଆଇପିଏଲ୍ ସନରାଇଜର୍ସ ହାଇଦ୍ରାବାଦ ଦଳର ମାଲିକିଆଣୀ କାବ୍ୟ ମାରନଙ୍କ ସହ ସିଙ୍ଗରଙ୍କ ବିବାହକୁ ନେଇ ଚର୍ଚ୍ଚା



### ଅନିରୁଦ୍ଧ କଲେ ଖୁଲାସା

**ନୂଆଦିଲ୍ଲୀ,୧୫।୬:** ସାଉଥର ଜଣାଶୁଣା ମ୍ୟୁଜିକ୍ ଡାଇରେକ୍ଟର ଏବଂ ସିଙ୍ଗର ସେନସେସନ୍ ଅନିରୁଦ୍ଧ ରବିଚନ୍ଦର ବର୍ତ୍ତମାନ ଚର୍ଚ୍ଚାରେ ରହିଛନ୍ତି। IPL ସନରାଇଜର୍ସ ହାଇଦ୍ରାବାଦ ଦଳର କାବ୍ୟ ମାରନଙ୍କ ସହ ତାଙ୍କ ବିବାହକୁ ନେଇ ଗୁଜବ ଖବର ଜୋର ଧରିଛି। ଏହି ଗୁଜବ ଖବର ପ୍ରଚାରକୁ ନେଇ ମୁହଁ ଖୋଲିଛନ୍ତି ସିଙ୍ଗର ଅନିରୁଦ୍ଧ। ଯାହାର ପ୍ରତିକ୍ରିୟା ଦେବାକୁ ଯାଇ ମଜାଳିଆ ଶୈଳୀରେ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରିଛନ୍ତି। ଅନିରୁଦ୍ଧଙ୍କ ବିବାହକୁ ନେଇ ଫ୍ୟାନ୍ସ ପେଜଠାରୁ ଆରମ୍ଭ କରି ସୋସିଆଲ ମିଡିଆ ପର୍ଯ୍ୟନ୍ତ ସେହି ଗୋଟିଏ ଚର୍ଚ୍ଚା। ଏହାରି ମଧ୍ୟରେ ଗୁଜବ ଖବର ଖଣ୍ଡନ କରିବାକୁ ଯାଇ ଶନିବାର ଦିନ ତାଙ୍କ ସୋସିଆଲ ମିଡିଆ Xରେ ଏକ ପୋଷ୍ଟ ସେୟାର କରିଛନ୍ତି। ଯେଉଁ ପୋଷ୍ଟରେ ସିଙ୍ଗର ଲେଖିଛନ୍ତି ଯେ, ''ବିବାହ ଆହା ? ଶାନ୍ତ ହୋଇଯାଅ ବନ୍ଧୁମାନେ। ପ୍ଲିଜ୍ ଏପରି ଗୁଜବ ଖବର ପ୍ରଚାର କରିବା ବନ୍ଦ କର ''। କିନ୍ତୁ ଏପଟେ ଅନିରୁଦ୍ଧ ସେୟାର କରିଥିବା ମଜାଳିଆ ପୋଷ୍ଟକୁ ତାଙ୍କ ଫ୍ୟାନ୍ସ ଖୁବ୍ ପସନ୍ଦ କରିଛନ୍ତି। ଏହା ବ୍ୟତୀତ ପୋଷ୍ଟରେ ରି-ଟ୍ୱିଟ୍ ମଧ କରିଛନ୍ତି। ଏତିକି ନୁହେଁ ବରଂ ଅନିରୁଦ୍ଧ ଏବଂ କାବ୍ୟାଙ୍କ ଫଟୋ ଯୋଡି ପୋଷ୍ଟ ସେୟାର ହୋଇଥିବା ଦେଖିବାକୁ ମିଳିଛି। ଆଇପିଏଲ ଦଳର ବିଜୟ ପରେ କାଭ୍ୟ ମାରାନ କ୍ୟାମେରାରେ କଏଦ ହୋଇଥିଲେ, ସେହି ସମୟରେ ସିଙ୍ଗରଙ୍କ ମ୍ୟୁଜିକ୍ ଭିଡିଓ ଭାଇରାଲ ହେଉଥିଲା। ତେଣୁ ପ୍ରଶଂସକମାନେ ଦୁହିଁଙ୍କୁ ଲିଙ୍କ୍ କରି ମଜା କରିବା ଆରମ୍ଭ କରିଥିଲେ। ବର୍ତ୍ତମାନ ଅନିରୁଦ୍ଧଙ୍କ ପୋଷ୍ଟ ସେୟାର ହେବା ପରେ ଏହି ଗୁଜବ ଖବର କମିବା ଆରମ୍ଭ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଝାଡ଼ାବାନ୍ତିରେ...

ଜୀବାଣୁ ଚିହ୍ନଟ ହେବା ପରେ ଲୋକେ ଛାନିଆ ହୋଇପଡ଼ିଛନ୍ତି। କଲେରା ନେଇ ଯାଜପୁରରେ ସ୍ଥିତି ଏବେ ବି ଗମ୍ଭୀର ରହିଛି। ୭୫୦ ଜଣ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଥିଲେ ମଧ ଜିଲ୍ଲାର ଏବେ ବି ୧୩ଟି ସରକାରୀ ଡାକ୍ତରଖାନାରେ ପାଖାପାଖି ୩ ଶହ ରୋଗୀ ଚିକିତ୍ସିତ ହେଉଛନ୍ତି। ଆଜି ଗୋଟିଏ ଦିନରେ ୩୩ ନୂଆ ଆକ୍ରାନ୍ତ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ୫୦ରୁ ଅଧିକ ରେଫର କେସ୍ କଟକ, ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ହଇଜା ଯୋଗୁଁ ଲୋକେ ଭୟଭୀତ ହୋଇପଡ଼ିବା ପରେ ଯାଜପୁର ବ୍ଲକ ଜାଫରପୁର ବଡତ୍ରିଲୋଚନପୁରରୁ ଆସିଛି ଭିନ୍ନ ଦୃଶ୍ୟ। ଡାକ୍ତରୀ ଚିକିତ୍ସା ସହ ବଡ଼ତ୍ରିଲୋଚନପୁରର ଗ୍ରାମଦେବତୀ ମା' ବେରୁଦେଇଙ୍କ ପୀଠରେ ପୂଜାର୍ଚ୍ଚନା ଚାଲିଛି। ହଇଜା ରୋଗରୁ ଦୂରେଇ ରଖିବା ପାଇଁ ମା'ଙ୍କ ପାଖରେ ଶରଣ ପଶିଛନ୍ତି ଗ୍ରାମବାସୀ। ତେବେ ଯାଜପୁର ଭଳି ବିକଶିତ ଜିଲ୍ଲାରେ ଏକବିଂଶ ଶତାବ୍ଦୀରେ ହଇଜା ବ୍ୟାପିବା ପୂରା ବ୍ୟବସ୍ଥାକୁ କାଠଗଡାରେ ଛିଡ଼ା କରିଛି।

ଯାଜପୁର ପରେ ପଡ଼ୋଶୀ ଜିଲ୍ଲା କେନ୍ଦ୍ରାପଡ଼ାରେ ଏବେ ପାଦ ପକାଇଛି ହଇଜା। କେନ୍ଦ୍ରାପଡ଼ା ଏଣ୍ଡର ଶ୍ୟାମସୁନ୍ଦରପୁର ଗାଁରେ ବ୍ୟାପିବାରେ ଲାଗିଛି ଝାଡ଼ାବାନ୍ତି। ଏପିରିକି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ସଜନି ମଲିକ ନାମକ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସ୍ଥିତି ବିଗୁଡୁଥିବାବେଳେ ଗାଁରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଭୁବନ ଏନଏସି ଓ ବ୍ଲକର ବିଭିନ୍ନ ପଞ୍ଚାୟତରେ ବି ବ୍ୟାପିଛି ଡାଇରିଆ। ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ୩୦ରୁ ଊର୍ଦ୍ଧ୍ୱ ଲୋକ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ତେବେ କେଉଁ କାରଣରୁ ଭୁବନରେ ଝାଡ଼ାବାନ୍ତି ବ୍ୟାପିଛି ତାହା ସ୍ପଷ୍ଟ ହୋଇନଥିବା ବେଳେ ପଡ଼ୋଶୀ ଯାଜପୁର ଜିଲ୍ଲାରୁ ଏହା ବ୍ୟାପିଥିବା ଅନୁମାନ କରାଯାଉଛି। ଏହି ଖବର ପାଇ ଉପଜିଲ୍ଲାପାଳ ଓ ଡାକ୍ତରୀ ଟିମ୍ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଯାଜପୁର ସୀମାକୁ ଲାଗିଥିବା କେନ୍ଦୁଝର ଘଷିପୁରା ଓ ଆନନ୍ଦପୁର ଅଞ୍ଚଳରେ ଡାଇରିଆକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ଘସିପୁରା ବ୍ଲକ ଚମ୍ପାପାଳ ଗାଁର ଜଣେ ମହିଳାଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ପରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ସେପଟେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ପ୍ରଶାସନର ନିଦ ହଜିଛି। କଟକ ଜିଲ୍ଲା ବାଙ୍କୀ ଅଞ୍ଚଳରେ ମଧ୍ୟ ଡାଇରିଆ ଆତଙ୍କ ଦେଖାଦେଇଛି। ଘୋଳପୁର ଗାଁରେ ଆଉ ୧୩ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହେବ ପରେ ଭୟ ବଢ଼ିଛି। ସେପଟେ ୧୨ ଜଣ ଆକ୍ରାନ୍ତ ତିଗିରିଆ, ଆଠଗଡ଼ ଓ ଜଣେ ଗୁରୁତରଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ତେବେ ଭଦ୍ରକ ଭଣ୍ଡାରିପୋଖରୀ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବା ପରେ ନିୟନ୍ତ୍ରଣକୁ ଆସିଥିବା ଜଣାପଡିଛି।

ତେବେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିଳକଣ୍ଠ ମିଶ୍ରଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ଯାଜପୁର ଜିଲ୍ଲାରେ ସମୁଦାୟ ୧୭୭୧ ଜଣ ସଂକ୍ରମିତଙ୍କ ବ୍ୟକ୍ତିଙ୍କର ବିଭିନ୍ନ ହସ୍ପିଟାଲରେ ଆଡମିଶନ ହୋଇଛି। ସେମାନଙ୍କ ମଧ୍ୟରୁ ୧୫୦୮ ଜଣ ବ୍ୟକ୍ତି ଆରୋଗ୍ୟ ଲାଭ କରି ଘରକୁ ଫେରିଛନ୍ତି ଏବଂ ୨୫୮ ଜଣ ଚିକିତ୍ସିତ ହେଉଛନ୍ତି। ୫ଟି ଡାଇରିଆ ମୃତ୍ୟୁ ବିଷୟ ପରୀକ୍ଷା ପରେ ପ୍ରମାଣିତ ହୋଇଛି, ଏବଂ ଆଉ ୫ଟି ଡାଇରିଆ ମୃତ୍ୟୁ ଅଭିଯୋଗର ତଦନ୍ତ ଚାଲୁରହିଛି।

### ଚାଲିଛି ମୃତକଙ୍କ...

ଦୁର୍ଘଟଣା ପରେ ଜଳିପୋଡ଼ି କଳାକାଠ ପାଲଟିଯାଇଥିବା ମରଶରୀରଟି କାହାର। ଆଉ ଯେଉଁ ଡିଏନଏ ମ୍ୟାଚ୍ କଲା, ସଂପର୍କୀୟଙ୍କୁ ଡାକି ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ସିଭିଲ୍ ହସ୍ପିଟାଲ୍ ପକ୍ଷରୁ ହସ୍ତାନ୍ତର କରାଯାଉଛି ମରଶରୀର ଅବଶେଷ। ରାଜସ୍ଥାନର ଖୁସବୁ, ଯିଏ ଗତ ଜାନୁୟାରୀରେ ବିବାହ କରିଥିଲେ ଆଉ ବ୍ରିଟେନରେ ଚାକିରି କରିଥିବା ସ୍ୱାମୀଙ୍କ ପାଖକୁ ଯାଉଥିଲେ। ଯିବା ପୂର୍ବରୁ ବାପା ମଦନ ସିଂ ଝିଅ ସହ ଉଠାଇଥିଲେ ଫଟୋ ଖଣ୍ଡିକ। ଆଶୀର୍ବାଦ ଦେଇ ସୋସିଆଲ୍ ମିଡ଼ିଆରେ ଏକ ବାର୍ତ୍ତା ବି ଦେଇଥିଲେ। କିନ୍ତୁ ଦୁର୍ଘଟଣାରେ ଲିଭିଗଲା ସବୁକିଛି। ଏବେ ଡିଏନଏ ମ୍ୟାଚ୍ କରିବା ପରେ ସଂପର୍କୀୟ ପହଞ୍ଚିଛନ୍ତି ମୃତଦେହ।

ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ଡିଏନଏ ବି ମ୍ୟାଚ୍ କରିଛି ସମ୍ପର୍କୀୟଙ୍କ ସହ। ତେଣୁ ମରଶରୀର ନେବାକୁ ପହଞ୍ଚିଥିଲେ ସଂପର୍କୀୟ। ରାଜକୋଟରେ ପରିବାର ଲୋକେ ତାଙ୍କ ଶେଷକୃତ୍ୟ କରିବେ ବୋଲି ଜଣାପଡ଼ିଛି। ଏଭଳି ଭାବେ ଡିଏନଏ ଟେଷ୍ଟ କରାଯାଉଥିବା ମୋଟ୍ ୨୪୮ଟି ମୃତଦେହ ମଧ୍ୟରୁ ଶେଷ ସୂଚନା ଯାଏଁ ୪୧ ଜଣଙ୍କ ନମୁନା ମ୍ୟାଚ୍ କରିଛି। ତା ମଧ୍ୟରୁ ପ୍ରାୟ ୧୬ ଜଣଙ୍କ ଡେଡବଡ଼ି ହସ୍ତାନ୍ତର କରାଯାଇଛି ସଂପର୍କୀୟଙ୍କୁ।

ସେପଟେ ବିମାନ ଦୁର୍ଘଟଣା ପରେ କେମିତି ଥିଲା ରେସ୍କ୍ୟୁ ଅପରେସନ୍, ତାହା କହିଛନ୍ତି ଅହମ୍ମଦାବାଦ ମ୍ୟୁନସିପାଲଟିର ଓଡ଼ିଆ କମିଶନର ବାଞ୍ଛାନିଧି ପାଣି। କହିଛନ୍ତି, ରେସ୍କ୍ୟୁ ଅପରେସନ୍ ପାଇଁ ପ୍ରଥମେ କରାଯାଇଥିଲା ଗ୍ରୀନ୍ କରିଡର୍। ଶତାଧିକ ଅଗ୍ନିକ, ଶହେରୁ ଅଧିକ ଆମ୍ବୁଲାନ୍ସ ନିୟୋଜିତ କରି ଆହତ ଓ ମୃତକଙ୍କୁ ନିଆଯାଇଥିଲା ସିଭିଲ୍ ହସ୍ପିଟାଲ। ତାହାରି ଭିତରେ ଥିଲେ ୨୮ ମେଡ଼ିକାଲ ଛାତ୍ର, ଅନ୍ୟ ୨ ସାଧାରଣ ଲୋକ। କିନ୍ତୁ ବିମାନରୁ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର ସମ୍ଭବ ନଥିଲା। ତଥାପି ଅଗ୍ନିଶମ ବିଭାଗର ସ୍ୱତନ୍ତ୍ର ଯାନ ରୋବୋ ଏବଂ ୩୪ରୁ ଅଧିକ ଗଜରାଜ ଜରିଆରେ ପ୍ରାୟ ସାଢ଼େ ୭ ଲକ୍ଷ ଲିଟର ପାଣି ପ୍ରୟୋଗ କରି ନିଆଁ ଲିଭାଇ ଉଦ୍ଧାର କରାଯାଇଥିଲା ଯାତ୍ରୀଙ୍କୁ।

### ସୁରକ୍ଷିତ ରହିବ...

ସେପଟେ ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି ଖୁବ୍‌ଶୀଘ୍ର ଭୁବନେଶ୍ୱରରେ ରାଜ୍ୟର କୋଷ୍ଟାଲ୍ କମାଣ୍ଡ୍ କଣ୍ଟ୍ରୋଲ୍ ସିଷ୍ଟମ୍ ଗଠନ କରାଯିବ। ଏହି ବ୍ୟବସ୍ଥା ଦ୍ୱାରା ତଟ ସୁରକ୍ଷା ପାଇଁ ପାଟ୍ରୋଲିଂରେ ନିୟୋଜିତ ବୋଟ୍ ଓ ଡ୍ରୋନ୍‌ଗୁଡ଼ିକୁ ନିୟନ୍ତ୍ରଣ କରିହେବ।

ସେ ଆହୁରି ମଧ୍ୟ କହିଛନ୍ତି କୋଷ୍ଟଗାର୍ଡ ସୁରକ୍ଷା ପାଇଁ ଦୁଇମାସ ଭିତରେ ଫିସିଂ ଟ୍ରଲର୍ ନିୟୋଜିତ କରାଯିବ। ଏବେ ପୂର୍ବତନ ନାଭାଲ୍ ଓ କୋଷ୍ଟଗାର୍ଡ କର୍ମଚାରୀଙ୍କୁ ତଟ ସୁରକ୍ଷାରେ ନିଯୁକ୍ତି ମିଳିଛି ଏବଂ ଆଗକୁ ୨୮୦ ଜଣଙ୍କୁ ନିଯୁକ୍ତି ଦେବେ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କୋଷ୍ଟଗାର୍ଡରୁ ଅବସର ନେଇଥିବା ଜଣେ ଡିଆଇଜି ର୍ୟାଙ୍କ୍‌ର ଅଧିକାରୀଙ୍କୁ ତଟ ସୁରକ୍ଷା କ୍ଷେତ୍ରରେ କନ୍‌ସଲ୍‌ଟାଣ୍ଟ ଭାବେ ନିୟୋଜିତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ଜରୁରୀ ସମୟରେ...

ଜେଲରେ ଥିଲେ ତାହାର କାଗଜପତ୍ର ଗୃହ ବିଭାଗ ନିକଟରେ ନାହିଁ। ଏହି ଅଚିହ୍ନା ତାଲିକାରେ ଜଗତ୍‌ସିଂହପୁର ଜିଲ୍ଲାର ଉପେନ୍ଦ୍ର ବିଶ୍ୱାଳଙ୍କ ସମେତ ଆହୁରି ଅନେକ ଅଛନ୍ତି। ଜରୁରୀ ପରିସ୍ଥିତି ସମୟରେ ଜଗତ୍‌ସିଂହପୁର ଜିଲ୍ଲାର ଅଙ୍ଗେଶ୍ୱରପଡା ହାଇସ୍କୁଲର କେତେକ ଛାତ୍ରଙ୍କୁ ବି ପୁଲିସ୍ ଗିରଫ କରିଥିଲା। ତେବେ ରାଜ୍ୟ ସରକାର ଏହି ଯୋଜନା ଘୋଷଣା କରିବା ସହିତ କ୍ୟାବିନେଟ୍ ତାହାକୁ ଅନୁମୋଦନ କରିଥିବାବେଳେ ଗୃହ ବିଭାଗ କାଗଜପତ୍ର ନପାଇବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। କାରଣ ପୁଲିସ୍ ଯେଉଁମାନଙ୍କୁ ଗିରଫ କରିଥିଲା ତାହାର ରେକର୍ଡ ଥାନାରେ ରହିବାକଥା। ସେହିଭଳି ଏହି ବନ୍ଦୀମାନଙ୍କୁ ଯେଉଁ ଜେଲ୍‌ରେ ରଖାଯାଇଥିଲା ସେହିସବୁ ଜେଲ୍‌ରେ ବି ରେକର୍ଡ ରହିବାକଥା। କିନ୍ତୁ ଅନେକ ଗିରଫ ବନ୍ଦୀଙ୍କର ଥାନାରେ କିମ୍ବା ଜେଲରେ ରେକର୍ଡ ମିଳୁନଥିବାରୁ ସେମାନେ ସମ୍ମାନ ସୂଚକ ବନ୍ଦୀ ତାଲିକାରେ ସ୍ଥାନ ପାଇପରୁ ନଥିବା ଜଣାଯାଇଛି। ଏହାକୁ ନେଇ ଗୃହ ବିଭାଗ ଏବେ ଅଡୁଆରେ ପଡିଥିବାବେଳେ ବନ୍ଦୀମାନଙ୍କର ରେକର୍ଡ କିଭଳି ସଂଗ୍ରହ କରାଯିବ ତାହାକୁ ନେଇ ତନାଘନା ଚାଲିଛି। ଅନ୍ୟ ପକ୍ଷରେ ତାଲିକାରେ ସ୍ଥାନ ପାଇନଥିବା ଅନେକ ବନ୍ଦୀ ଏବେ ବିଭିନ୍ନ ସ୍ତରରେ ଚାପ ପକାଇବାରେ ଲାଗିଛନ୍ତି। ସେମାନଙ୍କ ରେକର୍ଡ ଖୋଜିବାକୁ ରାଜନୈତିକ ସ୍ତରରେ ଚାପ ପଡୁଥିବାରୁ ପ୍ରଶାସନ ବିଶେଷକରି ଗୃହ ବିଭାଗର ଅଧିକାରୀମାନେ ନାକେଦମ ହେଲେଣି। ତେବେ ଆଗାମୀ ଦିନରେ ଏହି ତାଲିକା କେତେ ଦୂର ଯାଉଛି ଓ ବନ୍ଦୀମାନଙ୍କ ରେକର୍ଡ କେଉଁଠାରୁ ଠାବ ହେଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ସ୍ଥିତି ସମ୍ଭାଳିବାକୁ...

ପରାମର୍ଶ ଦିଆଯାଉଛି। ଝାଡାବାନ୍ତି ରୋଗକୁ ନିୟନ୍ତ୍ରଣରେ ଆଣିବା ପାଇଁ ଯଥେଷ୍ଟ ଔଷଧ ଏବଂ ଅନ୍ୟାନ୍ୟ ସାମଗ୍ରୀ, ଡାକ୍ତରୀ ଦଳକୁ ନିୟୋଜିତ କରାଯାଇଛି। ରୋଗ ଆରମ୍ଭ ସମୟରୁ ହିଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସପିଟାଲରୁ ଡାକ୍ତରୀ ଦଳ ଯାଇ ରୋଗୀ ମାନଙ୍କ ଚିକିତ୍ସା କରିବା ସହ ପରିସ୍ଥିତି ଉପରେ ନଜର ରଖିଛନ୍ତି।

### ୬ଦିନ ପରେ...

ବେହେରା, ବଡ଼ଚଣା ବିଧାୟକ ଅମର ନାୟକ, କୋରେଇ ବିଧାୟକ ଆକାଶଦାଶ ନାୟକ ଏବଂ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସହ ଯାଜପୁର ଜିଲ୍ଲାର ପ୍ରଭାବିତ ଅଂଚଳ ଗସ୍ତ କରି କ୍ଷେତ୍ରସ୍ତରୀୟ ସ୍ଥିତିର ନିରୀକ୍ଷଣ କରିଥିଲେ। ମନ୍ତ୍ରୀ ପ୍ରଭାବିତ ଅଂଚଳରେ ଲୋକମାନଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ବଡ଼ଚଣା, ଧର୍ମଶାଳା, ମଧୁବନ ଓ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କର ଭଲମନ୍ଦ ପଚାରି ବୁଝିଥିଲେ।

କ୍ଷେତ୍ର ପରିଦର୍ଶନ ପରେ ମନ୍ତ୍ରୀ ଜିଲ୍ଲା କାର୍ଯ୍ୟାଳୟ ସଭାଗୃହଠାରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ର ମହାନ୍ତି, ଖାଦ୍ୟ ନିରାପତ୍ତା ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ମିଶ୍ର, ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡି, ୩ ଟି କେନ୍ଦ୍ରୀୟ ଟିମ୍ ମାନଙ୍କର ସଦସ୍ୟବୃନ୍ଦ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ମେଡିକାଲ କଲେଜମାନଙ୍କରୁ ଆସିଥିବା ପ୍ରଫେସର, ବିଶେଷଜ୍ଞ ଏବଂ ଅନ୍ୟାନ୍ୟ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ସହ ବିସ୍ତୃତ ସମୀକ୍ଷା କରିଥିଲେ।

ବ୍ଲକ ଏବଂ ପଂଚାୟତଓ୍ୱାରୀ ସ୍ଥିତିର ସମୀକ୍ଷା କରି ପ୍ରତି ପାନୀୟଜଳ ଉତ୍ସକୁ ନିୟମିତ ବ୍ୟବଧାନରେ ବାରମ୍ବାର ବିଶୋଧନ କରିବା ଏବଂ ବିଦ୍ୟାଳୟ ଖୋଲିବା ପୂର୍ବରୁ ବିଦ୍ୟାଳୟ ପରିସରରେ ଥିବା ନଳକୂପ ଓ ପାଣିଟାଙ୍କି ଆଦିକୁ ବିଶୋଧିତ କରିବା ପାଇଁ ସେ ଜଳଯୋଗାଣ ବିଭାଗ ଯନ୍ତ୍ରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ପରେ ପରେ ସ୍ୱାସ୍ଥ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ପ୍ରଭାବିତ ଅଞ୍ଚଳ ଗସ୍ତ କରି କ୍ଷେତ୍ରସ୍ତରୀୟ ସ୍ଥିତି ପରଖିବା ସହ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଅଧିକାରୀ ଏବଂ ବିଶେଷଜ୍ଞମାନଙ୍କ ସହ ସ୍ଥିତିର ସମୀକ୍ଷା କରି ଡାଇରିଆର ପ୍ରତିରୋଧ ଓ ପ୍ରତିଷେଧକ ମୂଳକ ପଦକ୍ଷେପଗୁଡ଼ିକୁ ବ୍ୟାପକ କରିବା ନିମନ୍ତେ ପରାମର୍ଶ ଦେଇଥିଲେ।

### ଅଦିନରେ...

ଯେ, ଗତ ମାର୍ଚ୍ଚ ୨୦ ତାରିଖରେ ଭୁବନେଶ୍ୱର ଠାରେ ହୋଇଥିବା ଆଲୋଚନା ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକମାନେ ଦୃଢ଼ ଭାବେ ଇସ୍କନର ଯୁକ୍ତିକୁ ଖଣ୍ଡନ କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା କେବଳ ଜ୍ୟେଷ୍ଠ-ପୂର୍ଣ୍ଣିମା ତିଥି ଏବର୍ଷ ଜୁନ୍ ୧୧ ତାରିଖ ରେ ପାଳନ ହୋଇପାରିବ ଏବଂ ଆଷାଢ ଶୁକ୍ଳ ଦ୍ୱିତୀୟ ଏବର୍ଷ ଜୁନ୍ ୨୭ ତାରିଖ ଠାରୁ ଆଷାଢ ଶୁକ୍ଳ ପକ୍ଷ ଦଶମୀ ଏବର୍ଷ ଜୁଲାଇ ୫ ତାରିଖ ପବିତ୍ର ନଅ ଦିନ ମଧରେ ହିଁ ରଥଯାତ୍ରା ଶ୍ରୀଗୁଣ୍ଡିଚା ଯାତ୍ରା ଏବଂ ବାହୁଡାଯାତ୍ରା ପାଳନ କରାଯାଇ ପାରିବ ବୋଲି ସ୍ପଷ୍ଟ ଭାବେ କହିଥିଲେ। ମହାପ୍ରଭୁଙ୍କ ସବୁଠାରୁ ପବିତ୍ର ଏହି ଯାତ୍ରା ଅନ୍ୟ ତିଥି କିମ୍ବା ତାରିଖରେ ପାଳନ କରାଯିବା ଦ୍ୱାରା ଶାସ୍ତ୍ର ତଥା ପବିତ୍ର ଶ୍ରୀଜଗନ୍ନାଥ ପରମ୍ପରା ଉଲ୍ଲଂଘନ ହେବ।

ତେଣୁ ସମଗ୍ର ବିଶ୍ୱରେ କୌଣସି ଇସ୍କନ କେନ୍ଦ୍ର କିମ୍ବା ମନ୍ଦିରରେ ଶାସ୍ତ୍ର ସମ୍ମତ ତିଥି/ତାରିଖ ବ୍ୟତିରେକ ଅନ୍ୟ ଦିନ ସ୍ନାନଯାତ୍ରା କିମ୍ବା ରଥଯାତ୍ରା ଯେପରି ପାଳିତ ନହୁଏ, ତାହା ନିଶ୍ଚିତ କରିବାକୁ ଇସ୍କନ ଗର୍ଭର୍ଣ୍ଣିଂ ବଡି କମିସନ ଅଧକ୍ଷ ଗୋବର୍ଦ୍ଧନ ଦାସ ପ୍ରଭୁଙ୍କୁ କହିଛନ୍ତି ଗଜପତି ମହାରାଜା।

### ଜାତି ପ୍ରମାଣପତ୍ର...

ଥରେ ବାହାର କଲେ ଜୀବନ ସାରା କାମରେ ଲାଗିବ। ଆଧାର ସହ ରେସିଡେଣ୍ଟ ସାର୍ଟିଫିକେଟର ସିଧାସଳଖ ଲିଙ୍କ୍ ରହିବ। ଆବଶ୍ୟକସ୍ଥଳେ ଆଧାରରେ ଥିବା ଠିକଣା ନବୀକରଣ ହୋଇପାରିବ। ସେପଟେ ଲୋକଙ୍କ ସୁବିଧା ପାଇଁ ନୂଆ ରାଜସ୍ୱ ଆପର ମଧ ବ୍ୟବସ୍ଥା କରାଯାଉଛି। ଯେଉଁଥିରେ ବିଭାଗର ୧୮ଟି ସେବା ଘରେ ବସି ପାଇ ପାରିବେ। ଏହାସହ ସରକାରଙ୍କ ଏହି ନୂଆ ବ୍ୟବସ୍ଥା ଖୁବଶୀଘ୍ର ଘୋଷଣା ହେବା ନେଇ ସଙ୍କେତ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ।

ପ୍ରାୟ ସମସ୍ତଙ୍କର ଜାତି ପ୍ରମାଣ ପତ୍ର ଓ ରେସିଡେଣ୍ଟ୍ ସାର୍ଟିଫେକେଟର ଆବଶ୍ୟକ ପଡ଼ିଥାଏ। ସେହିପରି ଜାତିଗତ ପ୍ରମାଣ ପତ୍ର ଆବଶ୍ୟକ ହୋଇଥାଏ। ଅନେକ ସମୟରେ ସାର୍ଟିଫିକେଟ ଖଣ୍ଡିଏ ଆଣିବା ପାଇଁ ବାରମ୍ବାର ତହସିଲ ଅଫିସକୁ ଦଉଡିବାକୁ ପଡ଼ିଥାଏ। ତେଣୁ ସରକାର ଏହି ନିୟମ ଲାଗୁ କଲେ ସମସ୍ତେ ଉପକୃତ ହେବେ ବୋଲି କୁହାଯାଉଛି।

### ଏୟାର ଇଣ୍ଡିଆର...

ଯେ, ବିମାନଟି ଉଡ଼ାଣ ପାଇଁ ପ୍ରସ୍ତୁତ ହେଉଥିଲା। ହେଲେ ହଠାତ୍ ଏକ ଯାନ୍ତ୍ରିକ ତ୍ରୁଟି ଜଣାପଡ଼ିବା ପରେ ସୁରକ୍ଷା କାରଣରୁ ଉଡ଼ାଣକୁ ସ୍ଥଗିତ କରାଯାଇଛି। ତ୍ରୁଟିର ସଂଶୋଧନ ପାଇଁ ଉଦ୍ୟମ ଚାଲିଥିବା କୁହାଯାଉଛି।

ପୂର୍ବରୁ ଜୁନ୍ ୧୨ ରେ ଏୟାର ଇଣ୍ଡିଆର ଏଆଇ-୧୭୧ ବିମାନ ଅହମଦାବାଦରେ ଉଡ଼ାଣ ଆରମ୍ଭ ହେବାର କିଛି ସେକେଣ୍ଡ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୭୪ ଜଣଙ୍କର ମୃତ୍ୟୁ ହୋଇଛି।

### ନଦୀରେ...

ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଏହାସହ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରବିବାର ପ୍ରବଳ ବର୍ଷା କାରଣରୁ ଇନ୍ଦ୍ରାୟଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇଥିଲା। ଏମିତିରେ ନଦୀରେ ଜଳସ୍ତର ବୃଦ୍ଧି ପାଉଥିବା ଦେଖିବାକୁ ପୋଲ ଉପରେ ଲୋକଙ୍କ ଭିଡ଼ ଜମିଥିଲା। ଆଉ ଏହି ସମୟରେ ହଠାତ ପୋଲଟି ଭୁଶୁଡ଼ି ପଡ଼ିଥିଲା। ପୋଲଟି ପୂର୍ବରୁ ହିଁ ଖରାପ ଅବସ୍ଥାରେ ଥିଲା। ପ୍ରାୟ ଦୁଇ-ତିନି ମାସ ତଳୁ ଏହା ଉପରେ ଗାଡ଼ି ଚଳାଚଳ କରିବା ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। କିନ୍ତୁ ରବିବାର ନଦୀରେ ବନ୍ୟା ଜଳ ଦେଖିବାକୁ ଆସି ଲୋକେ ମୃତ୍ୟୁମୁଖରେ ପଡ଼ିଛନ୍ତି। ସେପଟେ ସୂଚନା ପାଇ ସ୍ଥାନୀୟ ପୁଲିସ ଏବଂ ଜିଲ୍ଲା ପ୍ରଶାସନ ଟିମ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ନଦୀରେ ସର୍ଚ୍ଚ ଅପରେସନ ଜାରି ରହିଛି। ଘଟଣାସ୍ଥଳରେ ଭିଡ଼ ଜମିଥିବାବେଳେ ଲୋକଙ୍କ ମଧ୍ୟରେ ଭୟର ମାହୋଲ ଦେଖିବାକୁ ମିଳିଛି। ପ୍ରଶାସନ ଲୋକଙ୍କୁ ନଦୀ ପାଖରେ ଅଯଥା ଭିଡ଼ ନଜମାଇବାକୁ ଅପିଲ କରିବା ସହ ସ୍ଥିତି ଉପରେ କଡ଼ା ନଜର ରଖିଛି। ଉଦ୍ଧାର କାର୍ଯ୍ୟରେ ଏନଡିଆରଏଫ ଟିମ ନିୟୋଜିତ ଥିବା ବେଳେ ୧୫ଟି ଆମ୍ବୁଲାନ୍ସ ଘଟଣାସ୍ଥଳରେ ଉପସ୍ଥିତ ରହିଛି।

# ଆଜି ଶେଷ ରଜ, ଗାଁଠୁ ସହର ଉତ୍ସବ ମୁଖର



**କାକଟପୁର/ଅସ୍ତରଙ୍ଗ, ୧୫।୬ (ସଂଚାର ବ୍ୟୁରୋ) :** ଓଡିଶାର ସଂସ୍କୃତି ଓ ପରମ୍ପରାର ପର୍ବ ରଜ । ପହିଲି ରଜ, ରଜ ସଂକ୍ରାନ୍ତି ପରେ ଆଜି ଶେଷ ରଜ ପାଳୁଛନ୍ତି ରାଜ୍ୟବାସୀ । ଶେଷ ରଜକୁ ଧୁମଧାମରେ ପାଳିବା ପାଇଁ ଉତ୍ସବମୁଖର ହୋଇଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗାଁ। ପହିଲି ରଜ ପରେ ରଜ ସଂକ୍ରାନ୍ତିର ମାହୋଲ ବେଶ ଜମିଥିଲା । ପିଠାପଣାର ବାସ୍ନାରେ ପୁରପଲ୍ଲୀରେ ମହକୁଛି । ଏହି ଦିନକୁ ମାଟି ଓ ମୌସୁମୀର ମିଳନ ପର୍ବ ବୋଲି କୁହାଯାଏ । ସଂକ୍ରାନ୍ତିରେ ଭଗବାନଙ୍କୁ ଦର୍ଶନ କରିବା ସହ ପିଠା ଖାଇ ସଜ ହୋଇ ରଜ ମଉଜ କରିଥିଲେ ସଭିଏଁ । ଶେଷ ରଜର ସକାଳକୁ ଉତ୍ସାହ ଓ ଉଦ୍ଦୀପନାର ସହ ସଭିଏଁ ସ୍ୱାଗତ କରିଛନ୍ତି । ତିନିଦିନ ଧରି ପାଳିତ ହେଉଥିବା ଏହି ଗଣ ପର୍ବର ଆଜି ତୃତୀୟ ଦିନ । ସମାନ ଭାବରେ ଗାଁରୁ ନେଇ ସହର ଚଳଚଞ୍ଚଳ ହୋଇଛି । ପ୍ରତି ବର୍ଷ ଏହି ତିନିଦିନକୁ ଉତ୍କଣ୍ଠାର ସହିତ ପାଳନ କରନ୍ତି ପ୍ରତିଟି ଓଡିଆ।

ସାଧାରଣତଃ କୃଷକମାନେ ରଜ ସଂକ୍ରାନ୍ତି ପୂର୍ବରୁ ଜମିରେ ଧାନ ବୁଣି ବର୍ଷାର ଆଗମନକୁ ଅପେକ୍ଷା କରିଥାନ୍ତି । ଆଷାଢ଼ର ପ୍ରଥମ ବର୍ଷା ପୃଥିବୀକୁ ଶୀତଳ କରିଥାଏ । ରଜ ତିନିଦିନ ଧରା ଉପରେ କୌଣସ କାର୍ଯ୍ୟ କରାଯାଇନଥାଏ। କୃଷି କାର୍ଯ୍ୟରୁ ବିରତି ନେଇ ଆନନ୍ଦ ଉଲ୍ଲାସରେ ମାତି ଯାଇଥାନ୍ତି କୃଷକଭାଇ। ଆଷାଢ଼ ମାସରେ ପ୍ରଥମ ବର୍ଷାର ଆଗମନରେ ମେଘ ଓ ମାଟିର ମିଳନ ହୁଏ । ମାଟି ମା' ହୁଏ ରଜସ୍ୱଳା । ମାଟି ମା' ବହୁ କିସମର ଫସଲ ଫଳାଇ ଆମରି ହାତରେ ଅଜାଡ଼ି ଦିଏ । କୁମାରୀମାନଙ୍କ ପାଇଁ ରଜପର୍ବ ବିଶେଷ ଗୁରୁତ୍ୱବହନ କରେ । ତେଣୁ ମା'ମାଟିକୁ ଝିଅମାନଙ୍କ ସହ ତୁଳନା କରାଯାଇ ସେମାନଙ୍କୁ ବିଶ୍ରାମ ଦିଆଯାଏ । ଆସନ୍ତାକାଲି (ମଙ୍ଗଳବାର) ବସୁମତୀ ସ୍ନାନ । ମାଟି ମାଆକୁ ପୂଜା କରାଯାଏ ।

## କେନ୍ଦ୍ରାପଡ଼ାର ଶ୍ୟାମସୁନ୍ଦରପୁରରେ ବ୍ୟାପୁଛି ହଇଜା

# ଝାଡ଼ାବାନ୍ତିରେ ଜଣେ ମୃତ, ୬ ଚିକିତ୍ସାଧୀନ

**ଡେରାବିଶ, ୧୫।୬ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ଏଣ୍ଡର ପଞ୍ଚାୟତର ଶ୍ୟାମସୁନ୍ଦରପୁର (ଗଉଡୁଣୀ ପୋଖରୀ) ଗ୍ରାମରେ ହଇଜା ବ୍ୟାପିବାରେ ଲାଗିଛି। ତିନିଦିନ ଭିତରେ ଏହି ଗ୍ରାମରେ ୭ ଜଣ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ବୃଦ୍ଧା ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଲେ ସଜନୀ ମଳିକ(୬୯)ବର୍ଷ। ସଜନୀ ପ୍ରଥମେ ଆକ୍ରାନ୍ତ ହୋଇ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ସେଠାରେ ସଜନୀକୁ ଚିକିତ୍ସା କରାଯିବା ପରେ ପରିବାରଙ୍କ ପକ୍ଷରୁ ତାଙ୍କୁ ଘରକୁ ନିଆଯାଇଥିଲା। ପୁନର୍ବାର ସଜନୀଙ୍କର ଝାଡ଼ାବାନ୍ତି ହେବାରୁ ତାଙ୍କୁ



କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ଶନିବାର ରାତିରେ ତାଙ୍କର ମୃତ୍ୟୁବରଣ କରିଥିବା ଜଣାଯାଇଛି।

ସେହିପରି ସଜନୀଙ୍କ ବଡପୁଅ ଭାଗୀରଥି ମଳିକ ଚିକିତ୍ସିତ ହୋଇ ଘରକୁ ଫେରିଥିବା ବେଳେ ସାନପୁଅ ଗୁରୁତର ଅବସ୍ଥାରେ ଏବେବି କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେହିପରି ଏହି ଗ୍ରାମର କୁଞ୍ଜବିହାରୀ ମଳିକ(୬୩), ତପନ କୁମାର ମଳିକ (୨୬) ଓ ରଙ୍ଗଲତା ମଳିକ ବର୍ତ୍ତମାନ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଗ୍ରାମରେ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଛି। ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ମେଡ଼ିକାଲ ଟିମ୍ ଘର ଘର ବୁଲି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଖାଦ୍ୟରେ ବିଷ ପ୍ରକ୍ରିୟାକରଣ ଯୋଗୁ ଏଭଳି ଘଟଣା ଉପୁଜିଥିବା ଶ୍ରୀ ବେହେରା କହିଛନ୍ତି।



## କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ଅବସରରେ କୃତି ଛାତ୍ରଛାତ୍ରୀ ହେଲେ ସମ୍ମାନିତ

**ମାହାଙ୍ଗା, ୧୫।୬ (ସଂଚାର ବ୍ୟୁରୋ):** କେନ୍ଦ୍ରୀୟ ସାଂସ୍କୃତିକ ସଂସଦ, ଗୋକନ, ମାହାଙ୍ଗା ଆନୁକୂଲ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ - ରଜ ଉତ୍ସବ, ମାହାଙ୍ଗା ମହୋତ୍ସବ ଓ ସୁବର୍ଣ୍ଣ ଜୟନ୍ତୀ ମହା ସମାରୋହରେ ଅନୁଷ୍ଠିତ ହୋଇ ଶୁକ୍ରବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। କଳାବିକାଶ କେନ୍ଦ୍ର, କଟକର ସଭାପତି ଡକ୍ଟର ବିଜୟାନନ୍ଦ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜାତୀୟ ମାନବାଧିକାର କମିଶନ, ନୂଆଦିଲ୍ଲୀର ସଦସ୍ୟ ନ୍ୟାୟମୂର୍ତ୍ତି ଡକ୍ଟର ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଯୋଗଦେଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିବା ସହ ଆଜିର ଯୁବ ସମାଜ ପ୍ରାଶ୍ଚାତ୍ୟ ସଭ୍ୟତା ପଛରେ ନ ଧାଇଁ ନିଜ ଗାଁ ମାଟିର ସଭ୍ୟତା ସଂସ୍କୃତିକୁ ସମ୍ମାନ ଦେଇ ଜନସାଧାରଣଙ୍କ ସେବା କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ଉତ୍ସବରେ ମୁଖ୍ୟ ବକ୍ତାଭାବେ ବିଶିଷ୍ଟ ସାହିତ୍ୟିକ ମୁରଲୀଧର ସାମଲ, ସମ୍ମାନିତ ଅତିଥିଭାବେ ପ୍ରଫେସର କାର୍ତ୍ତିକ ଚନ୍ଦ୍ର ବରାଳ, ବରଣ୍ୟ ଅତିଥିଭାବେ ଆଗାମୀ ଶତାବ୍ଦୀର ସମ୍ପାଦକ ସେକ ମାସୁଦ ଅଲ୍ଲୀ ପ୍ରମୁଖ ଯୋଗଦେଇ ଭଞ୍ଜ ସାହିତ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡକ୍ଟର କୃଷ୍ଣକେଶବ ଷଡଙ୍ଗୀଙ୍କୁ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ' ଓ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ସାହୁଙ୍କୁ 'ମାହାଙ୍ଗାର ଶ୍ରେଷ୍ଠ ସମାଜସେବୀ ସମ୍ମାନ' ପ୍ରଦାନ କରାଯିବା ସହ ମାହାଙ୍ଗା ବ୍ଲକ ସ୍ତରୀୟ ମାଟ୍ରିକ ଓ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାହାଙ୍ଗା ମେଧା ଶ୍ରେଷ୍ଠ ସମ୍ମାନ -୨୦୨୫ ଏବଂ ବିଭିନ୍ନ ପ୍ରତିଯୋଗିତା ରେ ଭାଗ ନେଇଥିବା କୃତି ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା।

## ତୁଳସୀ ଆଞ୍ଚଳିକ ମଞ୍ଚ ତରଫରୁ ରଜୋତ୍ସବ ପାଳିତ



**ଗୋପ, ୧୫।୬ (ସଂଚାର ବ୍ୟୁରୋ):** ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ରଜ ପର୍ବର ଦ୍ୱିତୀୟ ଦିବସକୁ ଧୂମଧାମରେ ପାଳିତ ହେଉଛି ରଜ ମହୋତ୍ସବ। ଗାଁ ଠୁ ସହର ଯାଏ ପିଠା ଓ ମିଠାର ବାସ୍ନାରେ ମହକୁଛି। ହେଲେ ଓଡ଼ିଶାର ଗଣପର୍ବ ଭାବେ ପରିଚିତ ରଜ ପର୍ବ ଗାଁ ଗହଳିରୁ ଆସ୍ତେ ଆସ୍ତେ ଲୋପ ପାଇବାକୁ ବସିଲାଣି। ପୂର୍ବ ଭଳି ଆଉ ଆମ୍ବ ତୋଟାରେ ରଜ ଦୋଳି ଦେଖିବାକୁ ମିଳୁନି କି ପୋଡପିଠାର ମହକ ମିଳୁନି। ହେଲେ ଏହି ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ଅଣ୍ଟା ଭିଡିଛନ୍ତି ଗୋପ ତୁଳସୀ ଆଂଚଳିକ ମଂଚ। ଏହି ମଞ୍ଚ ପକ୍ଷରୁ ରଜର ଦ୍ୱିତୀୟ ଦିବସ ତଥା ରଜ ସଂକ୍ରାନ୍ତି ଅବସରରେ ଆଜି ଗୋପ ଆଖଣ୍ଡଳେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ୪ର୍ଥ ବାର୍ଷିକ ରଜ ମହୋତ୍ସବ ଧୂମ୍‌ଧାମରେ ପାଳିତ ହୋଇଛି। ତୁଳସୀ ଆଞ୍ଚଳିକ ମଞ୍ଚ ପକ୍ଷରୁ ମନ୍ଦିର ପରିସରରେ ଦୋଳି ଲାଗିଥିବା ବେଳେ ଝିଅ ବୋହୂମାନେ ଦୋଳିର ବେଶ ମଜ୍ଜା ନେଉଛନ୍ତି। ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସମାଜସେବୀ କସ୍ତୁରୀ ବାଳା ସ୍ୱାଇଁ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଆଖଣ୍ଡଳେଶ୍ୱର ମହିଳା ଶକ୍ତି ସଂଗଠନର ସଭାପତି ଜେନା ରାଣୀ, ସଂପାଦିକା ଶୈଳବାଳା ପରମାଣିକ, ଏମବିକେ ସୁକାନ୍ତି ଦେଇ, ତୁଳସୀ ଆଞ୍ଚଳିକ ମଞ୍ଚର ସଭାପତି ମମତା ସିଂ, ସଂପାଦିକା ରୀତାରାଣି ଦାସ, ସିଆରପି ସୁଲୋଚନା ସିଂ, ମନୋରମା ସିଂ, ପୂର୍ଣ୍ଣିମା ଦେଇ, ଭାନୁ କାଣ୍ତି ଯୋଗଦେଇ ଆଗାମୀ ଦିନରେ ଏହି ଉତ୍କଳୀୟ ପରମ୍ପରାର ନିଆରା ଗଣପର୍ବ ରଜ କୁ ଉଜ୍ଜୀବିତ କରି ରଖିବା ସହ ଆହୁରି ସରସ ସୁନ୍ଦର କରିବା ଏବଂ ଉତ୍ସାହ ସହ ପାଳନ ପାଇଁ ମତବ୍ୟକ୍ତ କରିଥିଲେ।

## ରାଜକନିକା ପାଇଁ ଗୌରବ ଆଣିଲେ ନିଟ୍ ପାଇଥିବା ଦୁଇ ଛାତ୍ର



**ରାଜକନିକା, ୧୫।୬ (ସଂଚାର ବ୍ୟୁରୋ):** ରାଜକନିକା ପାଇଁ ଗୌରବ ଆଣିଲେ ନିଟି ପାଇଥିବା ଦୁଇ ଛାତ୍ର। ଓଳାଭର ପଞ୍ଚାୟତର ବାଲିସାହି ଗାଁର ଅମର କୁମାର ପାଲ ଓ ପଦ୍ମାବତୀ ପାଲଙ୍କ ସାନ ପୁଅ ଆଶୁତୋଷ ପାଲ ନିଟି ପରୀକ୍ଷାରେ ୫୭୨ନମ୍ବର ରଖି ୫୦୪୦- ରିୟାଙ୍କ ପାଇଥିବା ବେଳେ କାଟଣା-ବଣିଆ ପଞ୍ଚାୟତର ବାଜପୁର ଗାଁର ରମେଶ ବିଶ୍ୱାଳ ଓ ସୁକାନ୍ତି ଜେନାଙ୍କ ପୁଅ ରାଜେନ୍ଦ୍ର ବିଶ୍ୱାଳ ସର୍ବ ଭାରତୀୟ ନିଟୀ ପରୀକ୍ଷା -୫୩୯ ନମ୍ବର ରଖି ୧୮୦୯୪ ର୍‌ିୟାଙ୍କ ରଖି ରାଜକନିକା ବ୍ଲକ ପାଇ ଗୌରବ ଆଣିଛନ୍ତି ଏବଂ ଏହି ଦୁଇ ଜଣ ଛାତ୍ର ଟ୍ରେ ଟ୍ରାହେଡେନ କଲେଜରେ ପାଠ ପଢୁଥିଲେ। ତାଙ୍କର ଏହି ସଫଳତା ପାଇଁ ରାଜକନିକା ଅଞ୍ଚଳରୁ ତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଶୁଭକାମନା ସୁହ ଛୁଟିଛି।

### ୬୧ ଦିନ ପରେ ହଟିଲା କଟକଣା

# ସମୁଦ୍ରକୁ ଗଲେ ମତ୍ସ୍ୟଜୀବୀ



**କାକଟପୁର/ଅସ୍ତରଙ୍ଗ, ୧୫।୬ (ସଂଚାର ବ୍ୟୁରୋ):** ମତ୍ସ୍ୟ ସଂରକ୍ଷଣକୁ ଆଖି ଆଗରେ ରଖି ଏପ୍ରିଲ ୧୫ରୁ ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ୬୧ ଦିନ ସମୁଦ୍ରରେ ମାଛ ଧରା ବନ୍ଦ ରହିଥିଲା। ଦୁଇମାସ ଧରି ମତ୍ସ୍ୟଜୀବୀ ସମୁଦ୍ର ଭିତରକୁ ଯିବା ନେଇ କଟକଣା ଲାଗୁ ହୋଇଥିଲା। ଓଡ଼ିଶା ଉପକୂଳ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳ ରେ ମାଛ ଧରା ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ସାଢ଼େ ୮ ମିଟର ଡଙ୍ଗାରେ କେବଳ ମାଛ ଧରାଯାଇପାରିବ ବୋଲି କୁହାଯାଇଥିଲା।ଏହି ସମୟରେ ମାଛମାନଙ୍କର ପ୍ରଜନନ ଋତୁ ଆରମ୍ଭ ହେଉଥିବା ଯୋଗୁ ସବୁ ବର୍ଷ ଏହି ସମୟରେ କେନ୍ଦ୍ର ସରକାରଙ୍କ ମତ୍ସ୍ୟ ସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ମତ୍ସ୍ୟଜୀବୀଙ୍କ ସମୁଦ୍ର ପ୍ରବେଶ ଉପରେ କଟକଣା ଲାଗୁ ହୋଇଥାଏ। ମୌସୁମୀ ଆସିବା ପୂର୍ବରୁ ମାଛମାନଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଥାଏ। ମାଛମାନେ ଏହି ସମୟରେ ଅନୁକୂଳ ପରିବେଶରେ ଅଣ୍ଡା ଦେଇଥାନ୍ତି। ମାଛ ବଢ଼ିବାକୁ ୩ରୁ ୪ ମାସ ଲାଗିଥାଏ। ଏହା ପୂର୍ବରୁ କଟକଣା ଶେଷ ହୋଇଯାଉଥିବାରୁ ମାଛର ଆକାର ବହୁତ ଛୋଟ ଥାଏ। ଏହି ସମୟରେ ସମୁଦ୍ରରେ ଟ୍ରଲର, ଗିଲେଟିନ୍, ଭୁଟଭୁଟି ଆଦି ଚଳାଚଳ ଆରମ୍ଭ ହୋଇଯାଏ। ମତ୍ସଜୀବୀ ବଡ଼ ମାଛ ବଦଳରେ ଛୋଟ ମାଛ ଆଣିଥାନ୍ତି। କଟକଣା ହଟିବା ପରେ ଅସ୍ତରଙ୍ଗ ଅଞ୍ଚଳ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯାଇଛନ୍ତି।



## ଅଣ୍ଡରା ଇଛାପୁର ପଞ୍ଚାୟତକୁ ଗଡ଼ିଲା ବିକାଶ ବାହନ

**ଗୋପ, ୧୫।୬ (ସଂଚାର ବ୍ୟୁରୋ):** ଶନିବାର ଦିନ ଅଣ୍ଡରା ଇଛାପୁର ଦିହୁଡା ହାଇସ୍କୁଲ ପ୍ରାଙ୍ଗଣରେ ବିକାଶ ବାହନ ପହଞ୍ଚିଥିଲା। ପଂଚାୟତର କୀର୍ତ୍ତନ ମଣ୍ଡଳୀମାନେ ବାଦ୍ୟ ଯନ୍ତ୍ର ମାଧମରେ ସ୍ୱାଗତ ଜଣାଇ ଥିଲେ। ବ୍ଲକ ଉପାଧାକ୍ଷ ବନରଞ୍ଜନ ପଟ୍ଟନାୟକ, ସରପଞ୍ଚ ମିନାକୁମାରୀ ମହାନ୍ତି, ସମିତି ସଭ୍ୟା ଅର୍ଣ୍ଣପୂର୍ଣ୍ଣା ପଟ୍ଟନାୟକ, ପଂଚାୟତ ସଭାପତି ମଧୁସୂଦନ ରାଉତରାୟ, ବରିଷ୍ଠ ବିଜେପି ନେତା ଅଶ୍ୱିନୀ ପଟ୍ଟନାୟକ, ରସାନନ୍ଦ ଜେନା, ଗୋଲକ ବିହାରୀ ସ୍ୱାଇଁ, ଉଲ୍ଲାସ ପ୍ରଧାନ, ଉପସ୍ଥିତ ରହି ସରକାର ଙ୍କର ବିକାଶ ମୂଳକ ୧୧ଗୋଟି ଲୋକଆଭିମୁଖୀ ଯୋଜନା ବିଷୟରେ ଅବଗତ କରାଇଥଲେ।ପଂଚାୟତ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପସ୍ଥିତ ରହି ଘର ପୋଡି ଯାଇଥିବା ଦୁଇ ହିତାଧିକାରୀ ମାନଙ୍କୁ ଅନ୍ତୋଦୟଯୋଜନା ରେ କାର୍ଯ୍ୟାଦେଶ ଦିଆଯାଇ ଥିଲା। ଆୟୁଷ୍ମାନ କାର୍ଡ ବଣ୍ଟନ କରିଥିଲେ.। ଏହି ସଭାରେ ପଞ୍ଚାୟତ ର ଶତାଧିକ ଲୋକ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ରଜ ପର୍ବ ପାଳିତ

**ବୋରିଗୁମ୍ମା/ଜୟପୁର, ୧୫।୬ (ସଂଚାର ବ୍ୟୁରୋ):** ଆଜି ରଜ ସଂକ୍ରାନ୍ତି, ତିନି ଦିନିଆ ରଜ ଉତ୍ସବର ପ୍ରମୁଖ ଦିନ। ରଜ ସଂକ୍ରାନ୍ତିରେ ଗାଁ ଆମ୍ବ ତୋଟାରେ ସକାଳୁ ସକାଳୁ ଶୁଭୁଛି ରଜ ଗୀତ। ଜୟପୁର ଓ ବୋରିଗୁମ୍ମା ବ୍ଲକ ଓ ଏହାର ଆଖପାଖ ଅଞ୍ଚଳରେ ଖୁବ୍ ଧୁମ୍‌ଧାମ୍‌ରେ ପାଳନ ହେଉଛି। ଶନିବାର ପହଲି ରଜ ଅବସରରେ ଝିଅ ଓ ମହିଳା ମାନେ ହାତରେ ମେହେନ୍ଦି, ଗୋଡ଼ରେ ଅଳତା ଏବଂ ବିଭିନ୍ନ ଫୁଲ ପିନ୍ଧି ସାଜସଜ୍ଜା ହୋଇଥିବା ବେଳେ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତି କରିଛନ୍ତି। ସେହିପରି ସହରର କେତେକ ଅଞ୍ଚଳରେ ଦୋଳି ତିଆରି ହୋଇଥିବା ବେଳେ ବିଭିନ୍ନ ପାର୍କକୁ ଯାଇ ଝିଅ ମାନେ ସେଠାରେ ସ୍ଥାୟୀ ଭାବେ ରହିଥିବା ଦୋଳି ଖେଳୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ସତ୍‌ସଙ୍ଗ ବିହାରସ୍ଥିତ ଅନୁକୂଳ ଚନ୍ଦ୍ର ଆଶ୍ରମ ଠାରେ ମହିଳା, ଯୁବତୀ ଓ ଝିଅ ମାନେ ଏକତ୍ରିତ ହୋଇ ଓଡ଼ିଶାର ପାରମ୍ପରିକ ପୋଡ଼ ପିଠା, କାକରା, ଆରିସା ଏବଂ ଅନ୍ୟାନ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ପ୍ରଦର୍ଶନ କରାଯାଇଥିଲା। ସେହିପରି ଝିଅ ମାନଙ୍କ ପାଇଁ ଦୋଳି ଝୋଲିବାର ବ୍ୟବସ୍ଥା କରାଯାଇଥିଲା । ଆଜି ପୂର୍ବାହ୍ନରୁ ସହରର ରାଜା ନହର, ସୌରା ସାହିଛକ, ଦୈନିକ ବଜାର ଏବଂ ପାରାବେଢ଼ା ଓ ବୋରିଗୁମ୍ମା ଅଞ୍ଚଳରେ ବିଭିନ୍ନ ପାନ ଦୋକାନରେ ସ୍ୱତନ୍ତ୍ର ଭାବେ ମିଠାପାନ ବିକ୍ରି କରାଯାଉଛି। ପାନର ମୂଲ୍ୟ ୧୫ ଟଙ୍କାରୁ୩୦ ଟଙ୍କା ପର୍ଯ୍ୟନ୍ତ ରହିଥିଲେ ସୁଦ୍ଧା ଚାହିଦା ବୃଦ୍ଧି ପାଇଛି।



## ଅବକାରୀ ବିଭାଗର ରକ୍ତଦାନ ଶିବିର

**କୋରାପୁଟ, ୧୫।୬ (ସଂଚାର ବ୍ୟୁରୋ):** ଜିଲ୍ଲା ପୁଲିସ ପ୍ୟାରେଡ ପଡ଼ିଆରେ ଅବକାରୀ ବିଭାଗ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରକୁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଶୁଭାରମ୍ଭ କରିଥିଲେ। ରକ୍ତଦାନ କରି ଅନ୍ୟର ଜିବନ ବଞ୍ଚାଇବା ସୁଯୋଗ ହାତଛଡ଼ା କରନ୍ତୁ ନାହିଁ। ସ୍ୱେଚ୍ଛାକୃତ ଭାବରେ ଆଗକୁ ଆସି ରକ୍ତଦାନ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଅବକାରୀ ସଦର ଇନ୍ସପେକ୍ଟର ସୁଧର କୁମାର ସାହୁ,ବୋରିଗୁମ୍ମା ଅବକାରୀ ଇନ୍ସପେକ୍ଟର ବିଶ୍ୱଜିତ ପାଣିଗ୍ରାହୀ, କୋରାପୁଟ ମଣ୍ଡଳ କାରାଗାର ଜେଲର ଲଲାଟେନ୍ଦୁ ଭୂଷଣ ଦାସ ରକ୍ତଦାନ କରି ଶିବିରକୁ ଶୁଭାରମ୍ଭ କରିଥିଲେ। ପରେ ପରେ ଅବକାରୀ ବିଭାଗର କର୍ମଚାରୀ, ବିଏସଏଫ ଯବାନ, ପୁଲିସ ବିଭାଗ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ରକ୍ତଦାନ କରିଥିଲେ। ମୋଟ ୧୧୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଏସ୍‌ପି ରୋହିତ ବର୍ମା, ଅବକାରୀ ଅଧକ୍ଷକ ଅରୁଣ କୁମାର ପାଢ଼ୀ, ସିଡିଏମଓ ଡଃ ଆରଏନ ମିଶ୍ର, ଏଡିପିଏଚ୍‌ଓ ଡଃ ଶିବ ସାଇ ସ୍ୱରୂପ, ବିଜେପି ଜିଲ୍ଲା ସଭାପତି ଶିବ ମୁଦୁଲିଙ୍କ ସହ ଜିଲ୍ଲା ପ୍ରଶାସନିକ ଅଧିକାରୀ, ବିଜେପି ନେତା ଓ କର୍ମୀ ଉପସ୍ଥିତ ଥିଲେ। କୋରାପୁଟ ରକ୍ତଭଣ୍ଡାର କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ ।

## ଶିକ୍ଷୟିତ୍ରୀଙ୍କ ଘରୁ ଲୁଟ୍ ଓ ପେଟ୍ରୋଲ ପମ୍ପ ଡକାୟତି ଘଟଣାର ପର୍ଦ୍ଦାଫାସ

# ୩ ଆନ୍ତଃଜିଲ୍ଲା ଡକାୟତ ସମେତ ୪ ଗିରଫ

**ସାଲେପୁର, ୧୫।୬ (ସଂଚାର ବ୍ୟୁରୋ):** ଶିକ୍ଷୟିତ୍ରୀଙ୍କ ଘରେ ପଶି ବନ୍ଧୁକ ଲଗାଇ ଲୁଟ୍ ଘଟଣା ଓ ପେଟ୍ରୋଲ ପମ୍ପ ଡକାୟତି ଘଟଣାରେ ସାଲେପୁର ପୁଲିସକୁ ବଡ଼ ସଫଳତା ମିଳିଛି। ପୁଲିସ ସିସିଟିଭିକୁ ଆଧାର କରି ଏହି ଘଟଣାରେ ୪ଜଣକୁ ଗିରଫ



କରିଥିବା ବେଳେ ସେମାନଙ୍କ ନିକଟରୁ ସୁନାରୂପା ଅଳଂକାର, ଏକ ଖେଳଣା ବନ୍ଧୁକ, ଭୁଜାଲି, କଟୁରୀ, ଏକ ମୋଟରସାଇକେଲକୁ ପୁଲିସ ଜବତ କରିଥିବା ଆଜି ସାମ୍ବାଦିକ ସମ୍ମିଳନୀରେ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂହ ପ୍ରକାଶ କରିଛନ୍ତି।

ଏହି ଘଟଣାରେ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅଞ୍ଚଳର ମୁଖ୍ୟଅଭିଯୁକ୍ତ ପ୍ରଦୀପ୍ତ ମଲ୍ଲିକଙ୍କ ପୁତ୍ର ହୃଷିକେଶ ମଲ୍ଲିକ, ବିକ୍ରମ ମଲ୍ଲିକଙ୍କ ପୁତ୍ର ଜ୍ୟୋତିପ୍ରକାଶ ମଲ୍ଲିକ, ବଡ଼ପାଳ ଗ୍ରାମର ପ୍ରକାଶ ଆଚାର୍ଯ୍ୟଙ୍କ ପୁତ୍ର ହେମନ୍ତ ଆଚାର୍ଯ୍ୟଙ୍କୁ ଗିରଫ କରିଥିବାବେଳେ ସେମାନଙ୍କ ନିକଟରୁ ଚୋରି ହୋଇଥିବା ୬ହଳ ସୁନା ଚୁଡ଼ି,

### ସୁନା, ରୁପା ଅଳଂକାର, ନଗଦ ଟଙ୍କା, ମାରଣାସ୍ତ୍ର ଓ ମୋଟର ସାଇକେଲ୍ ଜବତ

୧ଟି ସୁନା ମୁଦି, ନଗଦ ୭ହଜାର ଟଙ୍କା, ରୂପା ପାଉଁଜି, ରୂପା ଚେନ୍, ଭୁଜାଲି, କଟୁରୀ, ଟି.ଭି.ଏସ୍. ମୋଟର ସାଇକେଲ୍‌କୁ ପୁଲିସ ଜବତ କରିଥିବାବେଳେ ଚୋରା ଅଳଂକାର କ୍ରୟ କରିଥିବା ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲ୍ଲା ବଡ଼ଗାଁ ଗ୍ରାମର ରାମଚନ୍ଦ୍ର ସାହୁଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି।

## ବଜ୍ରପାତରେ ୨ ଗାଈ ମୃତ, ସରକାରୀ ସାହାଯ୍ୟତା ଦାବି

**ପଟ୍ଟାମୁଣ୍ଡାଇ, ୧୫।୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଂଚାୟତ ନିମପୁର ଗ୍ରାମର ଗରିବ ଚାଷୀ ରବିନ୍ଦ୍ର କୁମାର ସାହୁ ଗାଇ ରଖି କ୍ଷୀର ବିକ୍ରି କରି ପରିବାର ଚଳାନ୍ତି । ଆଜି ଦିବା ୧. ୩୦ ମିନିଟ ସମୟରେ ପ୍ରବଳ ବର୍ଷା ସାଙ୍ଗକୁ ଆକସ୍ମିକ ବଜ୍ରପାତ ଯୋଗୁଁ ବ୍ରାହ୍ମଣୀ ନଦୀ କୂଳରେ ଥିବା ବାଉଁଶ ବୁଦା ମୂଳେ ବିଶ୍ରାମ ନେଇଥିବା ରବୀନ୍ଦ୍ର ଙ୍କ ଦୁଇଟି ଦୁଧୁଆ ଗାଇଙ୍କ ମୃତ୍ୟୁ ଘଟିଛି। ଗାଇ ରଖି ପରିବାର ଚଳାଉ ଥିବା ଗରିବ ଚାଷୀ ରବୀନ୍ଦ୍ରଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ନିମପୁର ଗ୍ରାମବାସୀ ଦାବି କରିଛନ୍ତି ।



### ଆଲୁ ଖୋଲୁ ଖୋଲୁ ମହାଦେବ

# ହତ୍ୟା ଘଟଣାର ତଦନ୍ତ ବେଳେ ଚୋରି ରାକେଟର ପର୍ଦ୍ଦାଫାଶ

**କେନ୍ଦ୍ରାପଡ଼ା, ୧୫।୬ (ସଂଚାର ବ୍ୟୁରୋ):** ବର୍ତ୍ତମାନ କେନ୍ଦ୍ରାପଡା ଜିଲ୍ଲାରେ ଚୋରି, ଡକାୟତିର ବୃଦ୍ଧି ଘଟିଥିବା ବେଳେ ରବିବାର ଦିନ ଏକ ହତ୍ୟା ଘଟଣାର ତଦନ୍ତ କରୁ କରୁ କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ଏକ ଚୋରି ରାକେଟ ପର୍ଦ୍ଦାଫାଶ କରିବାରେ ସକ୍ଷମ ହୋଇଛି।

ସୂଚନା ମୁତାବକ ଗତ ୧୪ ଜୁନ୍‌ରେ ଭାଣ୍ଡିଲୋ ଗ୍ରାମରେ ଏକ ହତ୍ୟା ହୋଇଥିବା ଆଜି ସଦର ଥାନାରେ ଏତଲା ହୋଇଛି। ଏତଲା ପାଇ ସଙ୍ଗେ ସଙ୍ଗେ କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ତତ୍ପର ହୋଇ ଉଠିଥିଲା ଏବଂ ଘଟଣାର ଥିବା ଅଭିଯୁକ୍ତ ଭାଣ୍ଡିଲୋ ଗ୍ରାମର କାର୍ତ୍ତିକାକୁ ଧରିବାକୁ ଉଦ୍ୟମ କରିବା ବେଳେ ଅଭିଯୁକ୍ତ କାର୍ତ୍ତିକା(ଛଦ୍ମ ନାମ) ନିଜ ତରଫରୁ ଆତ୍ମସମର୍ପଣ କରିବା ସହ ସବୁ ଟିକିନିକି ପୁଲିସକୁ ଜଣାଇ ଦେଇଛି।



ଅଭିଯୁକ୍ତ କାର୍ତ୍ତିକାର କହିବା ଅନୁସାରେ ଚକ୍ରୋଡା ଗ୍ରାମର ପୋଲ ତଳ ବାପି(ଛଦ୍ମ ନାମ) ଦୁଇ ମାସ ତଳେ ଭାଣ୍ଡିଲୋ ଗ୍ରାମର କାର୍ତ୍ତିକା ଏବଂ ସିପୁନକୁ ଏକ ଚୋରି ଗ୍ୟାଙ୍ଗ (୬ ଜଣିଆ) ସହିତ ଭେଟ କରିଥିଲା । ଭେଟ କରିବା ପରେ ଗତ ସଜବାଜ ଦିନ ୬ଜଣିଆ ଗ୍ୟାଙ୍ଗ ପାଣିକୋଇଲିରୁ ଏକ ରୋଟର୍ ଚୋରି କରି ମାହାଙ୍ଗା ଅଭିମୁଖେ ଯାଉଥିବା ବେଳେ ଏରକଣା ଠାରେ ପୁଲିସ ପିସିଆର୍ ସେମାନଙ୍କୁ ଗୋଡାଇବାରୁ ପୁଲିକୁ ଚକମା ଦେଇ ଫେରାର ହେଉଥିବା ସମୟରେ ବାପି ଏବଂ ସିପୁନ ଦୁଇ ଜଣ ଚୋର ଏକ ମୁସଲିମ ବସ୍ତି ନିକଟରେ ଗାଡିରୁ ଡେଇଁ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ସିପୁନ ପଡ଼ି ସାଜ୍ଞାହୀନ ହୋଇ ପଡ଼ିବାରୁ କାର୍ତ୍ତିକା ସିପୁନକୁ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲା ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲକୁ ନେବାରୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ଲୋକେ କାର୍ତ୍ତିକ ବିରୁଦ୍ଧରେ ହତ୍ୟା ଅଭିଯୋଗ ଆଣିଥିବା ବେଳେ କାର୍ତ୍ତିକ କିନ୍ତୁ ପୁଲିସ ପାଖରେ ଆତ୍ମସମର୍ପଣ କରି ଚୋରି ରାକେଟର ପର୍ଦ୍ଦାଫାଶ କରିବାରୁ ଏହା ସଦର ପୁଲିସ ପାଖରେ ଅନ୍ୟ ୪ ଜଣକୁ ଧରିବାକୁ ଏକ ଚ୍ୟାଲେଞ୍ଜ ସଦୃଶ ହୋଇଥିବା ଜଣା ପଡ଼ିଛି ।

## କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ବର୍ଷେ ପୂର୍ତ୍ତି ଅବସରରେ ଖଣି ମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀ




**ନବରଙ୍ଗପୁର, ୧୫।୬ (ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତିରେ ଉପଲବ୍ଧି ଅନେକ, ଗରୀବ କଲ୍ୟାଣ, ସେବା ସୁଶାସନ କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଆଜି ନବରଙ୍ଗପୁର ଠାରେ ଜିଲ୍ଲା ବିଜେପି ପକ୍ଷରୁ ଅନୁଷ୍ଠିତ ହୋଇଛି। ବାଣିଜ୍ୟ ପରିବହନ, ଖଣି ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ଅନୁସୂଚିତ ଜାତି ଜନଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏଥିରେ ଯୋଗ ଦେଇ ଏକ ବର୍ଷ ରେ ସରକାର ଙ୍କ ଉପଲବ୍ଧି, ସମ୍ପର୍କ ରେ ତଥ୍ୟ ପ୍ରଦାନ କରିଥିଲେ। ରାଜ୍ୟ ସରକାର ସମସ୍ତ ପ୍ରତିଶ୍ରୁତି ପାଳନ କରି ସୁଭଦ୍ରା ଯୋଜନା, ଚାଷୀ ଙ୍କୁ ଇପୁଟ ସବସିଡ଼ି, ଚାରିଦ୍ୱାର ଖୋଲିବା, ଅନ୍ତୋଦୟ ଗୃହ ଯୋଜନା, ଆୟୁଷ୍ମାନ ଭାରତ, ଯୋଜନା ତୁରନ୍ତ ଲାଗୁ କରେଇ ପାରିଛନ୍ତି ବୋଲି ଶ୍ରୀ ଜେନା କହିବା ସହ ଭିତ୍ତିଭୂମି ବିକାଶ ପାଇଁ ଅଧିକ ଅର୍ଥ ଅନୁଦାନ ପ୍ରଦାନ କରାଯାଇଛି ବୋଲି କହିଛନ୍ତି। ସାମାଜିଲ ନିରାପତ୍ତା, ଶିକ୍ଷା, ସ୍ୱାସ୍ଥ୍ୟ ଯୋଗାଯୋଗ କୁ ସୁବ୍ୟବସ୍ଥିତ କରି ବିକଶିତ ଓଡିଶା ଗଠନ କରିବା ପାଇଁ ରାଜ୍ୟ ସରକାର ବଦ୍ଧ ପରିକର।ନବରଙ୍ଗପୁର ଜିଲ୍ଲାରେ ପିଏମ ଗତିଶକ୍ତି ରେ ଭାରତ ମାଳା ଯୋଜନା କାର୍ଯ୍ୟକାରୀ ହେଇଥିବା ବେଳେ ଖୁବ ଶୀଘ୍ର ରେଳ ସଂଯୋଗୀକରଣ ସହ ଏକ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ଜିଲ୍ଲାରେ ଜଳ ସେଚନ ସୁବିଧା ସହ ଇକୋ ଟୁରିଜିମ ର ବିକାଶ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି ବୋଲି ମନ୍ତ୍ରୀଶ୍ରୀ ଜେନା ପ୍ରକାଶ କରିଥିଲେ। ନବରଙ୍ଗପୁର ଜିଲ୍ଲାର ଉମରକୋଟ ଠାରେ ରକ୍ତ ଭଣ୍ଡାର ପ୍ରତିଷ୍ଠା ସମ୍ଭବ ହୋଇପାରିଥିବା ବେଳେ ରକ୍ତତୀର୍ଥ ପପଡାହାଣ୍ଡି ଠାରେ ଥିବା ଶହୀଦ ସ୍ମୃତି ମିନାର ବିକାଶ ପାଇଁ ୬ କୋଟି ଟଙ୍କା ପ୍ରଦାନ ବାଇପାସ ରୋଡ଼ ନିର୍ମାଣ ଆରମ୍ଭ,, ସ୍ପୋର୍ଟ୍ସ ହବ ପ୍ରତିଷ୍ଠା ପାଇଁ ୨୩କୋଟି ଟଙ୍କା ଅର୍ଥ ଅନୁଦାନ ବ୍ୟବସ୍ଥା, ଉମରକୋଟ, ରାଇଘର ରେ ଗ୍ରୀଡ଼ ସବ ଷ୍ଟେସନ ପ୍ରତିଷ୍ଠା, ୭ ଗୋଟି ଆଦିବାସୀ ସାଂସ୍କୃତିକ ଭବନ ବ୍ୟବସ୍ଥା ହୋଇଛି ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଥିଲେ।

## ବଜ୍ରପାତରେ ଯୁବକ ମୃତ



**ମହାକାଳପଡ଼ା, ୧୫।୬ (ସଂଚାର ବ୍ୟୁରୋ):** ବଜ୍ରପାତରେ ଜଣେ ୪୫ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଛି। ଆଜି ଅପରାହ୍ନରେ ମହାନଦୀ ଚୌମୁହାଣୀ ଫେରିଘାଟରେ ପାରାଦ୍ୱୀପରୁ ଡ଼ଙ୍ଗାରେ ନଦୀ ପାର ହେଉଥିବା ବେଳେ ବଜ୍ରପାତ ଘଟିଥିଲା। ଡ଼ଙ୍ଗାରେ ଥିବା ଷାଠିଏବାଟି ଗାଁ ର ପ୍ରଶାନ୍ତ ଦାସଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ପ୍ରଶାନ୍ତ ଦାସ (୪୫) ପାରାଦୀପରେ ରଙ୍ଗ ମିସ୍ତ୍ରୀ ଭାବରେ କାମ କରୁଥିଲେ। ସେହିପରି ଅନ୍ୟଜଣେ କୁମାରପଡ଼ା ଗ୍ରାମର ଦୁଃଶାସନ ରାଉତ ବଜ୍ରପାତରେ ଆଘାତ ହୋଇ ପ୍ରଥମେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟଜଣେ ତେନ୍ତୁଳିକନ୍ଧା ଗ୍ରାମର ସୁରେଶ ରାଉତ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତୁରନ୍ତ ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସିଟି salad

## ପକ୍ଷୀ ପ୍ରିୟ ଜୟନାରାୟଣ



ପଶ୍ଚିମ ଓଡିଶାର ବରିଷ୍ଠ ନେତା ଜୟନାରାୟଣ ମିଶ୍ର ତାଙ୍କର ଗରମ ମିଜାଜ ପାଇଁ ବେଶ୍ ପରିଚିତ। ହେଲେ ସେହି ଗରମ ମିଜାଜ ଭିତରେ ନରମ ହୃଦୟଟିଏ ବି ରହିଛି। ମିଶ୍ରଙ୍କର ପକ୍ଷୀମାନଙ୍କ ପ୍ରତି ରହିଥିବା ଦରଦ ଏବେ ଜଣାପଡିଛି। ମିଶ୍ରଙ୍କୁ ରାଜଧାନୀର ମିଳିଛି ବଡ ବଙ୍ଗଳା। ବଙ୍ଗଳାରେ ରହିଛି ଏକାଧିକ ସୁସ୍ୱାଦୁ ଫଳ ଗଛ। ଆମ୍ବ ପିଜୁଳି ଭଳି ଅନେକ ପ୍ରକାର ଫଳ ଗଛ। ପୂର୍ବତନ ମୁଖ୍ୟଶାସନ ସଚିବ ଏହାକୁ ଲଗାଇଥିଲେ। ଆମ୍ବ ଗଛରୁ ମିଠା ଆମ୍ବ ପାଚି ଝଡୁଛି। ହେଲେ ଆମ୍ବ କିମ୍ବା ପିଜୁଳି ତୋଳିବାକୁ ମିଶ୍ରେ କୁଆଡେ ସଫା ସଫା ମନାକରି ଦେଇଛନ୍ତି। କହିଛନ୍ତି, ଏହାକୁ ଚଢେଇମାନେ ଖାଇବେ। ମିଶ୍ରଙ୍କ ତାଗିଦା ପରେ ଆଉ ଆମ୍ବ ତୋଳାହେଉ ନାହିଁ। ପୂର୍ବରୁ ଯେଉଁମାନଙ୍କ ପାଟିରେ ଏହି ମିଠା ଆମ୍ବ ଲାଗିଥିଲା ସେମାନେ କେବଳ ହତଳ ବିକଳ ହେଉଛନ୍ତି। ହେଲେ ଭୟରେ ଫଳ ତୋଳୁ ନାହାନ୍ତି। ଚଢେଇ ମାନେ ମନଖୁସିରେ ଖାଉଛନ୍ତି। ତେବେ ରାଜଧାନୀରେ ଜଣେ ରାଜନେତାଙ୍କର ଚଢେଇ ମାନଙ୍କ ପ୍ରତି ଏଭଳି ଦରଦ ପୂର୍ବରୁ ଦେଖିବାକୁ ମିଳିନଥିଲା। ଏହା ଜାଣିବାପରେ ଅନେକ କହୁଛନ୍ତି ମିଶ୍ରେ ସିନା ବାହାରକୁ ଗରମ, ହେଲେ ହୃଦୟଟା ଭାରି ନରମ। ମିଶ୍ରଙ୍କ ଠାରୁ ଯଦି ତାଙ୍କରି ଦଳର ଅନ୍ୟମାନେ କିଛି ଶିଖନ୍ତେ ତେବେ ରାଜଧାନୀରେ ପକ୍ଷୀଙ୍କ କଳରବ ପୁଣି ଫେରି ଆସନ୍ତା।

## ହଇଜା ଖୋଲିଲା ନମ୍ବର ଦୁଇଙ୍କ ଗୁମର




ନିକଟରେ ଖବରଟିଏ ବାହାରିଥିଲା ନାରୀ ନିର୍ଯ୍ୟାତନାରେ ଯାଜପୁର ଜିଲ୍ଲା ଏକ ନମ୍ବର। ସେତେବେଳେ ଅନେକ ଏହାକୁ ବିଶ୍ୱାସ କରିପାରିନଥିଲେ। କାରଣ ଯେଉଁ ଜିଲ୍ଲାରେ ବିଜେଡି ସରକାରର ନମ୍ବର ଦୁଇ ରହୁଥିଲେ ସେଠାରେ ନାରୀ ନିର୍ଯ୍ୟାତନା ହେବା ସମ୍ଭବ ନୁହେଁ। ସେଠି ସବୁ କଡାକଡି। ହେଲେ ଏବେ କଥାଟାକୁ ଅନେକ ବିଶ୍ୱାସ କରୁଛନ୍ତି। କାରଣ ହୋଇଛି ହଇଜା। ଯାଜପୁର ଜିଲ୍ଲାରେ ହଇଜା ବ୍ୟାପିବାପରେ ଏବେ ଅନେକ ବିଜେଡିର ନମ୍ବର ଦୁଇଙ୍କ କଥା ଭାବୁଛନ୍ତି। ନିର୍ବାଚନରେ କାହିଁକି ହାରିଲେ ବୋଲି ତର୍ଜମା କରୁଛନ୍ତି। ନିଜ ଅମଳରେ ଭଲ ପିଇବା ପାଣି ଟୋପାଏର ବ୍ୟବସ୍ଥା କରିନଥିବାରୁ ଏବେ ଲୋକେ ଦୂଷିତ ପାଣି ପିଇ ହଇଜାରେ ମରୁଛନ୍ତି। ଏ ସଂକ୍ରାନ୍ତରେ ଜଣେ ଶଙ୍ଖମାର୍କା ନେତା କହୁଥିଲେ, ବୁଝିଲେ ଆଜ୍ଞା କ୍ଷମତାରେ ଥିବାବେଳେ ରାଜକୋଷରୁ ଷ୍ଟ୍ର ପକେଇ ପଇସା ଶୋଷିଲେ। ଯାହା ଟଙ୍କା ନେଲେ ତାହାର ସିଂହ ଭାଗ ଅର୍ଥ ପୋଖରୀରେ ପୂରେଇ ଦେଲେ। ପୋଖରୀ ବଦଳରେ ଯଦି ପାଇପ୍‌ରେ ପୂରାଇଥାନ୍ତେ ତେବେ ହଇଜା ବ୍ୟାପିନଥାନ୍ତା। ଆଉ ଯାହା କିଛି ପଇସା ନେଇଥିଲେ ସେଥିରେ ଢାବା ତିଆରି କରିଦେଲେ। ଢାବାରେ ଖାଇ ବଲ୍ଲେ ବଲ୍ଲେ ନାଚିଲେ। ସେତେବେଳେ ପାୱାର ଥିବାରୁ କିଛି ପଦାକୁ ଆସୁନଥିଲା। ଏବେ ପାୱାର କଟ୍ ପରେ ହଇଜା ସବୁ କୁଆଡେ ପଦାକୁ ନେଇ ଆସିଛି। ଆଗକୁ ଆହୁରି ଗୁମର ଖୋଲିବ।

## ସଂସ୍କୃତି ବିଭାଗ ନା ଆହାର କେନ୍ଦ୍ର




କଳ୍ପନାଛକ ନିକଟରେ ସଂସ୍କୃତି ବିଭାଗ ସଂକ୍ରାନ୍ତରେ କିଛି ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ଆଲୋଚନା କରୁଥିବାବେଳେ କଥାଟି ଶୁଣିବାକୁ ଟିକେ ଅଟକିଲୁ। ଜଣେ କହୁଥାନ୍ତି, ସଂସ୍କୃତି ବିଭାଗର ଏଠିକା ଦପ୍ତର ଏବେ ଆହାର କେନ୍ଦ୍ର ପାଲଟିଗଲାଣି। ଯଦି କାହାର କିଛି ମାଗଣାରେ ଖାଇବାରେ ଅଛି ତେବେ ସଂସ୍କୃତି ବିଭାଗକୁ କହି ସଭା, ଆଲୋଚନାଚକ୍ର ଆଦି କରୁଛନ୍ତି। ସେଥିରେ ନିଜେ ଅତିଥି ବି ହେଉଛନ୍ତି। ନିଜ ଲୋକଙ୍କୁ ଡାକି ଆଣି ଶ୍ରୋତା, ବକ୍ତା କରୁଛନ୍ତି। ମୋଟାମୋଟି ଭାବେ ନିଜ ଚେଲାଚାମୁଣ୍ଡାଙ୍କ ସହିତ ସଭା ସମିତି କରୁଛନ୍ତି। ହେଲେ ସଭାରେ କ'ଣ ଖାଦ୍ୟ ପରସାଯିବ ତାହାର ମେନ୍ୟୁ ଆଗତୁରା ସଂସ୍କୃତି ବିଭାଗର ବାବୁଙ୍କ ଧରାଇ ଦେଉଛନ୍ତି। ସେମାନଙ୍କର ବି ନା' କରିବାର ଯୁ ନାହିଁ। କାରଣ ଏଠାରେ କେହି ବେଶିଦିନ ତିଷ୍ଠୁ ନାହାନ୍ତି। ସେଥିରେ ପୁଣି ଗେରୁଆ ବାବୁମାନଙ୍କୁ ଅସନ୍ତୁଷ୍ଟ କରିବାକୁ କିଏ କାହିଁକି ରାଜି ହେବ। ସରକାର କା ମାଲ୍ ନୀତିରେ ବରାଦ ଅନୁଯାୟୀ ଖାଦ୍ୟ ଯୋଗାଡ କରୁଛନ୍ତି। ପକେଟ ଗରମ ପାଇଁ ଆଉ କିଛି ଆଇଟମ ଯୋଡି ଦେଉଛନ୍ତି। ସଭା ପରେ ଖାନା ପିନା ଜମୁଛି। ନିୟମିତ ବ୍ୟବଧାନରେ ଏହା ଚାଲିଛି। ସଚିବାଳୟ ଠାରୁ ଟିକେ ଦୂରରେ ଦପ୍ତରଟି ଥିବାରୁ କାହାର ନଜର ପଡୁନାହିଁ। ହେଲେ ଖାନା ପିନା କଥା ତ ଲୁଚେ ନାହିଁ। ତେଣୁ ଭୋଜିରେ ଆପ୍ୟାୟିତ ହୋଇଥିବା କିଛି ବାବୁ ହାକୁଟି ମାରି କରୁଥିବା କରୁଥିବା ଆଲୋଚନା ଏବେ ଧିରେ ଧିରେ ଆଗକୁ ବଢିବାରେ ଲାଗିଛି। କେତେବେଳେ ଏହି ଦପ୍ତର ପରିସରରେ ଆହାର କେନ୍ଦ୍ରଟିଏ ଖୋଲିବ ତାହାକୁ ଅପେକ୍ଷା।

## ଥାନା ଛାଡିବାକୁ ପୁଲିସ୍ ବିକଳ




କଥାରେ ଅଛି ଚାକିରି କରିବ ପୁଲିସ୍, ମାଛ ଖାଇବ ଇଲିସି। ପୁଲିସ୍ ଭିତରେ ପୁଣି ଥାନା ଇନ୍ସପେକ୍ଟର ଚାକିରି ଭାରି ଟାଣୁଆ। ଜିଲ୍ଲାରେ ଏସ୍‌ପିଙ୍କ ପରେ ଯଦି ଆଉ କିଏ ଟାଣୁଆ ପୁଲିସ୍ ଥାନ୍ତି, ସିଏ ହେଉଛନ୍ତି ଥାନା ବାବୁ। ହେଲେ ଜଗତ୍‌ସିଂହପୁର ଜିଲ୍ଲାରେ ଏବେ ତିନି ତିନି ଜଣ ଇନ୍ସପେକ୍ଟର କୁଆଡେ ତାଙ୍କୁ ଥାନାରୁ ଅନ୍ୟତ୍ର ବଦଳି କରିଦେବାପାଇଁ ଗୁହାରି କରିଛନ୍ତି। ପୁରା ଜିଲ୍ଲାପାରି କରିବାକୁ ନେହୁରା ହୋଇଛନ୍ତି। କିଛି ନହେଲେ ପୁଲିସ୍ ତାଲିମ କେନ୍ଦ୍ର କିମ୍ବା ପୁଲିସ୍ ମୁଖ୍ୟାଳୟକୁ ବଦଳି କରିଦେଲେ ଚଳିବ ବୋଲି ବି କହିଛନ୍ତି। ତେବେ ଥାନା ବାବୁମାନଙ୍କ ଏମନ୍ତ ବୈରାଗ୍ୟ ସଂକ୍ରାନ୍ତରେ ଯାହାର ସୂଚନା ମିଳିଛି ତାହା ହେଲା ଅତ୍ୟଧିକ ରାଜନୈତିକ ଚାପ। ବିଶେଷକରି ବାଲିଟ୍ରକ ମାମଲାକୁ ନେଇ ତିର୍ତ୍ତୋଲ ଥାନାରେ ଯେଭଳି ଥାନାବାବୁମାନଙ୍କର ଯେଳଭି ରାତିଅଧିଆ ବଦଳି ହୋଇଛି ତାହା ଅନେକଙ୍କ ବନରେ ବୀତସ୍ପୃହତା ଆଣି ଦେଇଛି। ସେହିଭଳି ଜିଲ୍ଲାର ଆଉ କିଛି ଥାନାରେ ବି ରାଜନୈତି ଚାପ ପ୍ରବଳ। ସହଜେ ତ ଜିଲ୍ଲାରେ ବିଜେପିର ଦୁଇ କୁ ବିଜେଡିର ଦୁଇ। ଖାକି ବାବୁମାନେ କାହାକଥା ରଖିବେ କାହା କଥା ନରଖିବେ ଜାଣିପାରୁ ନାହାନ୍ତି। ତେଣୁ ମୂଲୁ ମାଇଲେ ଯିବ ସରି ନ୍ୟାୟରେ ଜିଲ୍ଲାରୁ ବଦଳି ହୋଇ ଯିବାକୁ ଗୁହାରି କରିଛନ୍ତି। ହେଲେ ଜିଲ୍ଲାରେ ଏବେ ଯେଉଁ ଅବସ୍ଥା ଅନୁରୋଧକାରୀ ଖାକି ବାବୁଙ୍କ ସ୍ଥାନରେ କାହାକୁ ଆଣି ବସାଯିବ ତାହାକୁ ନେଇ ଜିଲ୍ଲା ପୁଲିସ୍ ହାକିମ ବଡ ଚିନ୍ତାରେ ପଡିଛନ୍ତି।

## ଏଆଇ ବୁଦ୍ଧି କିଏ ଦେଲା ?




ସଚିବାଳୟ କର୍ମଚାରୀଙ୍କୁ ଏବେ ଏଆଇ ଭୂତ ଗୋଡାଇଛି। ଯେବେଠାରୁ ଖବର ବାହାରିଲାଣି ଯେ କର୍ମଚାରୀଙ୍କ ଯିବା ଆସିବା ସମୟକୁ ଗେଟ୍‌ରେ ଏଆଇ କ୍ୟାମେରା ଜଗିବ ସେବେଠାରୁ ଅନେକ ଖାଇବା ପିଇବା ଭୁଲିଗଲେଣି। ବହୁ କର୍ମଚାରୀ ଲାଗିପଡି ଖୋଜୁଛନ୍ତି ଏ ଏଆଇ ବୁଦ୍ଧି କିଏ ଦେଲା ? ତା କଥା ଆଗ ବୁଝିବେ। କାରଣ ଏଆଇ ଜଗିଲେ କଥା ସରିବ। ଆଉ ବିଳମ୍ବରେ ଆସି ସଅଳ ଯାଇ ହେବନାହିଁ। ହାଟ ସଉଦା, ପିଲାଙ୍କୁ ସ୍କୁଲ ଛାଡିବା, ସୁଧ ପଇସା ଆଦାୟ କରିବା, ଟେବୁଲରେ ଚଷମା ରଖି ଫିଲ୍ମ ଦେଖିବାକୁ ଯିବା ସବୁ କିଛି ବନ୍ଦ ହୋଇଯିବ। ପୂର୍ବରୁ ଏହାକୁ ଜଗିବାପାଇଁ ଟିପ ବ୍ୟବସ୍ଥା ହୋଇଥିଲା। ହେଲେ ଟିପ ବ୍ୟବସ୍ଥାକୁ ବାବୁମାନେ ଟିପମାରି ଉଡାଇ ଦେଇଥିଲେ। ସଅଳ ଆସି ଟିପ ମାରି ଫେରାର ହେଉଥିଲେ। ବିଳମ୍ବରେ ଆସି ଟିପ ଦେଇ ଘରକୁ ପଳାଉଥିଲେ। ଏବେ ଆଉ ତାହା ଚଳିବ ନାହିଁ। ଏଆଇ ବ୍ୟବସ୍ଥାରେ ଯିବା ଆସିବା ସମୟ କୁଆଡେ ଉପର ହାକିମକୁ ମୋବାଇଲକୁ ଛାଏଁ ଛାଏଁ ଯିବ। କେବଳ ବାବୁଙ୍କୁ ଏଆଇ ଚିନ୍ତା ଘାରି ନାହିଁ, କିଛି ବାବୁଆଣି ବି ଏହି ଚିନ୍ତାରେ ପଡିଛନ୍ତି। ପିଲାଙ୍କ କାମ, ପୂଜା ପାଠ, ଶାଢୀ କିଣା, ପାର୍ଲର ଯିବା ଆଉ ସହଜରେ ହୋଇପାରିବ ନାହିଁ ବୋଲି ଭାବିଲା ବେଳକୁ ସେମାନଙ୍କ ମୁଣ୍ଡ ଘୂରାଇ ଦେଉଛି।

# ହାଇଆଲର୍ଟରେ ନଗର ଉନ୍ନୟନ ବିଭାଗ

**ଭୁବନେଶ୍ୱର, ୧୫।୬ (ସଂଚାର ବ୍ୟୁରୋ) :** ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡାଇରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଏହାକୁ ନେଇ ହାଇ ଆଲର୍ଟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ। ତୁରନ୍ତ ପ୍ରତିଷେଧକ ଏବଂ ପ୍ରତିକ୍ରିୟା ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଏବଂ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ।



ସମ୍ବେଦନଶୀଳ ସହରାଞ୍ଚଳ ପ୍ରତି ବିଶେଷ ଧ୍ୟାନ ଦେଇ ସମସ୍ତ ଜଳ ଉତ୍ସଗୁଡ଼ିକର ପରିମଳ ଏବଂ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସତର୍କତା ଏବଂ ରିଅଲ ଟାଇମ ମନିଟରିଂ ବୃଦ୍ଧି କରିବାକୁ ପରାମର୍ଶ । ଜିଲ୍ଲା ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀମାନଙ୍କୁ ବାସ୍ତବ ସ୍ଥିତି ସହ ନିବିଡ଼ ଭାବେ ଜଡିତ ରହିବାକୁ ନିର୍ଦ୍ଦେଶ। ମାସ ରିପୋର୍ଟର କୌଣସି କ୍ଲଷ୍ଟର କିମ୍ବା ଢାଞ୍ଚାକୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ କହିଛନ୍ତି, "ପ୍ରତିରୋଧ ଗୁରୁତ୍ୱପୂର୍ଣ୍ଣ। ସମ୍ପ୍ରଦାୟର ସୁରକ୍ଷା ଏବଂ ଡାଇରିଆ ରୋଗ ପ୍ରସାରକୁ ରୋକିବା ପାଇଁ ଆମକୁ ଶୀଘ୍ର କାର୍ଯ୍ୟ କରିବାକୁ ପଡିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ଭାଗିଦାରୀରେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ପଡିବ ।"

# ଏଥର ରାଜ୍ୟରେ ସ୍ୱାଭାବିକଠୁ ଅଧିକ ହେବ ବର୍ଷା

**ଭୁବନେଶ୍ୱର, ୧୫।୬ (ସଂଚାର ବ୍ୟୁରୋ) :** ରାଜ୍ୟରେ ମୌସୁମୀ ପାଗ ଅନୁକୂଳ ରହିଛି । ଚାଷୀମାନଙ୍କ ପାଇଁ ବେସ ଖୁସିର ଖବର । ଦୁଇରୁ ତିନି ମଧ୍ୟରେ ରାଜ୍ୟରେ ମୌସୁମୀ ବାୟୁ ସକ୍ରିୟ ହେବ । ଯାହାଫଳରେ ଆଗାମୀ ୪୮ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବ ବୋଲି ଆକଳନ କରିଛି ପାଣିପାଗ ବିଭାଗ । ଏହାସହ ଏଥର ରାଜ୍ୟରେ ସ୍ୱାଭାବିକଠୁ ଅଧିକ ବର୍ଷା ହେବ ବୋଲି ଭରତୀୟ ପାଣିପାଗ ବିଭାଗର ନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ର ପୂର୍ବାନୁମାନ କରିଛନ୍ତି ।



ଡଃ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି," ଚଳିତ ଥର ସଅଳ ଆସିଥିବା ମୌସୁମୀ ଏବେ ସକ୍ରିୟ ହୋଇଛି । ଦେଶର ବିଭିନ୍ନ ରାଜ୍ୟ ଅତିକ୍ରମ କରି ଓଡ଼ିଶା ମଧ୍ୟ ପ୍ରବେଶ କରିଥିବା ବେଳେ ବିଭିନ୍ନ ପ୍ରାନ୍ତକୁ ମୌସୁମୀ ଛୁଇଁଛି । ତେଣୁ ଆଗାମୀ ଦୁଇ ଦିନ ମଧ୍ୟରେ ଅଗ୍ରସର ହେବ ମୌସୁନୀ ବାୟୁ ।ଏପରିକି ବାୟୁମଣ୍ଡଳରେ ଏକ ଘୂର୍ଣ୍ଣିବାୟୁ କ୍ଷେତ୍ର ସୃଷ୍ଟି ହୋଇଥିବାରୁ ବର୍ଷାର ପରିମାଣ ବଢ଼ିବ । ଦକ୍ଷିଣ ଓଡ଼ିଶାରେ ମୌସୁମୀ ସକ୍ରିୟ ଅଛି , ଆଗକୁ ଅହୁରି ପ୍ରଭାବ ଦେଖିବାକୁ ମିଳିବ। ଲଘୁଚାପ କ୍ଷେତ୍ର ସୃଷ୍ଟି ଫଳରେ ଯାହାର ପ୍ରଭାବରେ ମୌସୁମୀ ସକ୍ରିୟ ହେବ । ମୌସୁମୀ ଋତୁରେ ଯେତିକି ବର୍ଷା ହୁଏ ଚଳିତ ବର୍ଷ ଓଡିଶାରେ ତାଠୁ ଅଧିକ ବର୍ଷା ହେବ । ଅର୍ଥାତ୍ ସ୍ୱଳ୍ପ ବୃଷ୍ଟାପାତ ନୁହେଁ ସ୍ୱାଭାବିକଠୁ ଅଧିକ ବର୍ଷ ହୋଇପାରେ। ଯାହାକି ଚାଷ ଓ ଚାଷୀ ଭାଇମାନଙ୍କ ପାଇଁ ପୁରା ଅନୁକୂଳ ପାଗ ରହିବ । ଫଳରେ ଚାଷର କାର୍ଯ୍ଯ ସଠିକ ଭାବେ କରିବା ପାଇଁ ଆବଶ୍ୟକୀୟ ବୃଷ୍ଟିପାତ ବିଶେଷ କରି ଜୁନରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଲାଗି ରହିବ ।"

ସେ ଆହୁରି ମଧ୍ୟ କହିଛନ୍ତି, "ପାଗ ପୁରା ଅନୁଗୁଳ ରହିଛି । ଆଗାମୀ ସାତ ଦିନ ପାଇଁ ମୌସୁମୀ ଜନିତ ବର୍ଷା ଜାରି ରହିବ , ୪୮ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ ଅଧିକାଂଶ ସ୍ଥାନରେ ମୌସୁମୀ ଜନିତ ବର୍ଷା ଆରମ୍ଭ ହେବ । କିଛି କିଛି ସ୍ଥାନରେ ବିଜୁଳି ଘଡଘଡି ସହ ପବନର ବେଗ ମଧ୍ୟ ୩୦ରୁ ୪୦ କିମି ପର୍ଯ୍ୟନ୍ତ ରହିବ। ଯଦି ଦେଖିବା ଆଗାମୀ ୨୪ଘଣ୍ଟା ପର୍ଯ୍ୟନ୍ତ ଦେକ୍ଷିଣ ଓଡିଶା ଓ ଉପକୂଳ ଓଡ଼ିଶାରେ ହାଲୁକା ଓ ମଧ୍ୟମ ଧରଣର ବର୍ଷା ସହିତ ବିଜୁ ଘଡଘଡି ଜାରି ରହିବ। ସେହିପରି ଉତ୍ତର ଓଡ଼ିଶାରେ ମଧ୍ୟ ଗୋଟିଏ କିମ୍ବା ଦୁଇଟା ସ୍ଥାନରେ ବର୍ଷା ଜାରି ରହିବ ।ଗୋଟେ କିମ୍ବା ଦୁଇଟା ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି । ସେଗୁଡ଼ିକ ହେଲା ମୟୂରଭଞ୍ଜ , କେନ୍ଦୁଝର, ଗଜପତି, ବାଲେଶ୍ୱର, ରାୟଗଡ଼ା, କୋରାପୁଟ, ମାଲକାନଗିରି, କଳାହାଣ୍ଡିରେ ଜାରି ରହିବ । "

## ଆଜିଠୁ ବଢ଼ିବ ବର୍ଷାର ପରିମାଣ: ୧୮ରୁ ୨୦ ସବୁ ଜିଲାରେ ବର୍ଷା

**ଭୁବନେଶ୍ୱର, ୧୫।୬ (ସଂଚାର ବ୍ୟୁରୋ) :** ତୁହାକୁ ତୁହା ଭିଜିବ ଓଡ଼ିଶା । ଆଜିଠୁ ବଢ଼ିବ ମୌସୁମୀ ଜନିତ ବର୍ଷାର ପରିମାଣ। ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ରହିଛି। ତେବେ ୧୮ ତାରିଖ ବେଳକୁ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହି ଘୂର୍ଣ୍ଣିବଳୟ ମସୁମୀକୁ ସକ୍ରିୟ କରିବାରେ ସହାୟତା କରିବ । ଫଳରେ ବର୍ଷାରୁ ନିସ୍ତାର ନାହିଁ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

୨୦ ତାରିଖ ଯାଏ ରାଜ୍ୟରେ ମେଘୁଆ ପାଗ ସହ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହେବ । ଆଜି ମଧ୍ୟ ନବରଙ୍ଗପୁର,କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସତର୍କତା ଜାରି କରାଯାଇଛି । ଫଳରେ ତାପମାତ୍ର ଦୁଇରୁ ତିନି ଡିଗ୍ରୀ କମିବ ବୋଲି କହିଛି ପାଣିପାଗ କେନ୍ଦ୍ର ।

## ଦୁର୍ଘଟଣାରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀ-ଝିଅ ଆହତ



**ଅନୁଗୋଳ, ୧୫।୬ (ସଂଚାର ବ୍ୟୁରୋ) :** ଅନୁଗୋଳ ଜିଲ୍ଲା ୫୫ନମ୍ବର ଜାତୀୟ ରାଜପଥ ହଣ୍ଡପା ନିକଟରେ ଦୁର୍ଘଟଣାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ସ୍ତ୍ରୀ ଓ ଝିଅ ଆହତ ହୋଇଛନ୍ତି । ସେମାନଙ୍କୁ ଅନୁଗୋଳରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ସ୍ତ୍ରୀ ଉର୍ମିଳା ବିଶ୍ୱାଳ,ଝିଅ ଅମିତା ବିଶ୍ୱାଳ ଓ ନାତୁଣୀ ଏକ କାରରେ ଝାରସୁଗୁଡାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ଏହି ସମୟରେ ଆଗରେ ଯାଉଥିବା ଏକ କାର କୌଣସି କାରଣ ବଶତଃ ହଠାତ ବ୍ରେକ ଦେବାରୁ ପଛ କାର ତାକୁ ଧକ୍କା ଦେଇଥିଲା । ଫଳରେ କାରରେ ଥିବା ଉର୍ମିଳା ବିଶ୍ୱାଳ ଓ ତାଙ୍କ ଝିଅ ଅମିତା ଆହତ ହୋଇ ଅନୁଗୋଳ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ସେମାନେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତରିତ କରାଯାଇଛି।

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବ

# ପ୍ରାଚୀନ ଖାଦ୍ୟର ସ୍ୱାଦକୁ ପୁନର୍ଜୀବିତ କରିଛି



**ଭୁବନେଶ୍ୱର, ୧୫।୬(ସଂଚାର ବ୍ୟୁରୋ):** ଚଳିତ ରଜ ପର୍ବ କେବଳ ପାରମ୍ପରିକ ରୀତି-ନୀତିର ପାଳନ ନୁହେଁ, ବରଂ ଏକ ଗଭୀର ସାଂସ୍କୃତିକ ପୁନର୍ଜାଗରଣର ପ୍ରତୀକ। ସମ୍ପ୍ରତି ଭୁବନେଶ୍ୱରର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ବିକାଶ ମେଳାରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଦ୍ୱାରା ପରିବେଷିତ ଖାଦ୍ୟ ଓଡ଼ିଶାର ସମୃଦ୍ଧ ପାକକଳାର ପରମ୍ପରାକୁ ପୁନର୍ଜୀବିତ କରିଛି।୧୧ରୁ ଜୁନ ୧୮ ପର୍ଯ୍ୟନ୍ତ ଚାଲୁଥିବା ଏହି ଉତ୍ସବରେ ୨୬ଟି ଷ୍ଟଲ ମାଧ୍ୟମରେ ଗ୍ରାମ୍ୟ ଓ ପାରମ୍ପରିକ ଓଡ଼ିଆ ଖାଦ୍ୟର ସ୍ୱାଦ ପ୍ରଦାନ କରାଯାଇଛି, ଯାହା ପରିଦର୍ଶକଙ୍କୁ ଏକ ଅନନ୍ୟ ଅନୁଭୂତି ପ୍ରଦାନ କରିଅଛି । ଜୁନ ୧୫ ତାରିଖ ସୁଦ୍ଧା ୧୫ ଲକ୍ଷ ଟଙ୍କାରୁ ଅଧିକର ବ୍ୟବସାୟ ଏହି ପ୍ରାଚୀନ ଖାଦ୍ୟ ପରମ୍ପରା ପ୍ରତି ଲୋକଙ୍କ ଗଭୀର ଆଗ୍ରହକୁ ପ୍ରତିଫଳିତ କରୁଛି। ଏହି ଉତ୍ସବ କେବଳ ଖାଦ୍ୟର ମହୋତ୍ସବ ନୁହେଁ, ବରଂ ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ମହିଳା ସଶକ୍ତିକରଣର ଏକ ଜୀବନ୍ତ ପ୍ରଦର୍ଶନୀ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ତଥା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉପସ୍ଥିତିରେ ଏହି ଶୁଭାରମ୍ଭ ହୋଇଥିଲା। ରାଜଧାନୀବାସୀଙ୍କ ସହିତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପର୍ଯ୍ୟଟକ, ଦର୍ଶକ ଏବଂ ପରିବାରଗୁଡ଼ିକ ଏଠାରେ ପ୍ରଦର୍ଶିତ ସ୍ୱାଦିଷ୍ଟ ଓ ପାରମ୍ପରିକ ଖାଦ୍ୟର ସ୍ୱାଦର ମଜା ଉଠାଉଛନ୍ତି ।ଲାଇଭ୍ ପିଠା କାଉଣ୍ଟରରେ ଗରମ ଚକୁଳି, ଖିରି ଓ ସ୍ୱାଦିଷ୍ଟ ଦୋସା ସାଙ୍ଗକୁ ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ଚଟଣି ମଧ୍ୟ ପରିବେଷିତ ହେଉଛି। ପଖାଳ, ବିରି ଚକୁଳି, ସିଝା ପିଠା ଭଳି ବିସ୍ମୃତ ପ୍ରାୟ ଖାଦ୍ୟ ସହ ମୁଢ଼ି ମାଂସ, ଚାଉଳ ବରା, ପତ୍ରପୋଡ଼ା ଓ ମାଛ ଆମ୍ବିଳ ବେଶ୍ ଲୋକପ୍ରିୟତା ହାସଲ କରିଛି । ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ ଦିଗରେ ପ୍ରତିବଦ୍ଧତା ଅନୁଯାୟୀ, ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବ ଏକ ଶକ୍ତିଶାଳୀ ଅର୍ଥନୈତିକ ମଞ୍ଚ ଭାବେ ମଧ୍ୟ ଉଭା ହୋଇଛି। ମିଲେଟ୍-ଆଧାରିତ କୁକିଜ୍, ଫ୍ୟୁଜନ୍ ବେକଡ୍ ଖାଦ୍ୟ ଓ ସ୍ୱାସ୍ଥ୍ୟକର ପାନୀୟ ଆଦି ସ୍ୱାସ୍ଥ୍ୟ ସଚେତନ ପରିଦର୍ଶକ ଓ ଯୁବାଙ୍କୁ ସମାନ ଭାବେ ଆକର୍ଷିତ କରୁଛି।

## ଯୌତୁକ ପାଇଁ ଗର୍ଭବତୀ ମହିଳାଙ୍କୁ ହତ୍ୟା, ବନ୍ଧା ହେଲେ ସ୍ୱାମୀ

**ତିହିଡି, ୧୫।୬ (ସଂଚାର ବ୍ୟୁରୋ) :** ଭଦ୍ରକ ଜିଲା ତିହିଡି ଥାନା ଅଧୀନ ତାଳପଦା ଗ୍ରାମରେ ଶନିବାର ରାତିରେ ମୋନାଲିସା ଜେନା ନାମ୍ନୀ ଜଣେ ମହିଳାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ତିହିଡି ପୋଲିସ ଏହି ଘଟଣାରେ ଏକ ମକଦ୍ଦମା ରୁଜୁକରି ସ୍ୱାମୀ ଶଙ୍କର୍ଷଣ ଜେନାକୁ ଗିରଫ କରିଛି। ମୋନାଲିସାଙ୍କ ବାପା ତାଳପଦା ଗ୍ରାମର ପଞ୍ଚାନନ ଜେନା ଅଭିଯୋଗରେ ଦର୍ଶାଇଛନ୍ତି ଯେ ତାଙ୍କ ଗ୍ରାମର ଟେରା ଜେନାଙ୍କ ପୁଅ ଶଙ୍କର୍ଷଣ ୫ବର୍ଷ ପୂର୍ବେ ତାଙ୍କ ଝିଅକୁ ବିବାହ କରିଥିଲେ। ବିବାହ ପରେ ଅଧିକ ଯୌତୁକ ଦାବି କରି ମୋନାଲିସାଙ୍କୁ ତାଙ୍କ ସ୍ୱାମୀ ଓ ଶାଶୁଘର ଲୋକେ ନିର୍ଯାତନା ଦେଉଥିଲେ। ମୋନାଲିସା ଗର୍ଭବତୀ ଥିବା ବେଳେ ଶନିବାର ରାତିରେ ଶଙ୍କର୍ଷଣ ଓ ଅନ୍ୟମାନେ ତାଙ୍କୁ ମାଡ଼ ମାରିବା ସହ ଗର୍ଭ ନଷ୍ଟ କରିବା ଉଦ୍ଦେଶ୍ୟରେ ପେଟକୁ ଗୋଇଠା ମାରିଥିଲେ। ଗୁରୁତର ଅବସ୍ଥାରେ ମୋନାଲିସାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ଓ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# 'ଜୁଲାଇ ୬ ସୁଦ୍ଧା ରତ୍ନଭଣ୍ଡାର କାମ ଶେଷ କର'

**ପୁରୀ,, ୧୫।୬ (ସଂଚାର ବ୍ୟୁରୋ) :** ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ମହାନିର୍ଦ୍ଦେଶକଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢୀ ପତ୍ର ଲେଖିଛନ୍ତି। ଆଗାମୀ ରଥଯାତ୍ରା ସମୟରେ ମିଳିବାକୁ ଥିବା ଅବଧି ଜୁନ୍ ୨୮ରୁ ଜୁଲାଇ ୬ ମଧ୍ୟରେ ବାକି ଥିବା ରତ୍ନଭଣ୍ଡାର କାମ ତ୍ୱରାନ୍ୱିତ କରି ଶୀଘ୍ର ସମାପନ କରିବା ପାଇଁ ଚିଠିରେ ମୁଖ୍ୟ ପ୍ରଶାସକ ଉଲ୍ଲେଖ କରିଛନ୍ତି। ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗୁରୁତ୍ୱ ଦୃଷ୍ଟିରୁ ଏହି କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ହାତକୁ ନେବାକୁ ଡ. ପାଢୀ ଏଏସ୍ଆଇକୁ ଅନୁରୋଧ କରିଛନ୍ତି। ସେହିପରି ରଥଯାତ୍ରା ସମୟରେ କରାଯାଉଥିବା ଗର୍ଭଗୃହ ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ କାର୍ଯ୍ୟର ତଦାରଖ ଏଏସ୍ଆଇ ଉପମହାନିର୍ଦ୍ଦେଶକ କିମ୍ବା ନିର୍ଦ୍ଦେଶକ ପଦବୀର ଅଧିକାରୀଙ୍କ ଦ୍ୱାରା କରାଯିବାକୁ ମୁଖ୍ୟ ପ୍ରଶାସକ ଜଣାଇଛନ୍ତି।



ଅରୁଣସ୍ତମ୍ଭ ନିକଟରେ ଖଣ୍ଡୋଲାଇଟ୍ ପଥର ବଦଳ ଏବଂ ଅଦ୍ୟାବଧି ରତ୍ନଭଣ୍ଡାରର ସଂରକ୍ଷଣ ଆଦି କାର୍ଯ୍ୟ ପାଇଁ ଏଏସ୍ଆଇକୁ ଧନ୍ୟବାଦ ଜ୍ଞାପନ କରିବା ସହ ମୁଖ୍ୟ ପ୍ରଶାସକ ୩ଟି ବିନ୍ଦୁ ଉପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଆକର୍ଷଣ କରିଛନ୍ତି। ଯଥା-ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ, ଶ୍ରୀମନ୍ଦିର ଉତ୍ତରଦ୍ୱାରଠାରେ ର୍‌ୟାମ୍ପ ନିର୍ମାଣ ଏଏସ୍ଆଇ ପରାମର୍ଶ ତଥା ମାର୍ଗଦର୍ଶନରେ ଶେଷ ହୋଇଛି। ଏଏସ୍ଆଇ ନିର୍ଦ୍ଦେଶକ (ସଂରକ୍ଷଣ) ଙ୍କ ଅନୁଧ୍ୟାନ ପରେ ନାଟମଣ୍ଡପକୁ ବାତାନୁକୂଳିତ କରାଯିବା ନେଇ ପରିବର୍ତ୍ତିତ ଡିଜାଇନ ଦାଖଲ କରାଯିବା ସହ ଏଏସ୍ଆଇର ସହମତି ପ୍ରଦାନ ପାଇଁ ଅନୁରୋଧ କରାଯାଇଛି। ଶ୍ରୀମନ୍ଦିର ଓ ବେଢାରେ ଥିବା ପାର୍ଶ୍ୱମନ୍ଦିରଗୁଡ଼ିକର ସୁନ୍ଦର ଭାବେ ଆଲୋକୀକରଣ ସକାଶେ ଏଏସ୍ଆଇ ପରାମର୍ଶଦାତାଙ୍କ ସହ ଆଲୋଚନା ହୋଇଛି। ବିସ୍ତୃତ ରିପୋର୍ଟ ପାଇବା ପରେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଦର୍ଶାଯାଇଛି। ଶ୍ରୀମନ୍ଦିରର ଦୀର୍ଘମିଆଦି ସଂରକ୍ଷଣ ତଥା ସ୍ଥାପତ୍ୟ ସୁରକ୍ଷା ପାଇଁ ଏଏସ୍ଆଇର ସହଯୋଗ କାମନା କରିବା ସହ ଅନୁରୋଧ କରାଯାଇଥିବା ସହ ସମସ୍ତ କାର୍ଯ୍ୟ ଗୁରୁତ୍ୱକୁ ଉପଲବ୍ଧି କରି ଧାର୍ଯ୍ୟ ସମୟସୀମା ଭିତରେ ସାରିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି। ଏନେଇ ଡ. ପାଢୀ ସୂଚନା ଦେଇ କହିଛନ୍ତି ଯେ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଏସ୍ଆଇକୁ ଯେଉଁ ପତ୍ର ଲେଖାଯାଇଛି, ସେଥିରେ ସ୍ପଷ୍ଟ ଭାବେ କୁହାଯାଇଛି କି ରଥଯାତ୍ରା ପରଦିନ ଅର୍ଥାତ ୨୮ ତାରିଖଠାରୁ ଜୁଲାଇ ୬ ପର୍ଯ୍ୟନ୍ତ ସମୟ ମିଳୁଛି। ତେଣୁ ଏହି କମ୍ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ସମସ୍ତ ଜିନିଷ ଓ କାରିଗର ଆଗୁଆ ରଖିବା ସହ କାର୍ଯ୍ୟ କରିବେ। ମୁଖ୍ୟତଃ ଭିତର ରତ୍ନଭଣ୍ଡାର କାର୍ଯ୍ୟ ଶେଷ ହୋଇଛି, ଖାଲି ଚଟାଣ ପଡ଼ିବ। ବାହାର ରତ୍ନଭଣ୍ଡାର ଯାହା କାର୍ଯ୍ୟ ବାକି ଅଛି, ତୁରନ୍ତ ମରାମତି ଓ ସଂରକ୍ଷଣ କରିବାକୁ କୁହାଯାଇଛି। ସେହିପରି ଶ୍ରୀମନ୍ଦିର ମୁଖ୍ୟ ମନ୍ଦିର ସହ ପାର୍ଶ୍ୱଦେବଦେବୀ ମନ୍ଦିରର ଆଲୋକୀକରଣ କରିବାକୁ ପ୍ରସ୍ତାବ ଦିଆଯାଇଛି। ବର୍ତ୍ତମାନ ଯେଉଁ ଫ୍ଲଡ୍‌ଲାଇଟ ସାହାଯ୍ୟରେ ଆଲୋକୀକରଣ କରାଯାଉଛି, ତାହାର ଆହୁରି ଅଧିକ ଉନ୍ନତୀକରଣ କରାଯିବ। ଫଳରେ ବହୁ ଦୂରରୁ ଶ୍ରୀମନ୍ଦିର ଅଧିକ ଆକର୍ଷଣୀୟ ଓ ସୁନ୍ଦର ଦେଖାଯିବ। ତେଣୁ କାର୍ଯ୍ୟ କରିବାକୁ କୁହାଯାଇଛି। ସେହିପରି ନାଟମଣ୍ଡପରେ ଏସି ବ୍ୟବସ୍ଥା ନେଇ ଯେଉଁ କାର୍ଯ୍ୟ କରାଯିବ, ସେ ନେଇ ତାଙ୍କଠାରୁ ଅନୁମତି ପାଇଁ କୁହାଯାଇଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଅଶୋଧିତ ତେଲ ଦରରେ ନିଆଁ

## ସରକାରୀ ତେଲ କମ୍ପାନିଙ୍କ ବୋଝ ବଢ଼ିବ

## ପେଟ୍ରୋଲ, ଡିଜେଲ ସହ ଖାଦ୍ୟ ଦାମ ବଢ଼ିପାରେ



**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୫।୬:** ଇରାନ-ଇସ୍ରାଏଲ ମଧ୍ୟରେ ସାମରିକ ଉତ୍ତେଜନା ବୃଦ୍ଧି ପାଇବା କାରଣରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦରରେ ହଠାତ୍ ନିଆଁ ଲାଗିଯାଇଛି। ଶୁକ୍ରବାର ଅଶୋଧିତ ତେଲ (ବ୍ରେଣ୍ଟ୍ କ୍ରୁଡ୍) ଦର କାରବାରର କିଛି ସମୟ ମଧ୍ୟରେ ୧୦ ପ୍ରତିଶତ ବଢ଼ିଯାଇଥିଲା। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଦରରେ କିଛିଟା ହ୍ରାସ ଘଟି ବ୍ୟାରେଲ୍ ପିଛା ଦର ୭୪.୨୩ ଡଲାରରେ ରହିଛି। ଗୁରୁବାରର ଦର ତୁଳନାରେ ଏହା ୭ ପ୍ରତିଶତ ଅଧିକ। ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଉତ୍ତେଜନା ଆଗାମୀ ଦିନରେ ଅଶୋଧିତ ତେଲ ଯୋଗାଣକୁ ଅଧିକ ମାତ୍ରାରେ ପ୍ରଭାବିତ କରିବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। କ୍ୟାପିଟାଲ୍ ଇକୋନୋମିକ୍ସର ବିଶ୍ଳେଷକଙ୍କ କହିବାନୁଯାୟୀ, ଯଦି ଇରାନର ତୈଳ ଉତ୍ପାଦନ ଏବଂ ରପ୍ତାନି ସୁବିଧାଗୁଡ଼ିକ ଉପରେ ଇସ୍ରାଏଲ ଆକ୍ରମଣ କରେ, ତା'ହେଲେ ଏହାର ଦର ୮୦ରୁ ୧୦୦ ଡଲାରରେ ପହଞ୍ଚି ଯାଇପାରେ। ଜେପି ମର୍ଗାନ୍ ପକ୍ଷରୁ କିନ୍ତୁ ସତର୍କ କରାଇ ଦିଆଯାଇଛି ଯେ ଅଶୋଧିତ ତେଲ ଦର ବ୍ୟାରେଲ୍ ପିଛା ୧୨୦ ଡଲାରରେ ପହଞ୍ଚିପାରେ। ଭାରତ ଭଳି ଦେଶ ପାଇଁ ଏହା ମୁଣ୍ଡବିନ୍ଧାର କାରଣ ପାଲଟିଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ମଧ୍ୟପ୍ରାଚ୍ୟରେ ଯଦି ଉତ୍ତେଜନା ଅଧିକ ଘନୀଭୂତ ହୁଏ, ତା'ହେଲେ ଇରାନ ହୋର୍ମୁଜ୍ ପ୍ରଣାଳୀରେ ତୈଳ ଯୋଗାଣ ଭିତ୍ତିଭୂମିକୁ ଆକ୍ରମଣ କରି ବିଶ୍ୱ ତୈଳ ବଜାରରେ ବଡ଼ଧରଣର ଅସ୍ଥିରତା ସୃଷ୍ଟି କରି ଦେଇପାରେ। ବିଶ୍ୱର ପାଖାପାଖି ଏକ ପଞ୍ଚମାଂଶ ଅଶୋଧିତ ତେଲ ରପ୍ତାନି ଏହି ମାର୍ଗ ଦେଇ ହୋଇଥାଏ। ଏହି ପ୍ରଣାଳୀର ଉତ୍ତରରେ ଇରାନ ଥିବାବେଳେ ଦକ୍ଷିଣରେ ଓମାନ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ରହିଛି। ଉପସାଗରୀୟ ଅଞ୍ଚଳକୁ ଆରବ ସାଗର ସହିତ ଏହି ପ୍ରଣାଳୀ ଜରିଆରେ ଜଳମାର୍ଗରେ ସଂଯୋଗ ସ୍ଥାପନ ହୋଇଥାଏ। ଭାରତ ଏହାର ମୋଟ ଅଶୋଧିତ ତେଲ ଆବଶ୍ୟକତାର ୮୦ ପ୍ରତିଶତରୁ ଅଧିକ ଆମଦାନୀ ମାଧ୍ୟମରେ ପୂରଣ କରିଥାଏ। ତେଣୁ ଦର ବଢ଼ିଲେ ଭାରତକୁ ଅଧିକ ବିଦେଶୀ ମୁଦ୍ରା ଏ ବାବଦରେ ବିନିଯୋଗ କରିବାକୁ ପଡ଼ିବ। ଏଥିସହିତ ଅଶୋଧିତ ତେଲ ଦର ବଢ଼ିଲେ ପେଟ୍ରୋଲ, ଡିଜେଲଠାରୁ ଆରମ୍ଭ କରି ବିଭିନ୍ନ ଖାଦ୍ୟସାମଗ୍ରୀର ଦର ମଧ୍ୟ ବଢ଼ିଯିବ।

ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି ଯେ ଭାରତରେ ପର୍ଯ୍ୟାପ୍ତ ମାତ୍ରାର ଅଶୋଧିତ ତେଲ ମହଜୁଦ ଅଛି। ଏହା ସତ୍ତ୍ୱେ ବିଶେଷଜ୍ଞଙ୍କ କହିବାନୁଯାୟୀ, ଉତ୍ତେଜନା ଲାଗି ରହିବା କାରଣରୁ ଅନ୍ତର୍ଜାତୀୟ ବଜାରରେ ଦର ଅଧିକ ଦିନ ଧରି ଉଚ୍ଚସ୍ତରରେ ରହିଲେ ଭାରତୀୟ ତୈଳ କମ୍ପାନିଗୁଡ଼ିକର ଆମଦାନୀ ଖର୍ଚ୍ଚ ବଢ଼ିଯିବ। ସେମାନଙ୍କୁ ଉଭୟ ବୀମା ଏବଂ ପରିବହନ ବାବଦରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। ଅଶୋଧିତ ତେଲ ଦର ବ୍ୟାରେଲ୍ ପିଛା ୧୦୦ ଡଲାରରେ ପହଞ୍ଚିବା ଯାଏଁ ଭାରତରେ ସରକାରୀ ତେଲ କମ୍ପାନିଗୁଡ଼ିକ ଖାଉଟିଙ୍କ ଉପରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଲଦି ନପାରନ୍ତି। କିନ୍ତୁ ଏହା ଉପରକୁ ଅଶୋଧିତ ତେଲ ଗଲେ ଦେଶରେ ପେଟ୍ରୋଲ, ଡିଜେଲ ଦର ବଢ଼ିବା ଆଶଙ୍କା ରହିଛି ବୋଲି ଓଡ଼ିଶା ପେଟ୍ରୋଲିୟମ ଡିଲର ସଂଘର ସାଧାରଣ ସଂପାଦକ ସଞ୍ଜୟ ଲାଠ କହିଛନ୍ତି।




## ଗୃହ ଋଣ ସୁଧ କମାଇଲା ଏସ୍‌ବିଆଇ

ନୂଆଦିଲ୍ଲୀ, ୧୫।୬: ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ଗୃହ ଋଣ ସୁଧ ହାର ହ୍ରାସ କରାଯାଇଛି। ରିଜର୍ଭ ବ୍ୟାଙ୍କ ରେପୋ ହାର ୦.୫୦ ପ୍ରତିଶତ ହ୍ରାସ କରିବା ପରେ ଦେଶର ସର୍ବବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏଭଳି ନିଷ୍ପତ୍ତି ନେଇଛି। ଏସ୍‌ବିଆଇ ଏହାର ବାହ୍ୟ ବେଞ୍ଚମାର୍କ ଋଣ ହାର (ଇବିଏଲ୍‌ଆର୍) ଏବଂ ଗୃହ ଋଣ ସୁଧ କମାଇଛି। ପୂର୍ବରୁ ଇବିଏଲ୍‌ଆର୍ ୮.୬୫ ପ୍ରତିଶତ ଥିବାବେଳେ ଏବେ ଏହା ୮.୧୫ ପ୍ରତିଶତକୁ କମିଛି। ଏସ୍‌ବିଆଇର ୱେବସାଇଟ୍‌ରୁ ଜଣାଯାଇଛି ଯେ ଇବିଏଲ୍‌ଆର୍ ସହ ଜଡ଼ିତ ଗୃହ ଋଣ ସୁଧ ହାର ୭.୭ ପ୍ରତିଶତରୁ ୮.୪୫ ପ୍ରତିଶତ ମଧ୍ୟରେ ରହିବ। ଗ୍ରାହକଙ୍କ କ୍ରେଡିଟ୍ ସ୍କୋର ଉପରେ ସୁଧ ହାର ନିର୍ଦ୍ଧାରଣ ହେବ। ଏଥିସହିତ ବ୍ୟାଙ୍କ ଏହାର ସ୍ୱତନ୍ତ୍ର ଜମା ଯୋଜନା (୪୪୪ ଦିନିଆ) ଉପରେ ସୁଧ ହାର ୦.୨୫ ପ୍ରତିଶତ କମାଇ ୬.୬୦ ପ୍ରତିଶତରେ ରଖିଛି। ଜୁନ ୧୫ରୁ ଏହା ଲାଗୁ ହେବ ବୋଲି ଜଣାଯାଇଛି।

## କମ ମୂଲ୍ୟରେ ସ୍କର୍ପିଓ ଏନ-ର ଅଟୋମେଟିକ ଭର୍ସନ ଆଣିବ ମହିନ୍ଦ୍ରା

ନୂଆଦିଲ୍ଲୀ, ୧୫।୬: ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ଏକ ଖୁସି ଖବର ଆସିଛି। କମ୍ପାନୀ ଏବେ ଏହାର ସବୁଠାରୁ ଲୋକପ୍ରିୟ ଏସୟୁଭି ସ୍କର୍ପିଓ ଏନକୁ ଆହୁରି ସୁଲଭ ରୂପରେ ଆଣିଛି। ଏବେ ଖୁବ୍ ଶୀଘ୍ର କମ୍ପାନୀ ସ୍କର୍ପିଓ ଏନର କିଛି ଭାରିଆଣ୍ଟରେ ସ୍ୱୟଂଚାଳିତ ଗିଅରବକ୍ସ ଆଣିବାକୁ ପ୍ରସ୍ତୁତ ହେଉଛି। ଏପରି ପରିସ୍ଥିତିରେ, ସୁଲଭ ହେବା ଯୋଗୁଁ, ଗ୍ରାହକମାନଙ୍କ ପାଇଁ ଏହି ଏସୟୁଭି କିଣିବା ଆହୁରି ସହଜ ହେବ। ଏହା ଏକ ପୂର୍ଣ୍ଣ ଆକାରର ଏସୟୁଭି ଏବଂ ସୁରକ୍ଷା ଦୃଷ୍ଟିରୁ ୫ ଷ୍ଟାର ରେଟିଂ ମଧ୍ୟ ପାଇଛି। ସୂତ୍ର ଏବଂ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ସ୍କର୍ପିଓ ଏନର ଜେଡ୪ ଭାରିଆଣ୍ଟରେ ଖୁବ୍ ଶୀଘ୍ର ସ୍ୱୟଂଚାଳିତ ଗିଅରବକ୍ସର ସୁବିଧା ଆସିବ। ଏହା ଦ୍ୱାରା, ଏହି ଯାନ କେବଳ ସୁଲଭ ହେବ ନାହିଁ ବରଂ ଗ୍ରାହକମାନଙ୍କ ପାଇଁ ଏକ ଭଲ ବିକଳ୍ପ ମଧ୍ୟ ରହିବ। ଅନ୍ୟପକ୍ଷରେ, ବଜାରରେ ସମାନ ସେଗମେଣ୍ଟର ଏସୟୁଭି ସହିତ ଏହାର ପ୍ରତିଯୋଗିତା ଆହୁରି ଦୃଢ଼ ହେବ। ନୂତନ ମଡେଲକୁ ଆଗାମୀ କିଛି ସପ୍ତାହ ମଧ୍ୟରେ ଲଞ୍ଚ କରାଯାଇପାରେ। ସୁରକ୍ଷା ପାଇଁ, ନୂତନ ମଡେଲରେ ଏବିଏସ ସହ ଇବିଡ଼ି, ୬ଟି ଏୟାରବ୍ୟାଗ୍, ହିଲ୍ ଆସିଷ୍ଟ, ୩ ପଏଣ୍ଟ ସିଟ୍ ବେଲ୍ଟ ଏବଂ ସମସ୍ତ ଟାୟାରରେ ଡିସ୍କ ବ୍ରେକ୍ ରହିବ। ବର୍ତ୍ତମାନ, ସ୍କର୍ପିଓ ଏନର ଅଟୋମେଟିକ ସଂସ୍କରଣ ଜେଡ୬, ଜେଡ୮ ଏବଂ ଜେଡ୮ଏଲ ତିନୋଟି ଭାରିଆଣ୍ଟରେ ଉପଲବ୍ଧ। ଏବେ ନୂତନ ଶସ୍ତା ଭାରିଆଣ୍ଟର ଆଗମନ ସହିତ, ଏହାର ବିକ୍ରୟ ବୃଦ୍ଧି ପାଇବାର ଆଶା କରାଯାଉଛି। ଇଞ୍ଜିନ୍ ବିଷୟରେ କହିବାକୁ ଗଲେ, ଏଥିରେ ୨.୦-ଲିଟର ଟର୍ବୋ-ପେଟ୍ରୋଲ୍ ଏବଂ ୨.୨-ଲିଟର ଡିଜେଲ୍ ଇଞ୍ଜିନ୍ ବିକଳ୍ପ ରହିବ।



## ଭାରତରେ ରିୟଲମି ଜିଟି-୭ ଡ୍ରିମ୍ ଏଡିସନ ଆରମ୍ଭ

ନୂଆଦିଲ୍ଲୀ, ୧୫।୬: ଚୀନ୍‌ର ପ୍ରମୁଖ ସ୍ମାର୍ଟଫୋନ୍ ନିର୍ମାତା କମ୍ପାନୀ ରିୟଲମି ନିକଟରେ ଭାରତୀୟ ବଜାରରେ ରିୟଲମି ଜିଟି୭ ଡ୍ରିମ ଏଡିସନ ଲଞ୍ଚ କରିଛି। ଏହି ସ୍ମାର୍ଟଫୋନ୍‌ରେ ଆପଣ ଅନେକ ଦମଦାର ଫିଚର୍ସ ପାଇପାରିବେ। ଯଦି ଆପଣ ଏକ ନୂଆ ସ୍ମାର୍ଟଫୋନ୍ କିଣିବାକୁ ଯାଉଛନ୍ତି ତେବେ ଆପଣଙ୍କ ପାଇଁ ଖୁସି ଖବର। କମ୍ପାନୀ ଏବେ ଏହି ସ୍ମାର୍ଟଫୋନ୍‌କୁ ସେଲ୍ ପାଇଁ ଉପଲବ୍ଧ କରାଇଛି। ରିୟଲମି ଜିଟି୭ ଡ୍ରିମ ଏଡିସନ ହେଉଛି କମ୍ପାନୀର ଏକ ପ୍ରିମିୟମ୍ ଏବଂ ଫ୍ଲାଗସିପ୍ ସ୍ମାର୍ଟଫୋନ୍।

ରିୟଲମି ଜିଟି୭ ଡ୍ରିମ ଏଡିସନକୁ ରିୟଲମି ଆଷ୍ଟନ ମାର୍ଟିନ ଫର୍ମୁଲା ଫରମୁଲା ୱାନ ଟିମ ସହିତ ମିଶି ପ୍ରସ୍ତୁତ କରିଛି। ଏହି ସ୍ମାର୍ଟଫୋନ୍ ସହିତ, କମ୍ପାନୀ ବଜାରରେ ଆଉ ଦୁଇଟି ସ୍ମାର୍ଟଫୋନ୍ ଲଞ୍ଚ କରିଛି ଯେଉଁଥିରେ ରିୟଲମି ଜିଟି୭ ଏବଂ ରିୟଲମି ଜିଟି୭ଟି ସାମିଲ ରହିଛି। ଯଦି ଆପଣ ଜିଟି୭ ଡ୍ରିମ ଏଡିସନ କିଣିବାକୁ ପ୍ଲାନିଂ କରୁଛନ୍ତି, ତେବେ ଆପଣ ଏହାକୁ ଆମାଜନ ଏବଂ କମ୍ପାନୀର ଅଫିସିଆଲ୍ ୱେବସାଇଟ୍ରୁ କିଣିପାରିବେ। କମ୍ପାନୀ ରିୟଲମି ଜିଟି୭ ଡ୍ରିମ ଏଡିସନକୁ ୧୬ଜିବି ର୍‍ୟାମ ଏବଂ ୫୧୨ଜିବି ଷ୍ଟୋରେଜ୍ ସହିତ ଗୋଟିଏ ଭାରିଆଣ୍ଟରେ ଲଞ୍ଚ କରିଛି। ଆପଣ ଏହି ସ୍ମାର୍ଟଫୋନ୍‌କୁ ଅନଲାଇନରେ ଏବଂ ଅଫ୍‌ଲାଇନ୍ ଷ୍ଟୋର୍‌କୁ ଯାଇ ମଧ୍ୟ କିଣିପାରିବେ। ରିୟଲମି ଏହି ପ୍ରିମିୟମ୍ ଫୋନ୍‌କୁ ୪୯,୯୯୯ ଟଙ୍କା ମୂଲ୍ୟରେ ଲଞ୍ଚ କରିଛି। ଏହି ସ୍ମାର୍ଟଫୋନ୍‌ର ସବୁଠାରୁ ଖାସ୍ କଥା ହେଉଛି ଏହା ଆଷ୍ଟନ ମାର୍ଟିନ ରେସିଂ ଗ୍ରିନ କଲରରେ ଉପଲବ୍ଧ। କମ୍ପାନୀର ଲଞ୍ଚ ଅଫର ଅଧୀନରେ ୟୁଜର୍ସଙ୍କୁ ୧୨ ମାସର ନୋ କଷ୍ଟ ଇଏମଆଇ ଅପ୍ସନ୍ ଦିଆଯାଉଛି। ଏହି ଅଫରରେ ଆପଣ ମାତ୍ର ୪୧୬୭ ଟଙ୍କାର ଇଏମଆଇରେ ଏକ ସ୍ମାର୍ଟଫୋନ କିଣି ଘରକୁ ନେଇପାରିବେ। ଏହା ବ୍ୟତୀତ, କମ୍ପାନୀ ଗ୍ରାହକମାନଙ୍କୁ ୫୦୦୦ ଟଙ୍କାର ବୋନସ ଡ଼ିସକାଉଣ୍ଟ ଅଫର ମଧ୍ୟ ଦେଉଛି। ଯଦି ଆପଣଙ୍କର ପୁରୁଣା ସ୍ମାର୍ଟଫୋନ ଅଛି, ତେବେ ଆପଣ ଏହି ସ୍ମାର୍ଟଫୋନରେ ବହୁତ ଟଙ୍କା ସଞ୍ଚୟ କରିପାରିବେ। ଏହି ଅଫରରେ, ଆପଣ ପ୍ରାୟ ୪୭,୪୯୯ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ।




## ଆଶା ମୁତାବକ ବିକ୍ରି ହୋଇପାରୁନି ହ୍ୟୁଣ୍ଡାଇ ଆଇକନିକ ୫

ନୂଆଦିଲ୍ଲୀ, ୧୫।୬: ହ୍ୟୁଣ୍ଡାଇ ଆଇକନିକ ୫ ଏହାର ଡିଜାଇନ୍, ବ୍ୟାଟେରୀ ପରିସର ଏବଂ ବୈଶିଷ୍ଟ୍ୟ ଦୃଷ୍ଟିରୁ ଏକ ଉନ୍ନତ ବୈଦ୍ୟୁତିକ କାର, କିନ୍ତୁ ଅଧିକ ମୂଲ୍ୟ ଯୋଗୁଁ ଏହାର ବିକ୍ରୟ କ୍ରମାଗତ ଭାବରେ ହ୍ରାସ ପାଉଛି। କମ୍ପାନୀ ଏହାର ବିକ୍ରୟ ବୃଦ୍ଧି କରିବା ପାଇଁ ବଡଧରଣର ରିହାତି ମଧ୍ୟ ପ୍ରଦାନ କରୁଛି, କିନ୍ତୁ ଏହା ପରେ ମଧ୍ୟ ବିକ୍ରୟରେ କୌଣସି ଉନ୍ନତି ଦେଖାଯାଉନାହିଁ। ଗତ ମାସରେ (ମେ), ହ୍ୟୁଣ୍ଡାଇ ଆଇକନିକର କେବଳ ୧୧ ୟୁନିଟ୍ ବିକ୍ରି ହୋଇଥିଲା, ଯେତେବେଳେ ଗତ ବର୍ଷ ସମାନ ସମୟରେ ଏହି ସଂଖ୍ୟା ୪୨ ୟୁନିଟ୍ ବିକ୍ରି ହୋଇଥିଲା। ଏଥର ଏହାର ୩୧ ୟୁନିଟ୍ କମ୍ ବିକ୍ରି ହୋଇଛି। ଏପରି ପରିସ୍ଥିତିରେ, ହ୍ୟୁଣ୍ଡାଇ ଆଇକନିକର ଅଭିବୃଦ୍ଧି ୭୪% ହ୍ରାସ ପାଇଛି, ଯାହାକୁ ଏକ ବଡ଼ କ୍ଷତି ବୋଲି ବିବେଚନା କରାଯାଉଛି। ଗତ ମାସରେ, ହ୍ୟୁଣ୍ଡାଇ ଆଇକନିକ ଉପରେ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରିଥିଲା। ବିକ୍ରୟ କିଭଳି ବୃଦ୍ଧି ପାଇବ ଭାବି କମ୍ପାନୀ ଏହି ରିହାତି ଘୋଷଣା କରିଥିଲା। ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଯେ ଡିଲରମାନଙ୍କ ପାଖରେ ଗତ ବର୍ଷଠାରୁ ପୁରୁଣା ଷ୍ଟକ୍ ରହିଛି ଏବଂ ଏହି ବର୍ଷର ଷ୍ଟକ୍ ମଧ୍ୟ ଧୀରେ ଧୀରେ ବୃଦ୍ଧି ପାଉଛି। ଅତ୍ୟଧିକ ରିହାତି ପରେ ମଧ୍ୟ ଏହି କାରର ବିକ୍ରି ବଢ଼ିବା ପରିବର୍ତ୍ତେ ହ୍ରାସ ପାଉଛି। ବିଶେଷଜ୍ଞଙ୍କ କହିବା କଥା ଯେ ହ୍ୟୁଣ୍ଡାଇ ଆଇକନିକର ଏକ୍ସ-ଶୋରୁମ୍ ମୂଲ୍ୟ ୪୬.୦୫ ଲକ୍ଷ ଟଙ୍କା। ଏଥିରେ ୪ ଲକ୍ଷ ଟଙ୍କା ରିହାତି ମଧ୍ୟ ଦିଆଯାଉଛି। ଏହି କାରର ମୂଲ୍ୟ ବହୁତ ଅଧିକ, ଯାହା କାରଣରୁ ଗ୍ରାହକମାନେ ଏହାଠାରୁ ଦୂରେଇ ଯାଇଛନ୍ତି। ଉଲ୍ଲେଖ ଥାଉ କି ହ୍ୟୁଣ୍ଡାଇ ଆଇକନିକରେ ୭୨.୬ କିଲୋୱାଟ ବ୍ୟାଟେରୀ ଅଛି ଯାହା ଥରେ ପୂର୍ଣ୍ଣ ଚାର୍ଜ ହେଲେ, ଏହି କାର ୬୩୧ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ଦେଇଥାଏ। ଚାର୍ଜିଂ ଦୃଷ୍ଟିରୁ, ଏହା ଡିସି ଫାଷ୍ଟ ଚାର୍ଜର ସାହାଯ୍ୟରେ ମାତ୍ର ୧୮ ମିନିଟରେ ୧୦ ରୁ ୮୦ ପ୍ରତିଶତ ଚାର୍ଜ ହୋଇଯାଏ, ଯେତେବେଳେ ଏସି ଚାର୍ଜର ସାହାଯ୍ୟରେ ପୂର୍ଣ୍ଣ ଚାର୍ଜ ହେବାକୁ ପ୍ରାୟ ୭ ଘଣ୍ଟା ସମୟ ଲାଗେ।




# ଅନ୍ଧାରରେ ବିମାନ ବିକାଶ ଶିଳ୍ପ

## ବଡ଼ ଚ୍ୟାଲେଞ୍ଜ ପାଲଟିଛି ଇଞ୍ଜିନର ସପ୍ଲାଏ, ମେଣ୍ଟେନାନ୍ସ, କୁଶଳୀ ଶ୍ରମଶକ୍ତି ଅଭାବ



**ନୂଆଦିଲ୍ଲୀ ୧୫।୬:** ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବିମାନ ୧୭୧ କ୍ରାସ ହେବା ପରେ ଭାରତୀୟ ବେସାମରିକ ବିମାନ ଚଳାଚଳ କ୍ଷେତ୍ରକୁ ନେଇ ଏବେ ସାରା ବିଶ୍ୱରେ ଚର୍ଚ୍ଚା। ଏବେ ଦେଶର ବିମାନ ପରିଚାଳନା କ୍ଷେତ୍ର ଆହ୍ୱାନ ଦେଇ ଗତି କରୁଛି। ମାତ୍ର ବର୍ତ୍ତମାନର ଘଟଣା ଉଭୟ ବିଶ୍ୱ ବଜାର ଏବଂ ବିମାନ ଯାତ୍ରୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦେଶର ବିମାନ ଚଳାଚଳ ଏକ ଘଡ଼ି ସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଥିବା ବେଳେ ଏହା ଅଗ୍ନି ପରୀକ୍ଷାର ବେଳ ବୋଲି କୁହାଯାଉଛି।

୨୦୨୬ ସୁଦ୍ଧା ଭାରତ ବିଶ୍ୱର ୩ୟ ବୃହତ୍ତ ବିମାନ ଚଳାଚଳ ବଜାର ଭାବେ ଉଭା ହେବ। ଏୟାରପୋର୍ଟ କାଉନସିଲ ଇଣ୍ଟରନ୍ୟାଶନାଲ ରିପୋର୍ଟ ମୁତାବକ ୨୦୪୦ ବେଳକୁ ୧୩୦ କୋଟି ଲୋକ ବିମାନ ଯାତ୍ରା କରିବାର ଢ଼େର ସମ୍ଭାବନା ରହିଛି। ମାତ୍ର ବଜାରର ସ୍ଥିତାବସ୍ଥା ବିନା ଯାତ୍ରୀ ସଂଖ୍ୟାରେ ଏହି ବୃଦ୍ଧି ବଡ଼ ସମସ୍ୟା ସୃଷ୍ଟି କରିବ। ବର୍ତ୍ତମାନ ଘରୋଇ ବଜାରରେ ସେବା ଯୋଗାଉଥିବା କମ୍ପାନି ଗୁଡ଼ିକ ସେମାନଙ୍କ ନିକଟରେ ଥିବା ବିମାନ ଗୁଡ଼ିକ ଠିକ୍ ପରିଚାଳନା କରିବାକୁ ସକ୍ଷମ ହେଉନାହାନ୍ତି। ମେଣ୍ଟେନାନ୍ସ କ୍ଷମତାର ଅଭାବ, କୁଶଳୀ ଶ୍ରମଶକ୍ତି ନ ମିଳିବା, ନିୟାମକ ଚ୍ୟାଲେଞ୍ଜ ଏବଂ ଶିଳ୍ପରେ ଗ୍ରାହକଙ୍କ ସ୍ୱାର୍ଥକୁ ସୁରକ୍ଷା ଅଗ୍ରାଧିକାର ମନୋଭାବ ଏତେଟା ନ ଥିବାରୁ ଏହା ଶିଳ୍ପ ଲାଗି ବଡ଼ ଚ୍ୟାଲେଞ୍ଜିଂ ହେବ ବୋଲି ବିଶେଷଜ୍ଞ କହିଛନ୍ତି।

ଦେଶର ବେସାମରିକ ବିମାନ ଚଳାଚଳ କ୍ଷେତ୍ରକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅନେକ ସମସ୍ୟା ଦେଖାଯାଏ। ପର୍ଯ୍ୟାପ୍ତ ସଂଖ୍ୟକ ବିମାନ ମିଳୁ ନ ଥିବାରୁ ବିମାନ ବାତିଲ, ଉଚ୍ଚ ପରିମାଣର ଭଡ଼ା, ବିମାନ ବିଳମ୍ବ ଭଳି ଅନେକ ସମସ୍ୟା ଦେଇ ଶିଳ୍ପ ଗତି କରୁଛି। କେବଳ ପୁଞ୍ଜି ନୁହେଁ ଶିଳ୍ପକୁ ଦୃଢ଼ କରିବା ଦିଗରେ ଅଧିକ ପଦକ୍ଷେପ ଲୋଡ଼ା ରହିଛି। ପରିଚାଳନାଗତ ଦକ୍ଷତା, ନିରାପତ୍ତାକୁ ସର୍ବୋଚ୍ଚ ପ୍ରାଥମିକତା, କୁଶଳୀ ଶ୍ରମଶକ୍ତି ଏବଂ କକ୍‌ପିଟ୍‌କୁ ଆହୁରି ଆଧୁନିକୀକରଣ କରିବା ଉପରେ ଏବେ ଧ୍ୟାନ ଦେବାର ବେଳ ବୋଲି କୁହନ୍ତି ବିଶେଷଜ୍ଞ। ଭାରତୀୟ ଏୟାର ଲାଇନ କମ୍ପାନି ଗୁଡିକ ଲାଗି ପ୍ରମୁଖ ସମସ୍ୟା ମଧ୍ୟରେ ପ୍ରାଟ୍ ଆଣ୍ଡ୍ ହ୍ୱିଟନି (ପିଆଣ୍ଡ୍‌ଡବ୍ଲ୍ୟୁ) ଇଞ୍ଜିନର ବିଫଳତା। ବିଶ୍ୱ ସପ୍ଲାଇଚେନ ସମସ୍ୟା ଯୋଗୁ ଏଭଳି ସ୍ଥିତି ଆହୁରି ଜଟିଳ ହୋଇଛି। ବିମାନ ଗୁଡ଼ିକ ମେଣ୍ଟେନାନ୍ସ ଠିକ୍ ହୋଇ ପାରୁନ ଥିବାରୁ ପରିଚାଳନା କ୍ଷମତାବକୁ ବଡ଼ ମାତ୍ରାରେ ପ୍ରଭାବିତ କରୁଛି। ରେଟିଂ ଏଜେନ୍ସି ଇକ୍ରା ମୁତାବକ, ସପ୍ଲାଇ ଚେନ ସମସ୍ୟା ଏବଂ ବିମାନ ଗୁଡ଼ିକର ଇଞ୍ଜିନରେ ବିଫଳତା ଶିଳ୍ପକୁ ବଡ ମାତ୍ରାରେ କ୍ଷତି ପହଞ୍ଚାଉଛି। ପିଆଣ୍ଡଡବ୍ଲ୍ୟୁ ଇଞ୍ଜିନ ଯୋଗାଣରେ ବିଳମ୍ବ ଯୋଗୁ ଭାରତୀୟ କମ୍ପାନି ଗୁଡ଼ିକ କ୍ଷତି ସହୁଛନ୍ତି। ଇଞ୍ଜିନରେ ମସସ୍ୟା ଯୋଗୁ ଗୋଏୟାର କମ୍ପାନିକୁ ଏହାର ଅର୍ଦ୍ଧାଧିକ ବିମାନ ଛିଡା କରିବାକୁ ପଡ଼ିଥିଲା। ସେହିଭଳି ଦେଶର ପ୍ରମୁଖ ବିମାନ କମ୍ପାନି ଇଣ୍ଡିଗୋ ମଧ୍ୟ ସମାନ ସମସ୍ୟା ଯୋଗୁ ଏବେ ଏହାର ୬୦ରୁ ୭୦ ବିମାନକୁ ସେବାରୁ ବାଦ ଦେଇଛି। ୨୦୨୫ ମାର୍ଚ୍ଚ ସୁଦ୍ଧା ଦେଶର ମୋଟ ବିମାନର ୧୬% ବା ୧୩୩ ବିମାନ ଇଞ୍ଜିନ ସମସ୍ୟା ଯୋଗୁ ଚାଲିବାକୁ ସକ୍ଷମ ନ ଥିବା ଇକ୍ରା ରିପୋର୍ଟରୁ ଜଣାପଡ଼ିଛି।

ଏଭଳି ସମସ୍ୟାକୁ ନଜରରେ ରଖି ଇଣ୍ଡିଗୋ ପିଆଣ୍ଡ୍‌ଡବ୍ଲ୍ୟୁ ଇଞ୍ଜିନ ପରିବର୍ତ୍ତେ ସିଏଫ୍‌ଏମ୍ ପାୱାର ଫ୍ଲିଟ ବ୍ୟବସ୍ଥା ଗ୍ରହଣ କରିବାକୁ ଅଗ୍ରସର ହୋଇଛି। ସେହିଭଳି ବିମାନ କମ୍ପାନିଗୁଡ଼ିକର ଦକ୍ଷ ପାଇଲଟଙ୍କ ଅଭାବ ଅନ୍ୟ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଅନ୍ୟ ପଟେ ନିରାପତ୍ତା, ବିଶ୍ୱ ସ୍ତରୀୟ ଭିତ୍ତିଭୂମି ନେଇ ଆଶଙ୍କା, କିଙ୍ଗଫିସର, ଜେଟ ଭଳି ବଡ ବିମାନ କମ୍ପାନିଙ୍କ ବିଫଳତା ସହ ଶିଳ୍ପ ସାମ୍ନାରେ ଅନେକ ଆହ୍ୱାନ ରହିଛି।

## ଆଜିର ସୁନା ଦର



ଲକ୍ଷେ ଉପରେ ସୁନା ଦର। ଆନ୍ତର୍ଜାତୀୟ ସ୍ତରରେ ସୁନାର ଦର ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ଭାରତୀୟ ବଜାରରେ ଅନୁଭୂତ ହେଉଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୧, ୬୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୩ ହଜାର ୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୧,୪୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୨ ହଜାର ୯୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୧, ୬୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୩ ହଜାର ୨୦୦ ଟଙ୍କା ରହିଛି। ସେହିପରି ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୦୧, ୦୧,୮୩୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୧, ୬୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୩, ୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୧, ୬୮୦ ଓ ୯୩, ୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୧୦ , ୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୫୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩.୧୧ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦରରେ କିଛିଟା ପରିବର୍ତ୍ତନ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।






**ପାରମ୍ପରିକ ବ୍ୟାଟେରିଗୁଡ଼ିକୁ ବାରମ୍ବାର ଚାର୍ଜ କରିବା ସହ ସେଗୁଡ଼ିକୁ କିଛି ବର୍ଷରେ ବଦଳାଇବାକୁ ପଡ଼ିଥାଏ, ମାତ୍ର ଆଣବିକ ବର୍ଜ୍ୟରୁ ନିର୍ମିତ ବ୍ୟାଟେରି ଦଶନ୍ଧି ଦଶନ୍ଧି ଧରି କାର୍ଯ୍ୟକ୍ଷମ ରହିପାରିବ।**

# ବିନା ଚାର୍ଜରେ ଦଶନ୍ଧିବ୍ୟାପୀ ଚାଲିବ

ଆଣବିକ ଶକ୍ତି ବିଶ୍ୱର ମୋଟ ଶକ୍ତି ଚାହିଦାର ୧୦ ପ୍ରତିଶତ ପୂରଣ କରୁଛି। ତେବେ ଏହାର ସବୁଠୁ ବିପଜ୍ଜନକ ଉପାଦାନଟି ହେଉଛି ଏଥିରୁ ନିର୍ଗତ ତେଜସ୍କ୍ରିୟ ବର୍ଜ୍ୟ। ଏହି ବର୍ଜ୍ୟକୁ ସାଧାରଣତଃ ଭୂତଳରେ ଗଚ୍ଛିତ କରି ରଖାଯାଉଥିବା ବେଳେ ସେଗୁଡ଼ିକୁ ଅବ୍ୟବହୃତ ଅବସ୍ଥାରେ ଛାଡ଼ିବା ଅପେକ୍ଷା ତାହାର ସୁବିନିଯୋଗ ପାଇଁ ଓହିଓ ଷ୍ଟେଟ୍ ୟୁନିଭର୍ସିଟିର ଗବେଷକମାନେ ପ୍ରୟାସ କରିଛନ୍ତି। ସେମାନେ ଏହି ଆଣବିକ ବର୍ଜ୍ୟରୁ ଏଭଳି ଏକ ବ୍ୟାଟେରି ବିକଶିତ କରିଛନ୍ତି, ଯାହା ବିନା ଚାର୍ଜିଂରେ ଦଶନ୍ଧି ଦଶନ୍ଧି ଧରି ବିଦ୍ୟୁତ୍ ଶକ୍ତି ଯୋଗାଇ ପାରିବ।

ଗାମା ବିକିରଣକୁ ଶୋଷି ଆଲୋକ ନିର୍ଗତ କରୁଥିବା ସିଣ୍ଟିଲେଟର କ୍ରିଷ୍ଟାଲକୁ ସେମାନେ ଏଥିରେ ବ୍ୟବହାର କରିଛନ୍ତି। ଉକ୍ତ କ୍ରିଷ୍ଟାଲରୁ ନିର୍ଗତ ଆଲୋକକୁ ଏକ ସୌରସେଲ୍ ସହିତ ଯୋଡ଼ି ବିଦ୍ୟୁତ୍ ଶକ୍ତିରେ ପରିଣତ କରାଯାଇଛି। ପାରମ୍ପରିକ ବ୍ୟାଟେରିଗୁଡ଼ିକର କ୍ଷମତା ସମୟ କ୍ରମେ କମି କମି ଆସିବା ସହ ସେଗୁଡ଼ିକୁ ବଦଳାଇବାକୁ ପଡ଼ିଥାଏ, ମାତ୍ର ଏହି ଆଣବିକ ବର୍ଜ୍ୟରୁ ନିର୍ମିତ ବ୍ୟାଟେରି ତେଜସ୍କ୍ରିୟ ସାମଗ୍ରୀ ସକ୍ରିୟ ଥିଲା ଯାଏ ଦଶନ୍ଧି ଦଶନ୍ଧି ଧରି କାର୍ଯ୍ୟକ୍ଷମ ରହିଥାଏ। ଗବେଷକମାନେ ଉଭୟ ସିଜିଅମ୍-୧୩୭ ଓ କୋବାଲ୍ଟ-୬୦ ପରି ତେଜସ୍କ୍ରିୟ ବର୍ଜ୍ୟ ପଦାର୍ଥକୁ ନେଇ ପରୀକ୍ଷଣ କରିଥିଲେ। ସମ୍ପ୍ରତି ଏହି ପଦ୍ଧତିରୁ କିଛି ମାଇକ୍ରୋୱାଟ୍ ଶକ୍ତି ଉତ୍ପନ୍ନ ହୋଇପାରୁଛି। ଏହି ବ୍ୟାଟେରି ଏବେ ମାଇକ୍ରୋସେନ୍ସର୍ ଓ ବିକିରଣ ମନିଟରିଂ ଉପକରଣ ଭଳି କମ୍ ଶକ୍ତିସଂପନ୍ନ ସରଞ୍ଜାମକୁ ଚଳାଯାଇପାରିବ। ତେବେ ତେଜସ୍କ୍ରିୟ ବର୍ଜ୍ୟକୁ ବଡ଼ ଧରଣର ସିଣ୍ଟିଲେଟର କ୍ରିଷ୍ଟାଲରେ ପରିବେଷ୍ଟିତ କରି ଶକ୍ତି ଉତ୍ପାଦନକୁ ବହୁଗୁଣିତ କରାଯାଇପାରିବ ବୋଲି ଗବେଷକମାନେ ଆଶା ରଖିଛନ୍ତି। ଯେଉଁଠି ଶକ୍ତି ଉତ୍ସକୁ ବଦଳାଇବା କଷ୍ଟକର କିମ୍ବା ଅସମ୍ଭବ, ସେ କ୍ଷେତ୍ରରେ ଏହି ବ୍ୟାଟେରିର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ବିଶେଷ କରି ଭବିଷ୍ୟତର ଅନ୍ତରୀକ୍ଷ ଅଭିଯାନରେ ଏହା ଏକ ଉତ୍କୃଷ୍ଟ ଉପକରଣ ହୋଇପାରିବ। ସେହିପରି ଗଭୀର ଜଳ ଭିତରେ କାର୍ଯ୍ୟକ୍ଷମ ଅନୁସନ୍ଧାନ ଉପକରଣଗୁଡ଼ିକ ପାଇଁ ମଧ ଏହା ବେଶ୍ ଉପଯୋଗୀ ହୋଇପାରିବ। ଉକ୍ତ ବ୍ୟାଟେରିକୁ ଅଧିକ କ୍ଷେତ୍ରରେ ବିନିଯୋଗ କରାଯାଇପାରିଲେ ଏହା ବିପଦପୂର୍ଣ୍ଣ ବର୍ଜ୍ୟବସ୍ତୁ ସଂରକ୍ଷଣର ଆବଶ୍ୟକତାକୁ ହ୍ରାସ କରିବା ସହ ସବୁଜ ତଥା ଦୀର୍ଘକାଳୀନ ଶକ୍ତି ଉତ୍ପାଦନର ଏକ ଉତ୍କୃଷ୍ଟ ଉତ୍ସ ହୋଇପାରିବ।

# ଆଇଡିଆ ଟ୍ୟାବ୍ ପ୍ରୋ

ବିଶ୍ୱର ଅନ୍ୟତମ ପ୍ରମୁଖ କମ୍ପ୍ୟୁଟର ନିର୍ମାତା ଲେନୋଭୋ କମ୍ପାନି ପକ୍ଷରୁ ତାହାର ସଦ୍ୟତମ ଆଣ୍ଡ୍ରଏଡ୍ ଟାବ୍‌ଲେଟ୍‌କୁ ଭାରତୀୟ ବଜାରରେ ଉନ୍ମୋଚିତ କରାଯାଇଛି। ଆସନ୍ତା ୨୧ ତାରିଖରୁ ବିକ୍ରି ଆରମ୍ଭ ହେବାକୁ ଥିବା 'ଲେନୋଭୋ ଆଇଡିଆ ଟ୍ୟାବ୍ ପ୍ରୋ' ଏକ ୪ ନାନୋମିଟର ଅକ୍ଟାକୋର ମିଡିଆଟେକ୍ ଡିମେନ୍‌ସିଟି ୮୩୦୦ ଚିପ୍ ଦ୍ୱାରା ପରିଚାଳିତ, ଯାହାର ୧୨ ଜିବି



ଯାଏ ରାମ୍ ଏବଂ ୨୫୬ ଜିବି ଯାଏ ମେମୋରି କ୍ଷମତା ରହିଛି। ଏଥିରେ ଖଚିତ ୧୦,୨୦୦ ଏମ୍‌ଏଏଚ୍‌ର ବ୍ୟାଟେରିଟି ୪୫ ୱାଟ୍‌ର ଫାଷ୍ଟ ଚାର୍ଜର ଦ୍ୱାରା ଚାର୍ଜ ହେବାକୁ ସକ୍ଷମ। ଏଥିରେ ଡଲ୍‌ବି ଆଟମ୍‌ସ ସମ୍ବଳିତ ଚାରିଟି ଜେବିଏଲ୍ ସ୍ପିକର ଖଞ୍ଜାଯାଇଛି। 'ଲେନୋଭୋ ଟ୍ୟାବ୍ ପେନ୍ ପ୍ଲସ୍' ଏହି ଟାବ୍‌ଲେଟ୍‌ରେ କାମ କରିବ। କି'ବୋର୍ଡ ସହ ଯୋଡ଼ିବା ପାଇଁ ଏଥିରେ ଏକ ପୋଗୋ-ପିନ୍ କନେକ୍ଟର୍ ରହିଛି। ସ୍ମାର୍ଟ କଣ୍ଟ୍ରୋଲ୍ ବୈଶିଷ୍ଟ୍ୟ ଯୋଗୁଁ ଏହାକୁ କୌଣସି ସ୍ମାର୍ଟଫୋନ୍ ଓ କମ୍ପ୍ୟୁଟର ସହ ସଂଯୁକ୍ତ କରାଯାଇପାରିବ। ଏହାର ୧୨.୭ ଇଞ୍ଚର ୧୮୪୦x୨୯୪୪ ପିକ୍ସେଲ୍ ବିଶିଷ୍ଟ ଏଲ୍‌ଟିପିଏସ୍ ଏଲ୍‌ସିଡି ପରଦାଟିର ରିଫ୍ରେସ ହାର ହେଉଛି ୧୪୪ ହର୍ଜ, ସର୍ବାଧିକ ବ୍ରାଇଟ୍‌ନେସ୍ ହେଉଛି ୪୦୦ ନିଟ୍‌ସ। ଆଣ୍ଡ୍ରଏଡ୍ ୧୪ ଉପରେ ପର୍ଯ୍ୟବସିତ ଏହି ଟାବ୍‌ଲେଟ୍‌ଟିକୁ ଆଣ୍ଡ୍ରଏଡ୍ ୧୬ ଯାଏ ସଫ୍ଟୱେର ଅପ୍‌ଡେଟ୍ ମିଳିବ ଏବଂ ୨୦୨୯ ଯାଏ ସିକ୍ୟୁରିଟି ଅପ୍‌ଡେଟ୍ ବଳବତ୍ତର ରହିବ ବୋଲି କମ୍ପାନି ଘୋଷଣା କରିଛି। ଏହାର ପୃଷ୍ଠଭାଗରେ ଏକ ୧୩ ମେଗାପିକ୍ସେଲ କ୍ୟାମେରା ସାଙ୍ଗକୁ ସେଲ୍‌ଫି ପାଇଁ ଏକ ୮ ମେଗାପିକ୍ସେଲ କ୍ୟାମେରା ରହିଛି। ଲୁନା ଗ୍ରେ ରଙ୍ଗ ବିଶିଷ୍ଟ ଏହି ଟାବଲେଟ୍‌ର ବାହ୍ୟ ସଂଯୋଗ ପାଇଁ ୱାଇ-ଫାଇ ୬ଇ, ବ୍ଲୁଟୁଥ୍ ୫.୩, ସି-ଟାଇପ୍ ୟୁଏସ୍‌ବି ପୋର୍ଟ ଆଦି ରହିଛି। ଫିଙ୍ଗରପ୍ରିଣ୍ଟ ସେନ୍‌ସର ଥିବା ଏହି ଟାବଲେଟ୍‌ର ୮ ଜିବି ରାମ୍ ଓ ୧୨୮ ଜିବି ମେମୋରି ସଂସ୍କରଣର ଭାରତୀୟ ମୂଲ୍ୟ ୨୭,୯୯୯ ଟଙ୍କା ହୋଇଥିବା ବେଳେ ୧୨ ଜିବି ରାମ୍ ଓ ୨୫୬ ଜିବି ମେମୋରି ସଂସ୍କରଣର ଦାମ୍ ୩୦,୯୯୯ ଟଙ୍କା ରଖାଯାଇଛି।

# ୫ ମିନିଟ୍‌ରେ ୪୦୦ କିଲୋମିଟର୍!

ଇଲେକ୍ଟ୍ରିକ୍ ଭେହିକଲ୍ (ଇଭି)ର ଗ୍ରହଣୀୟତା ଦିଗରେ ଏକ ବଡ଼ ବାଧକ ହେଲା ଏହାର ବ୍ୟାଟେରି ଚାର୍ଜ କରିବା ପାଇଁ ଲାଗୁଥିବା ଦୀର୍ଘ ସମୟ। ତେବେ ଚୀନର ଇଭି କମ୍ପାନି 'ବିୱାଇଡି' ଏକ ନୂଆ ଚାର୍ଜିଂ ପ୍ଲାଟଫର୍ମ ଉନ୍ମୋଚନ କରିଛି,ଯାହାର ଚାର୍ଜିଂ ବେଗ ପ୍ରଥମ ଥର ପାଇଁ ପେଟ୍ରୋଲ ଓ ଡିଜେଲ୍ କାର୍‌ରେ ତେଲ ଭରିବା ସମୟର ସମକକ୍ଷ ହୋଇଥିବା ଦାବି କରିଛି। 'ସୁପର୍ ଇ-ପ୍ଲାଟଫର୍ମ' ଅନ୍ତର୍ଭୁକ୍ତ ଚାର୍ଜିଂ ଷ୍ଟେସନ୍ ୧୦୦୦ କିଲୋୱାଟ୍ ବେଗରେ କାର୍ ବ୍ୟାଟେରିକୁ ଚାର୍ଜ କରିପାରିବ। ପ୍ରସିଦ୍ଧ ଆମେରିକୀୟ ଇଭି ନିର୍ମାତା 'ଟେସ୍‌ଲା'ର ସଦ୍ୟତମ 'ସୁପରଚାର୍ଜର୍'ର ସର୍ବାଧିକ (୫୦୦ କିଲୋୱାଟ୍) ଚାର୍ଜିଂ କ୍ଷମତାର ଏହା ଦୁଇଗୁଣ। ପ୍ରାରମ୍ଭିକ ଭାବେ ବିୱାଇଡିର ଦୁଇଟି ନୂଆ ମଡେଲ୍- ହାନ୍ ଏଲ୍ ସେଡାନ୍ ଓ ଟାଙ୍ଗ୍ ଏଲ୍ ଏସ୍‌ୟୁଭିରେ 'ସୁପର୍ ଇ-ପ୍ଲାଟଫର୍ମ'ର ଚାର୍ଜିଂ ସୁବିଧା ମିଳିବ। ଏଥିରେ ବିୱାଇଡି ଦ୍ୱାରା ବିକଶିତ ବ୍ଲେଡ୍ ବ୍ୟାଟେରି ପ୍ରଯୁକ୍ତିର ଉପଯୋଗ କରାଯିବ।



# କେଉଁ ବୟସରେ ଗୃହ ଋଣ ନେବା ନିରାପଦ?

ନିଜର ଘର ଖଣ୍ଡେ କରିବାକୁ କାହାର ବା ସ୍ୱପ୍ନ ନଥାଏ! ତେବେ ଏଥିପାଇଁ ଆବଶ୍ୟକ ଋଣ କ'ଣ ସମସ୍ତେ ନେଇପାରିବେ? ନା ଏଥିପାଇଁ ନିର୍ଦ୍ଦିଷ୍ଟ ବୟସ ସୀମା କିମ୍ବା ଅନ୍ୟ କିଛି ନିୟମ ରହିଛି କି? ପ୍ରଥମତଃ ଘର କିଣିବା କିମ୍ବା ନିର୍ମାଣ କରିବାର ପ୍ରକୃଷ୍ଟ ସମୟ କେଉଁଟି ଏବଂ ଋଣ ବୋଝ ବହନ କରିବାର କ୍ଷମତା ସଂପୂର୍ଣ୍ଣ ରୂପେ ଋଣକର୍ତ୍ତାଙ୍କ ଉପରେ ନିର୍ଭର କରେ। ସାଧାରଣତଃ, ୨୫ରୁ ୩୦ ବର୍ଷ ବୟସ ଗୃହ ଋଣ ଆବେଦନ କରିବା ପାଇଁ ସର୍ବୋତ୍ତମ ସମୟ। କାରଣ ଏହି ସମୟରେ ଆପଣ ଯୁବକ, ସକ୍ରିୟ ଓ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ଥା'ନ୍ତି। ଆପଣଙ୍କର ମାସିକ ଆୟରୁ ଆପଣ ଋଣ ଟଙ୍କା ପରିଶୋଧ କରିପାରିବେ ଏବଂ ୪୦ ବର୍ଷ ବୟସ ଭିତରେ ପୂରା ଋଣ ପରିଶୋଧ ହୋଇଯିବ। ଗୃହ ଋଣ ପାଇଁ ସର୍ବନିମ୍ନ ବୟସସୀମା ହେଉଛି ୧୮ ବର୍ଷ।

କମ୍ ବୟସରେ ଋଣ ନେବା ଏକପ୍ରକାର ଲାଭଦାୟକ। କାରଣ ଏହି ସମୟରେ ଅନାବଶ୍ୟକ ଖର୍ଚ୍ଚ ବଢ଼ିଥାଏ। ଋଣ ନେଲେ ଆପଣଙ୍କର ପରିଶୋଧର ଚିନ୍ତା ରହିବ ଏବଂ ଆପଣ ଅଯଥା ଖର୍ଚ୍ଚକୁ ଏଡ଼ାଇବେ। ଯୁବାବସ୍ଥାରେ ଋଣ ଆବେଦନ କଲେ ଆପଣ ଶୁଝିବା ଲାଗି ଦୀର୍ଘ ଅବଧି ପାଇପାରିବେ।

ତେବେ ଗୃହଋଣ ପାଇଁ ଋଣଦାତାଙ୍କର ବିଭିନ୍ନ ବୟସ ସୀମା ଥାଏ। ଅନେକ ଋଣଦାତା ୪୦ ଓ ୫୦ ବର୍ଷ ବୟସର ଋଣଗ୍ରହୀତାଙ୍କୁ ଗୃହ ଋଣ ପାଇଁ ମଧ ଅନୁମତି ଦିଅନ୍ତି। ତଥାପି ଏହା ଋଣଦାତାଙ୍କ ଦ୍ୱାରା ସ୍ଥିରୀକୃତ ବୟସ ସୀମା ଉପରେ ନିର୍ଭର କରେ। ଋଣ ଅବଧି ପରେ ଆପଣଙ୍କ ସର୍ବାଧିକ ବୟସ ସୀମା ୬୫ ବର୍ଷ ଅତିକ୍ରମ କରିପାରିବ ନାହିଁ। ଏହାସହିତ, ୪୦ କିମ୍ବା ୫୦ ବର୍ଷ ବୟସରେ ଗୃହ ଋଣ ନେବାର ଅନେକ ସୁବିଧା ଅଛି। ଉଦାହରଣସ୍ୱରୂପ, ଯଦି ଆପଣ ୪୦-୫୦ ବର୍ଷ ବୟସରେ ଋଣ ନିଅନ୍ତି, ତେବେ ଆପଣ ଅଧିକ ଡାଉନ୍ ପେମେଣ୍ଟ ଦେବା ପାଇଁ ଯଥେଷ୍ଟ ସଞ୍ଚୟ କରିସାରିଥିବେ। ଏକ ବଡ଼ ପୁଞ୍ଜିକୁ ଡାଉନ୍ ପେମେଣ୍ଟ ଭାବେ ରଖିବା ଦ୍ୱାରା ଗୃହଋଣ ଉପରେ କମ୍ ସୁଧ ହାରର ଲାଭ ଉଠାଇପାରିବେ। କିନ୍ତୁ ପ୍ରାୟତଃ ୫୦ ବର୍ଷ ପରେ କୌଣସି ନୂଆ ଋଣ ନ ନେବାକୁ ପରାମର୍ଶ ଦିଆଯାଏ।

**ଗୃହ ଋଣ ପାଇଁ ଆବେଦନ କରିବା ପୂର୍ବରୁ:**

- ଆପଣଙ୍କର ଭବିଷ୍ୟତ ପାଇଁ ଏକ ସ୍ଥିର ଆୟ ଉତ୍ସ ଓ ସୁରକ୍ଷିତ ଆର୍ଥିକ ଅବସ୍ଥା ଅଛି କି ନାହିଁ, ତାହା ନିଶ୍ଚିତ କରିବାକୁ ପଡ଼ିବ।
- ଆପଣଙ୍କ ପରିବାରର ଆକାର କେତେ?
- ଆପଣ କେତେ ରୋଜଗାର କରନ୍ତି?
- ଆପଣଙ୍କ ଚାକିରିରେ ସ୍ଥାନାନ୍ତରଣ ଅଛି କି?

ପ୍ରଥମେ ଏସବୁ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ। ଆପଣ କେଉଁ ପ୍ରକାରର ଘର କିଣିପାରିବେ ଏବଂ ବର୍ତ୍ତମାନ ଗୃହଋଣ ନେବା ପାଇଁ ଉପଯୁକ୍ତ ସମୟ କି ନାହିଁ ତାହା ଜାଣିବା ଲାଗି ଇଏମ୍‌ଆଇ କାଲ୍‌କୁଲେଟର୍ ବ୍ୟବହାର କରନ୍ତୁ। ଏହାଦ୍ୱାରା ଋଣ ପାଇବା ଓ ଆପଣଙ୍କ ସ୍ୱପ୍ନର ଘର କିଣିବା ପାଇଁ ଉପଯୁକ୍ତ ବୟସ ତଥା ସମୟ, ସଠିକ୍ ଯୋଜନା, ଆୟ, ସଞ୍ଚୟ ଓ ପରିଶୋଧ କ୍ଷମତା ନିର୍ଣ୍ଣୟ କରାଯାଇପାରିବ।



# କ୍ୱାଣ୍ଟମ୍ କମ୍ପ୍ୟୁଟିଂରେ ବି ଚୀନର ଆଧିପତ୍ୟ!

ଚୀନ୍‌ର ହେଫେଇ ସ୍ଥିତ ଚୀନ୍ ବିଜ୍ଞାନ ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟର ଗବେଷକମାନେ ନିକଟରେ ଏଭଳି ଏକ କ୍ୱାଣ୍ଟମ୍ ପ୍ରସେସିଂ ୟୁନିଟ୍ (କ୍ୟୁପିୟୁ) ବିକଶିତ କରିଛନ୍ତି, ଯାହା ବିଶ୍ୱର ସବୁଠୁ ଶକ୍ତିଶାଳୀ ସୁପରକମ୍ପ୍ୟୁଟର ଅପେକ୍ଷା ଶହେ ନିୟୁତ କୋଟି (୧୦ର ୧୫ ଘାତ) ବା ଏକ କ୍ୱାଡ୍ରିଅନ୍ ଗୁଣ ଦ୍ରୁତତର ବୋଲି ଦାବି କରାଯାଉଛି। 'ଜୁକୋଙ୍ଗଝି ୩.୦' ନାମକ ଏହି ୧୦୫-କ୍ୟୁବିଟ୍ ଚିପ୍‌ରେ ସୁପରକଣ୍ଡକ୍ଟିଙ୍ଗ୍ କ୍ୟୁବିଟ୍‌ସ ବ୍ୟବହୃତ ହୋଇଛି, ଯାହା କ୍ୱାଣ୍ଟମ୍ କମ୍ପ୍ୟୁଟିଂ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି। ଗତ ଡିସେମ୍ବର ମାସରେ ଗୁଗଲ୍ ଦ୍ୱାରା ନିର୍ମିତ କମ୍ପ୍ୟୁଟର 'ୱିଲୋ କ୍ୟୁପିୟୁ'ର କାର୍ଯ୍ୟଦକ୍ଷତାକୁ ବୈଜ୍ଞାନିକମାନେ ସର୍ବୋତ୍ତମ କ୍ୱାଣ୍ଟମ୍ ପ୍ରଦର୍ଶନ ବୋଲି ସ୍ୱୀକାର କରିଥିବା ବେଳେ 'ଜୁକୋଙ୍ଗଝି ୩.୦' ତାହାଠାରୁ ଏକ ନିୟୁତ ଗୁଣ ଅଧିକ ଦ୍ରୁତତର। ଏହା ଏକ ୩୨ ସ୍ତରୀୟ ୮୩-କ୍ୱିବିଟ୍ ରାଣ୍ଡମ୍ ସର୍କିଟ୍ ସାମ୍ପଲିଂ(ଆର୍‌ସିଏସ୍) କାର୍ଯ୍ୟକୁ କେଇ ସେକେଣ୍ଡ୍‌ରେ ପୂରା କରିଦେଇପାରୁଛି। ସେହିପରି ବିଶ୍ୱର ଦ୍ୱିତୀୟ ଦ୍ରୁତତମ ସୁପରକମ୍ପ୍ୟୁଟର 'ଫ୍ରଣ୍ଟିଅର'କୁ ସମାନ କାର୍ଯ୍ୟ କରିବା ପାଇଁ ୫୯୦ କୋଟି ବର୍ଷ ଲାଗିଯିବ ବୋଲି ଗଣନା କରାଯାଇଛି। ଏଥିରୁ 'ଜୁକୋଙ୍ଗଝି ୩.୦' କେତେ ଦ୍ରୁତକ୍ଷମ, ତାହା ସହଜରେ ଅନୁମେୟ।

ଚୀନୀ ବୈଜ୍ଞାନିକମାନଙ୍କ କହିବାନୁସାରେ, ଏହି ଉଦ୍ୟମ କେବଳ କ୍ୱାଣ୍ଟମ୍ କମ୍ପ୍ୟୁଟିଂର ସୀମାକୁ ପରିବ୍ୟାପ୍ତ କରିନାହିଁ, ବରଂ ଏଥି ସହିତ ଏକ ନୂତନ ଯୁଗର ମୂଳଦୁଆ ପକାଇଛି, ଯେଉଁଠି କ୍ୱାଣ୍ଟମ୍ ପ୍ରସେସରଗୁଡ଼ିକ ବାସ୍ତବ-ବିଶ୍ୱ ଆହ୍ୱାନର ମୁକାବିଲାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ।




# ବିଶ୍ୱର ପ୍ରଥମ ସ୍ୱୟଂସଂପୂର୍ଣ୍ଣ ଏଆଇ ଏଜେଣ୍ଟ



**ଚୀନରେ ନିର୍ମିତ ସଂପୂର୍ଣ୍ଣ ସ୍ୱୟଂଚାଳିତ ଏଆଇ 'ମାନୁଷ' ଅନେକ ସମ୍ଭାବନା ଲାଗି ବାଟ ଫିଟାଇଥିବା ବେଳେ ନିଯୁକ୍ତି କ୍ଷେତ୍ରରେ ଛଟେଇର ବିପଦ ନେଇଆସିଛି**

ଦଳେ ଚୀନୀ ସଫ୍ଟୱେର ଇଞ୍ଜିନିଅର ବିଶ୍ୱର ପ୍ରଥମ ସଂପୂର୍ଣ୍ଣ ସ୍ୱୟଂଚାଳିତ ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ଏଜେଣ୍ଟ୍ ବିକଶିତ କରିଛନ୍ତି। 'ମାନୁଷ' ନାମକ ଏହି ଏଜେଣ୍ଟ କୌଣସି ମାନବୀୟ ପରାମର୍ଶ ବିନା ସ୍ୱାଧୀନ ଭାବରେ ବିଭିନ୍ନ ପ୍ରକାର ଜଟିଳ କାର୍ଯ୍ୟ ସଂପାଦନ କରିବାକୁ ସକ୍ଷମ ବୋଲି ସେମାନେ ଦାବି କରିଛନ୍ତି।

ଚାଟ୍‌ଜିପିଟି ହେଉ କି ଗୁଗଲ୍‌ର ଜେମିନି ହେଉ କି ଗ୍ରକ୍ ହେଉ, ଏ ସବୁ ଏଆଇ କୌଣସି କାର୍ଯ୍ୟ କରିବା ପାଇଁ ମନୁଷ୍ୟର ହସ୍ତକ୍ଷେପ ବା ମାର୍ଗଦର୍ଶନ ଲୋଡ଼ିଥା'ନ୍ତି। ମାତ୍ର 'ମାନୁଷ' ମନକୁ ମନ ବିଭିନ୍ନ ପ୍ରକାର ନିଷ୍ପତ୍ତି ନେଇଥାଏ ଏବଂ ସୁଚାରୁରୂପେ ସ୍ୱାଧୀନ ଭାବେ କାର୍ଯ୍ୟ ସଂପନ୍ନ କରିଥାଏ। ତା' ପାଇଁ କାହାଠାରୁ କୌଣସି ନିର୍ଦ୍ଦେଶ କି ସୂଚନାର ଆବଶ୍ୟକତା ପଡ଼େ ନାହିଁ। ଉଦାହରଣ ସ୍ୱରୂପ, ତା'କୁ ଯଦି 'ମୋ ପାଇଁ ଭଲ ଘରଟିଏ ଖୋଜିଦିଅ' ବୋଲି ନିର୍ଦ୍ଦେଶ ଦିଆଯାଏ, ତେବେ ସେ ନିଜେ ଅନ୍ୱେଷଣ ଚଳାଇ ଏବଂ ଘର ଉପଲବ୍ଧ ଥିବା ବିଭିନ୍ନ ଅଞ୍ଚଳର ଅପରାଧ ହାର, ପାଣିପାଗ ଓ ବଜାର ଦୂରତା ପରି ବହୁବିଧ ପ୍ରସଙ୍ଗକୁ ବିଚାରକୁ ନେଇ ସର୍ବୋତ୍କୃଷ୍ଟ ଘରଟିଏ ବାଛିପାରିବ। କେବଳ ଗୋଟିଏ ଏଆଇ ମଡେଲ ଭାବେ କାମ କରିବା ପରିବର୍ତ୍ତେ 'ମାନୁଷ' ଏକାଧିକ ବିଶେଷଜ୍ଞ ଏଜେଣ୍ଟଙ୍କ ମ୍ୟାନେଜର୍ ପରି କାର୍ଯ୍ୟ କରିଥାଏ। ତାହାର ଏହି ବୈଶିଷ୍ଟ୍ୟ ଯୋଗୁଁ ସେ ଏକାଧିକ ଜଟିଳ କାର୍ଯ୍ୟକୁ ସହଜରେ ତୁଲାଇପାରେ। ଅଧିକନ୍ତୁ ଏହା ପ୍ରଚ୍ଛଦରେ କାର୍ଯ୍ୟଗୁଡ଼ିକୁ ସମାପ୍ତ କରେ ଏବଂ ନିରନ୍ତର ମାନବୀୟ ତଦାରଖ ବିନା କେବଳ ଫଳାଫଳ ପ୍ରସ୍ତୁତ ହେଲେ ହିଁ ବ୍ୟବହାରକାରୀଙ୍କୁ ସୂଚିତ କରିଥାଏ।

ଅଧିକାଂଶ ଏଆଇ କୌଣସି କାର୍ଯ୍ୟ ଆରମ୍ଭ କରିବା ପାଇଁ ମଣିଷ ଉପରେ ମାତ୍ରାଧିକ ନିର୍ଭର କରୁଥିବା ବେଳେ ସେ ଦିଗରେ 'ମାନୁଷ' ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରିଛି। ସ୍ୱୟଂସଂପୂର୍ଣ୍ଣ ଏଆଇ ବାସ୍ତବତାରେ ପରିଣତ ହେବା ପରେ ଏହା ଅନେକ ରୋମାଞ୍ଚକର ସମ୍ଭାବନା ଲାଗି ବାଟ ଫିଟାଇଥିବା ବେଳେ ନିଯୁକ୍ତି କ୍ଷେତ୍ରରେ ଛଟେଇର ବିପଦ ନେଇଆସିଛି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ୨୦୨୩ରେ ଚୀନ୍ 'ଡିପ୍‌ସିକ୍' ପରି ଏଆଇ ବିକଶିତ ହେବାର ମାତ୍ର ବର୍ଷକ ପରେ 'ମାନୁଷ'ର ଉନ୍ମୋଚନ 'ଏଆଇ' ବିକାଶରେ ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବେ ବିବେଚିତ ଆମେରିକା ଲାଗି ଆହ୍ୱାନ ଛିଡ଼ା କରିଛି। ତେବେ ଏହି ଅଭିନବ ଏଆଇ ଏଜେଣ୍ଟ କର୍ମଜୀବୀମାନଙ୍କ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ଏହା ସେମାନଙ୍କର କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବା ପରିବର୍ତ୍ତେ ସେମାନଙ୍କ ସ୍ଥାନ ନେବାରେ ସକ୍ଷମ ହୋଇପାରେ। ସୁତରାଂ ଏହାର ବ୍ୟବହାର ନେଇ କେତେକ ନୈତିକ ତଥା ନିୟାମକ ପ୍ରଶ୍ନ ସୃଷ୍ଟି ହେବା ସ୍ୱାଭାବିକ।

